ଶ୍ରୀମଦ୍‌ଭଗବଦ୍‌ଗୀତା
ପଦ୍ୟାନୁବାଦ

ଶ୍ରୀମଦ୍‌ଭଗବଦ୍‌ଗୀତା

ପଦ୍ୟାନୁବାଦ

ଅନୁବାଦକ

ପ୍ରଫେସର ଡଃ ଲଳିତ ମୋହନ ଆଚାର୍ଯ୍ୟ

ପ୍ରକାଶିକା
ଶ୍ରୀମତୀ ଆରତି ଆଚାର୍ଯ୍ୟ
ଏ - ୦/୬, ଚନ୍ଦ୍ରମା କମ୍ପ୍ଲେକ୍ସ
ୟୁନିଟ - ୩, ଖାରବେଳ ନଗର,
ଭୁବନେଶ୍ୱର - ୭୫୧୦୦୧.
ଫୋନ୍ - (୦୬୭୪)୨୫୩୦୮୦୯
ମୋବାଇଲ୍ - ୦୯୪୩୭୧୦୬୩୩୨

ପ୍ରଥମ ସଂସ୍କରଣ - ୦୯.୧୧.୨୦୦୯ - ସଂଖ୍ୟା ୧୦୦୦
ଦ୍ୱିତୀୟ ସଂସ୍କରଣ - ୦୧.୦୧.୨୦୧୩ - ସଂଖ୍ୟା ୪୦୦୦
ତୃତୀୟ ସଂସ୍କରଣ - ୧୫.୧୦.୨୦୧୮ - ସଂଖ୍ୟା ୧୦୦୦

ମୁଦ୍ରଣ:

ମୂଲ୍ୟ :

Publisher
Smt. Arati Acharya
A-0/6, Chandrama Complex,
Unit-3, Kharavelanagar,
Bhubaneswar - 751001
Ph. No. - (0674) 2530809
Mob. No. - 9437106332

1st Edition: 09.11.2009 - 1000 Nos.
2nd Edition: 01.01.2013 - 4000 Nos.
3rd Ediction:15.102018 - 1000 Nos.

Printed at:
Nabagouranga Press, Patia, Bhubaneswar
Price : Daily Study

ସ୍ୱାମୀ ଶିବାନନ୍ଦ ସରସ୍ୱତୀ

ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ଶ୍ରୀମଦ୍‌ଭଗବଦ୍‌ଗୀତାର ଓଡିଆ ପଦ୍ୟାନୁବାଦକୁ

ପୂଜ୍ୟ ଗୁରୁଦେବ ଶ୍ରୀ ସ୍ୱାମୀ ଶିବାନନ୍ଦ ମହାରାଜ

ଓ

ପୂଜ୍ୟ ଗୁରୁଦେବ ଶ୍ରୀ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ

ପରମ ଭକ୍ତିସହ

ଉତ୍ସର୍ଗ କଲି ।

(Oriya translation in poetry form of
The Bhagavad Gita
is dedicated to
Revered Gurudev Swami Sivananda Saraswati
and
Revered Gurudev Swami Chidananda Saraswati)

ପ୍ରଥମ ସଂସ୍କରଣ ମୁଖବନ୍ଧ

ଶ୍ରୀମଦ୍‌ଭଗବଦ୍‌ଗୀତା ହିନ୍ଦୁମାନଙ୍କର ଏକ ପବିତ୍ର ଧର୍ମଗ୍ରନ୍ଥ । ଏଥିରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନ ମାଧ୍ୟମରେ ଯେଉଁସବୁ ଉପଦେଶ ପ୍ରଦାନ କରାଯାଇଛି ତାକୁ ମନୁଷ୍ୟ ଅନୁସରଣ କଲେ ତା'ର ଜୀବନ ନିଶ୍ଚିତ ଭାବରେ ସାର୍ଥକ ହୋଇଯିବ । ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବାଲାଗି ଶ୍ରୀମଦ୍‌ଭଗବଦ୍‌ଗୀତାର ଆବଶ୍ୟକତା ଅପରିହାର୍ଯ୍ୟ । ମାତ୍ର ଗୀତା ଶାସ୍ତ୍ର ସଂସ୍କୃତ ଭାଷାରେ ଲିପିବଦ୍ଧ ହୋଇଥିବାରୁ ସଂସ୍କୃତ ପଣ୍ଡିତମାନଙ୍କ ବ୍ୟତୀତ ଅନ୍ୟ ସାଧାରଣ ଓଡ଼ିଆ ଭାଷୀ ନରନାରୀମାନେ ଏଥିରେ ଥିବା ଶ୍ରୀକୃଷ୍ଣଙ୍କର ଅମୂଲ୍ୟ ଉପଦେଶମାନ ବୁଝିବା ଲାଗି ଅସମର୍ଥ । ଗୀତାରେ ଥିବା ଉପଦେଶମାନ ମନୁଷ୍ୟ ଜୀବନରେ ପାଳନ କଲେ ତାର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ ଭାବରେ ସମ୍ଭବ । ଏଣୁ ଗୀତାରେ କ'ଣ ଅଛି ତାକୁ ଓଡ଼ିଆ ନରନାରୀଙ୍କୁ ଅବଗତ କରାଇବା ଲାଗି ଗୀତାଶାସ୍ତ୍ରକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ଇଚ୍ଛା ଜାଗ୍ରତ ହେଲା । ଗୀତାଶାସ୍ତ୍ରକୁ ବୁଝି ଓଡ଼ିଆ ନରନାରୀଗଣ ଯଦି ନିଜ ଜୀବନରେ ପାଳନ କରନ୍ତି ତାହାହେଲେ ସେମାନଙ୍କର ବ୍ୟକ୍ତିଗତ ସ୍ତରରେ ସର୍ବାଙ୍ଗୀନ ଉନ୍ନତି ସର୍ବାଦୌ ସମ୍ଭବ ଏବଂ ସର୍ବୋପରି ଓଡ଼ିଆ ଜାତି ମଧ୍ୟ ସତଃ ଉନ୍ନତି ମାର୍ଗରେ ଅଗ୍ରସର ହୋଇପାରିବ । ଗୀତା ଶାସ୍ତ୍ରର ଅନୁବାଦ ଗଦ୍ୟ କିମ୍ବା ପଦ୍ୟରେ ସମ୍ଭବ । ଗଦ୍ୟ ଅପେକ୍ଷା ପଦ୍ୟ ଅଧିକ ହୃଦୟସ୍ପର୍ଶୀ ହୋଇଥିବାରୁ, ଏହାକୁ ପଦ୍ୟ ଆକାରରେ ଅନୁବାଦ କରାହେଲା। ଗୀତାର ଅଧିକାଂଶ ଶ୍ଲୋକରେ ଅକ୍ଷର ସଂଖ୍ୟା ହେଉଛି ୩୨ । ପଦ୍ୟାନୁବାଦ ୩୬ ଅକ୍ଷରରେ କରାହୋଇଛି । ପଦ୍ୟାନୁବାଦ କଲାବେଳେ ମୂଳ ଶ୍ଲୋକରେ ଯାହା ଅଛି ତାକୁ ହିଁ କେବଳ ଅନୁବାଦ କରି ଲେଖା ହୋଇଛି । ମନରୁ କୌଣସି ଭିନ୍ନ କଥା ଲେଖା ହୋଇନାହିଁ । ଯତିପାଦ ପାଇଁ ସମସ୍ୟା ଉପୁଜିଲା ବେଳେ କେତେକ ସ୍ଥାନରେ କୃଷ୍ଣ, ଦାମୋଦର, ଅର୍ଜୁନ, ଗୁଡ଼ାକେଶ ପରି ଶବ୍ଦ ବ୍ୟବହାର କରାଯାଇଛି ଯାହାଦ୍ୱାରା ମୂଳ ସଂସ୍କୃତ ଶ୍ଲୋକର ଅର୍ଥର ପରିବର୍ତ୍ତନ ହୋଇନାହିଁ । ମନୁଷ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶୈଶବ, ଯୌବନ ଓ ବୃଦ୍ଧ ଅବସ୍ଥା ଦେଇ ଗତି କରିଥାଏ । ସାଧାରଣତଃ ଶୈଶବ ଓ ଯୌବନ କାଳରେ ମନୁଷ୍ୟ ଆଧ୍ୟାତ୍ମିକ ମାର୍ଗପ୍ରତି ବିଶେଷ ଆଗ୍ରହ ପ୍ରକାଶ କରି ନ ଥାଏ । କିନ୍ତୁ ଯେତେବେଳେ ସେ ସଂସାରରେ ରହି ଘାତ ପ୍ରତିଘାତ ସହି କ୍ଷତ ବିକ୍ଷତ ହୋଇ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୁଏ ସେତେବେଳେ ଆତ୍ମକଲ୍ୟାଣ ପାଇଁ ଆଧ୍ୟାତ୍ମିକ ମାର୍ଗ ପ୍ରତି ଆଗ୍ରହ ଜନ୍ମିବାର ଦେଖାଯାଏ । ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କରିବା ଲାଗି ଯେଉଁ ସାଧନା ଦରକାର ଓ ସେଥିଲାଗି ଯେଉଁ ସାମର୍ଥ୍ୟ ଦରକାର, ବାର୍ଦ୍ଧକ୍ୟ ଅବସ୍ଥାରେ ମନୁଷ୍ୟର ତାହା ନ ଥାଏ । ଏପରିକି କୌଣସି ଧର୍ମଶାସ୍ତ୍ର ପଢ଼ିବା ଲାଗି ମଧ୍ୟ ତାର ଦୃଷ୍ଟିଶକ୍ତି ପର୍ଯ୍ୟାପ୍ତ ନ ଥାଏ। ଏହାକୁ ଆଖି ଆଗରେ ରଖି ଗୀତାର ମୂଳଶ୍ଲୋକ ଓ ପଦ୍ୟାନୁବାଦକୁ ଯଥା ସମ୍ଭବ ବଡ଼ ଅକ୍ଷରରେ ମୁଦ୍ରଣ କରାଯାଇଛି ।

ଏହି ପୁସ୍ତିକାର ବାମପାର୍ଶ୍ୱ ପୃଷ୍ଠାରେ ଗୀତାର ସଂସ୍କୃତ ମୂଳ ଶ୍ଲୋକକୁ ଛପା ଯାଇଅଛି । ଦକ୍ଷିଣପାର୍ଶ୍ୱ ପୃଷ୍ଠାରେ ପ୍ରତ୍ୟେକ ସଂସ୍କୃତ ଶୋକ୍ଲର ପଦ୍ୟାନୁବାଦ ନବାକ୍ଷରୀ ଛନ୍ଦରେ ଲିପିବଦ୍ଧ କରାହୋଇଛି । ଗୀତାର ଅଧ୍ୟାୟ ସଂଖ୍ୟା, ଅଧ୍ୟାୟର ଶ୍ଲୋକ ସଂଖ୍ୟା ଓ ଗୀତାର ମୂଳରୁ ଅଧ୍ୟାୟର ସେହି ଶ୍ଲୋକ ପର୍ଯ୍ୟନ୍ତ ସମୁଦାୟ ଶ୍ଲୋକ ସଂଖ୍ୟାକୁ ଶ୍ଲୋକମାନଙ୍କର କ୍ରମିକ ସଂଖ୍ୟା ରୂପେ ସ୍ଥିରୀକୃତ ହୋଇଛି । ଉଦାହରଣସ୍ୱରୂପ ଗୋଟିଏ ଶ୍ଲୋକର କ୍ରମିକ ସଂଖ୍ୟା ହେଉଛି ୧୦।୨୨।୩୯୪। ଏହି କ୍ରମିକ ସଂଖ୍ୟାର ପ୍ରଥମ ସଂଖ୍ୟା ହେଉଛି ୧୦ । ଏହା ହେଉଛି ଅଧ୍ୟାୟ ସଂଖ୍ୟା । ଦ୍ୱିତୀୟ ସଂଖ୍ୟାଟି ହେଉଛି ୨୨ ଯାହାକି ଦଶମ ଅଧ୍ୟାୟର ଶ୍ଲୋକ ସଂଖ୍ୟା । ତୃତୀୟ ସଂଖ୍ୟାଟି ହେଉଛି ୩୯୪ ଯାହାକି ଗୀତାର ପ୍ରଥମ ଅଧ୍ୟାୟରୁ ଦଶମ ଅଧ୍ୟାୟର ୨୨ ନମ୍ବର ଶୋକ୍ଲ ପର୍ଯ୍ୟନ୍ତ ସମୁଦାୟ ଶ୍ଲୋକ ସଂଖ୍ୟା । ତେଣୁ ପାଠକ ଯେ କୌଣସି ଶ୍ଲୋକ ପଢ଼ିଲେ ତାହା କେଉଁ ଅଧ୍ୟାୟର, ସେହି ଅଧ୍ୟାୟର କେତେ ନମ୍ବର ଶ୍ଲୋକ ଏବଂ ମୂଳରୁ ସେହି ଶୋକ୍ଲ ପର୍ଯ୍ୟନ୍ତ ଶ୍ଲୋକ ସଂଖ୍ୟା କେତେ ସହଜରେ ଜାଣି ପାରିବେ । ଏହି ପୁସ୍ତିକାଟି ଓଡ଼ିଆ ସମାଜର ପ୍ରତ୍ୟେକ ଶ୍ରେଣୀର ପାଠକମାନଙ୍କ ପାଇଁ ଉପଯୋଗୀ ହେବା ଭଳି ଲେଖା ହୋଇଛି ।

ବ୍ରହ୍ମପୁର ମେଡ଼ିକାଲ୍ କଲେଜର ଆସୋସିଏଟ୍ ପ୍ରଫେସର ଡ଼ାକ୍ତର ସଦାନନ୍ଦ ରଥ ଏହି ପୁସ୍ତିକାର ପଦ୍ୟାନୁବାଦକୁ ବହୁ ପରିଶ୍ରମ କରି ଆମୂଳଚୂଳ ସଂଶୋଧନ କରିଥିବାରୁ ତାଙ୍କ ପାଖରେ ମୁଁ ଚିରକୃତଜ୍ଞ । ଡ଼ି.ଟି.ପି. କାର୍ଯ୍ୟରେ ପ୍ରତ୍ୟକ୍ଷ ସହଯୋଗ ପାଇଁ ମୋର ପୁତ୍ର ପ୍ରଜ୍ଞାନଂବ୍ରହ୍ମ ଧନ୍ୟବାଦାର୍ହ । ଏହି କାର୍ଯ୍ୟ ପାଇଁ ମୋର ଶ୍ୟାଳକ ଡ଼ାକ୍ତର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପ୍ରେରଣା ଅବିସ୍ମରଣୀୟ । ଏହି ପୁସ୍ତିକା ପ୍ରକାଶନରେ ଯେଉଁମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଛନ୍ତି ସେ ସମସ୍ତଙ୍କୁ ମୁଁ ଅନ୍ତରର ସହିତ ଧନ୍ୟବାଦ ଅର୍ପଣ କରୁଛି ।

ପୁସ୍ତିକାର ପଦ୍ୟାନୁବାଦରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତାହାହେଲେ ସୁଧୀ ପାଠକବୃନ୍ଦ ନିଃସଙ୍କୋଚରେ ମୋତେ ଜଣାଇବାକୁ ଅନୁରୋଧ । ପୁସ୍ତିକାଟିର ଅଧିକ ଉପଯୋଗିତା ଲାଗି ଯଦି କୌଣସି ପ୍ରସ୍ତାବ ଥାଏ ତାହା ମଧ୍ୟ ଜଣାଇବାକୁ ସବିନୟ ଅନୁରୋଧ। ଓଡ଼ିଆ ପାଠକମାନଙ୍କ ଦ୍ୱାରା ଏ ପୁସ୍ତିକାଟି ଗ୍ରହଣୀୟ ହେଲେ ଗୀତାରେ ଶ୍ରୀକୃଷ୍ଣଙ୍କ ଉପଦେଶର ପ୍ରଚାର ଓ ପ୍ରସାର ପାଇଁ ମୋର ଶ୍ରମ ସାର୍ଥକ ହେଲା ବୋଲି ଭାବିବି ।

ଭୁବନେଶ୍ୱର
ତା ୯।୧୧।୨୦୦୯

ପ୍ରଫେସର ଡ଼ଃ ଲଳିତ ମୋହନ ଆଚାର୍ଯ୍ୟ
Email : acharya6976@yahoo.com

ଅଭିମତ

ଶ୍ରୀମଦ୍‌ଭଗବଦ୍‌ଗୀତା ଅଧ୍ୟାତ୍ମବିଦ୍ୟାର ସ୍ୱୟଂସିଦ୍ଧ ଅଦ୍ୱିତୀୟ ପ୍ରାମାଣିକ ଗ୍ରନ୍ଥ। ଏହା ଅଧ୍ୟାତ୍ମଯାତ୍ରାର ଅନନ୍ତମାର୍ଗ ସମୂହର ସମନ୍ୱୟ ଯୁକ୍ତ । ପୁଣି ଅଧ୍ୟାତ୍ମର ଅନ୍ତର୍ଯାତ୍ରାକାଳରେ ଯାତ୍ରୀଟି ତାହାର ପ୍ରତ୍ୟେକ କ୍ରମୋଚ୍ଚ ସୋପାନ ଶ୍ରେଣୀରେ ନିଜ କ୍ରମବର୍ଦ୍ଧିଷ୍ଣୁ ଅନ୍ତର୍ବୋଧ ଅନୁସାରେ ଆବଶ୍ୟକ ଜ୍ଞାନ ଓ ଶକ୍ତି ଏଥିରୁ ଆହରଣ କରି ଆଗକୁ ଆଗକୁ ମାଡ଼ିଯିବାରେ ସକ୍ଷମ ହୁଏ ।

ଶ୍ରୀମଦ୍‌ଭଗବଦ୍‌ଗୀତାର ଅନନ୍ତ ବ୍ୟାଖ୍ୟା ଓ ଅନୁବାଦ ରହିଛି। ଏହାର ପ୍ରତ୍ୟେକ ଶ୍ଲୋକ ତଥା ଶ୍ଲୋକସ୍ଥ ନିଗୂଢ଼ତା ଅଦ୍ୟାବଧି ଆହୁରି ଅନେକ ନୂତନତର ଭାବ ପ୍ରଦାନରେ ସମର୍ଥ । ଏପରି ଏକ ମହାନ୍ ଗ୍ରନ୍ଥର ସରଳ ଓଡିଆ ଭାଷାରେ ପଦ୍ୟାନୁବାଦ କରିବା ଲାଗି ପ୍ରଚେଷ୍ଟା କରିଥିବାରୁ ଅନୁବାଦକ ପ୍ରଶଂସାର୍ହ । ସରଳ ଚଳନୀୟ ଓଡ଼ିଆ ଭାଷାରେ ଚିତ୍ତାକର୍ଷିତ ବହୁଳ ଆଦୃତ ନବାକ୍ଷରୀ ଛନ୍ଦରେ ଗୀତାର ଶ୍ଲୋକ ସଂଖ୍ୟା ସହ ତାଳଦେଇ ଲେଖା ହୋଇଥିବା ଏହି "ସପ୍ତଶତ ନବାକ୍ଷରୀ" ଓଡ଼ିଆ ଅଧ୍ୟାତ୍ମ ବାଙ୍ମୟରେ ଉଜ୍ଜ୍ୱଳ ନକ୍ଷତ୍ର । ଗୀତାପ୍ରେମୀ ଓଡ଼ିଆଭାଷୀମାନଙ୍କ ପାଇଁ ଏ ପୁସ୍ତିକା ଏକ ଅମୂଲ୍ୟ ସହଯୋଗୀ ହେବ।

ଓଁ କୃଷ୍ଣାର୍ପଣମସ୍ତୁ ।ଓଁ।

ଡ଼ଃ ସଦାନନ୍ଦ ରଥ

ଦ୍ୱିତୀୟ ସଂସ୍କରଣ ମୁଖବନ୍ଧ

ଶ୍ରୀମଦ୍‌ଭଗବଦ୍‌ଗୀତା ପଦ୍ୟାନୁବାଦର ପ୍ରଥମ ସଂସ୍କରଣ ପାଠକମାନଙ୍କ ଦ୍ୱାରା ଆଦୃତ ହୋଇଥିବାରୁ ମୁଁ ସେମାନଙ୍କ ପାଖରେ କୃତଜ୍ଞ । ତେବେ ଅନେକ ଶୁଭେଚ୍ଛୁ ପାଠକ ପଦ୍ୟାନୁବାଦରେ କେତେକ ତୃଟି, ବନାନ ଅଶୁଦ୍ଧି ଇତ୍ୟାଦି ବିଷୟରେ ମୋତେ ଅବଗତ କରାଇଥିଲେ । ସେହି ଅନୁସାରେ ପଦ୍ୟାନୁବାଦରେ ପ୍ରଥମ ଶ୍ଲୋକଠାରୁ ଶେଷ ଶ୍ଲୋକ ପର୍ଯ୍ୟନ୍ତ ଅନେକ ସ୍ଥାନରେ ପରିବର୍ତ୍ତନ କରାଯାଇଛି ଏବଂ ବନାନ ଅଶୁଦ୍ଧିକୁ ଶୁଦ୍ଧ କରାଯାଇଛି । ଏହି ସଂଶୋଧନ କାର୍ଯ୍ୟରେ ଡଃ ସଦାନନ୍ଦ ରଥ ଓ ପଣ୍ଡିତ ମାର୍କଣ୍ଡ ଦାସଙ୍କର ସାହାଯ୍ୟ ଅବିସ୍ମରଣୀୟ । ଡିଟିପି କାର୍ଯ୍ୟରେ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସାହାଯ୍ୟ ପ୍ରଶଂସା ଯୋଗ୍ୟ । ପଦ୍ୟାନୁବାଦରେ ଅନେକ ଆଧ୍ୟାତ୍ମିକ ଏବଂ କଠିନ ଶବ୍ଦ ରହିଛି ଯାହା ସାଧାରଣ ପାଠକଙ୍କ ପକ୍ଷରେ ବୁଝିବା କଷ୍ଟସାଧ୍ୟ । ତେଣୁ ଏହାକୁ ସୁଖପାଠ୍ୟ କରିବା ପାଇଁ ପୁସ୍ତିକାର ଶେଷରେ ପରିଭାଷା ଭାବରେ ଅନେକ ଆଧ୍ୟାତ୍ମିକ ଓ କଠିନ ଶବ୍ଦମାନଙ୍କର ଅର୍ଥ ଓ ବ୍ୟାଖ୍ୟା ପ୍ରଦାନ କରାଯାଇଛି । ଆଶାକରେ ଶ୍ରୀମଦ୍‌ଭଗବଦ୍‌ଗୀତା ପଦ୍ୟାନୁବାଦର ଦ୍ୱିତୀୟ ସଂସ୍କରଣ ପ୍ରଥମ ସଂସ୍କରଣ ଅପେକ୍ଷା ଅଧିକ ଆଦୃତ ହେବ । ମୋର ହିତାକାଂକ୍ଷୀ ପାଠକମାନେ ପଦ୍ୟାନୁବାଦରେ ଯେଉଁ ତୃଟିମାନ ମୋତେ ଦର୍ଶାଇଛନ୍ତି ସେଥିପାଇଁ ମୁଁ ସେମାନଙ୍କ ପାଖରେ ଚିରଋଣୀ ହୋଇରହିଲି ।

ଭୁବନେଶ୍ୱର
ତା ୦୨।୦୨।୨୦୧୩

ପ୍ରଫେସର ଡଃ: ଲଳିତ ମୋହନ ଆଚାର୍ଯ୍ୟ
Email : acharya6976@yahoo.com

ତୃତୀୟ ସଂସ୍କରଣ ମୁଖବନ୍ଧ

ଶ୍ରୀମଦ୍‌ଭଗବଦ୍‌ଗୀତା ପଦ୍ୟାନୁବାଦର ତୃତୀୟ ସଂସ୍କରଣ ସାଧାରଣ ପାଠକମାନଙ୍କ ଅବଗତି ନିମନ୍ତେ 'ବିଶ୍ୱପ୍ରାର୍ଥନା'ର ମୂଳଲେଖା 'Universal Prayer' ଯାହାକି ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ ତାହା ସନ୍ନିବେଶିତ ହେଲା । ସଂସ୍କୃତ ଭାଷାରେ ଲିଖିତ 'ଅଥ ଗୀତା ଧ୍ୟାନମ୍' ଓ 'ଅଥ ଗୀତା ମାହାତ୍ମ୍ୟ' ର ଓଡ଼ିଆ ପଦ୍ୟାନୁବାଦ ଯୋଗ କରାଗଲା । ଏହାଦ୍ୱାରା ସାଧାରଣ ପାଠକ ଉପକୃତ ହେବେ ବୋଲି ଆଶା । ଗୀତାର ପଦ୍ୟାନୁବାଦର ପୁନଃ ତର୍ଜମା ଫଳରେ ଅନେକ ତୃଟି ଓ ଅସଂଗତି ପରିଲକ୍ଷିତ ହେଲା । ତେଣୁ ପଣ୍ଡିତମାନଙ୍କ ପରାମର୍ଶରେ ପଦ୍ୟାନୁବାଦର ଅନେକ ସ୍ଥାନରେ ପରିବର୍ତ୍ତନ କରାଯାଇଛି । ଏ ପରିପ୍ରେକ୍ଷୀରେ ପଣ୍ଡିତ ମାର୍କଣ୍ଡ ଦାସଙ୍କର ସାହାଯ୍ୟ ପାଇଁ ଅନୁବାଦକ ଚିରକୃତଜ୍ଞ । ଆଶା, ଏହି ସଂସ୍କରଣ ଦ୍ୱାରା ସାଧାରଣ ପାଠକବୃନ୍ଦ ଅଧିକ ଉପକୃତ ହେବେ । ଶ୍ରୀମଦ୍‌ଭଗବଦ୍‌ଗୀତା ସମସ୍ତଙ୍କ ଜୀବନ ଯାତ୍ରାର ପାଥେୟ ହେଉ, ଏହି କାମନାକରି ରହିଲି ।

ଭୁବନେଶ୍ୱର
ତା ୧୫।୧୦।୨୦୧୮

ପ୍ରଫେସର ଡଃ: ଲଳିତ ମୋହନ ଆଚାର୍ଯ୍ୟ
Email : acharya6976@yahoo.com

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
	ଅଥ ଗୀତା ଧ୍ୟାନମ୍	
	ବିଶ୍ୱ-ପ୍ରାର୍ଥନା	
୧ମ	ଅର୍ଜୁନ ବିଷାଦ ଯୋଗ	୧
୨ୟ	ସାଂଖ୍ୟ ଯୋଗ	୭
୩ୟ	କର୍ମ ଯୋଗ	୧୬
୪ର୍ଥ	ଜ୍ଞାନକର୍ମସନ୍ନ୍ୟାସ ଯୋଗ	୨୧
୫ମ	କର୍ମ ସନ୍ନ୍ୟାସ ଯୋଗ	୨୬
୬ଷ୍ଠ	ଆତ୍ମସଂଯମ ଯୋଗ	୩୦
୭ମ	ଜ୍ଞାନ ବିଜ୍ଞାନ ଯୋଗ	୩୬
୮ମ	ଅକ୍ଷରବ୍ରହ୍ମ ଯୋଗ	୪୦
୯ମ	ରାଜ୍ୟବିଦ୍ୟା-ରାଜଗୁହ୍ୟ ଯୋଗ	୪୪
୧୦ମ	ବିଭୂତି ଯୋଗ	୪୮
୧୧ଶ	ବିଶ୍ୱରୂପ ଦର୍ଶନ ଯୋଗ	୫୩
୧୨ଶ	ଭକ୍ତିଯୋଗ	୬୩
୧୩ଶ	କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗ ଯୋଗ	୬୬
୧୪ଶ	ଗୁଣତ୍ରୟ ବିଭାଗ ଯୋଗ	୭୦
୧୫ଶ	ପୁରୁଷୋତ୍ତମଯୋଗ	୭୪
୧୬ଶ	ଦୈବାସୁର ସମ୍ପଦ ବିଭାଗ ଯୋଗ	୭୭
୧୭ଶ	ଶ୍ରଦ୍ଧାତ୍ରୟ ବିଭାଗ ଯୋଗ	୮୦
୧୮ଶ	ମୋକ୍ଷ ସନ୍ନ୍ୟାସ ଯୋଗ	୮୪
	ଅଥ ଗୀତା ମାହାତ୍ମ୍ୟମ୍	୯୩
	ପରିଭାଷା	୯୪

ଅଥ ଗୀତା ଧ୍ୟାନମ୍

ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା ମଧ୍ୟେ ମହାଭାରତମ୍ ।
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀମଷ୍ଟାଦଶାଧ୍ୟାୟିନୀ -
ମମ୍ବ ତ୍ୱାମନୁସନ୍ଦଧାମି ଭଗବଦ୍‌ଗୀତେ ଭବଦ୍ୱେଷିଣୀମ୍ ॥ ।୧।

ନମୋଽସ୍ତୁ ତେ ବ୍ୟାସ ବିଶାଲବୁଦ୍ଧେ ଫୁଲ୍ଲାରବିନ୍ଦାୟତପତ୍ରନେତ୍ର ।
ୟେନ ତ୍ୱୟା ଭାରତତୈଲପୂର୍ଣ୍ଣଃ ପ୍ରଜ୍ୱାଲିତୋ ଜ୍ଞାନମୟଃ ପ୍ରଦୀପଃ ॥ ।୨।

ପ୍ରପନ୍ନପାରିଜାତାୟ ତୋତ୍ରବେତ୍ରୈକପାଣୟେ ।
ଜ୍ଞାନମୁଦ୍ରାୟ କୃଷ୍ଣାୟ ଗୀତାମୃତଦୁହେ ନମଃ ॥ ।୩।

ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଲନନ୍ଦନଃ ।
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ॥ ।୪।

ବସୁଦେବସୁତଂ ଦେବଂ କଂସଚାଣୂରମର୍ଦନମ୍ ।
ଦେବକୀପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ ॥ ।୫।

ଅଥ ଗୀତା ଧ୍ୟାନମ୍

ପାର୍ଥଙ୍କୁ କଲେ ଜ୍ଞାନବାନ । ଯେ ଜ୍ଞାନେ ସ୍ୱୟଂ ନାରାୟଣ ॥
ବ୍ୟାସଙ୍କ ଦ୍ୱାରା ତା ଗ୍ରଥିତ । ମହାଭାରତ ଅନ୍ତର୍ଗତ ॥
ଅଠର ଅଧ୍ୟାୟେ ବର୍ଣ୍ଣିତ । ହେ ଭଗବତ ଗୀତେ ମାତ ॥
ଅଦ୍ୱୈତ ଅମୃତ ବର୍ଷିଣୀ । ପୁନର୍ଜନ୍ମର ବିନାଶିନୀ ॥ ।୧।

ବ୍ୟାସ ତୁମ୍ଭଙ୍କୁ ନମସ୍କାର । ବିଶାଳ ବୁଦ୍ଧି ମୁନିବର ॥
କମଳ ପାଖୁଡ଼ା ନୟନ । ମହାଭାରତ ତୈଳେ ପୂର୍ଣ୍ଣ ॥
କରି ପ୍ରଦୀପ ଜ୍ଞାନମୟ । ଜ୍ୱଳନ୍ତ ଜଲ ଦୟାମୟ ॥ ।୨।

ଶରଣାଗତ - ପାରିଜାତ । ହସ୍ତେ ଯା ଜ୍ଞାନମୁଦ୍ରା, ବେତ୍ର ॥
ଦୋହକ ଗୀତା ଅମୃତର । କୃଷ୍ଣ ତୁମ୍ଭଙ୍କୁ ନମସ୍କାର ॥ ।୩।

ଉପନିଷଦ ଗାଈ ସମ । ଦୋହକ କୃଷ୍ଣ ଭଗବାନ ॥
ଅର୍ଜୁନ ବାଛୁରି, ପଣ୍ଡିତ । ପିଅନ୍ତି ଦୁଗ୍ଧ ଗୀତାମୃତ ॥ ।୪।

ହେ ପ୍ରଭୁ, ବସୁଦେବ ସୁତ । କଂସ ଚାଣୂର କରି ହତ ॥
ଦେବକୀ ପରମ ଆନନ୍ଦ । ନମଇଁ କୃଷ୍ଣ ଆଦିକନ୍ଦ ॥ ।୫।

ଭୀଷ୍ମଦ୍ରୋଣତଟା ଜୟଦ୍ରଥଜଲା ଗାନ୍ଧାରନୀଲୋତ୍ପଲା ।
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଲାକୁଲା ।
ଅଶ୍ୱତ୍ଥାମବିକର୍ଣ୍ଣଘୋରମକରା ଦୁର୍ଯ୍ୟୋଧନାବର୍ତ୍ତିନୀ ।
ସୋତ୍ତୀର୍ଣ୍ଣା ଖଲୁ ପାଣ୍ଡବୈ ରଣନଦୀ କୈବର୍ତ୍ତକଃ କେଶବଃ ॥ ।୬।

ପାରାଶର୍ଯ୍ୟବଚଃସରୋଜମମଲଂ ଗୀତାର୍ଥଗନ୍ଧୋତ୍କଟଂ ।
ନାନାଖ୍ୟାନକକେଶରଂ ହରିକଥାସମ୍ବୋଧନାବୋଧିତମ୍ ॥
ଲୋକେ ସଜ୍ଜନଷଟ୍‌ପଦୈରହରହଃ ପେପୀୟମାନଂ ମୁଦା
ଭୂୟାଦ୍‌ଭାରତପଙ୍କଜଂ କଲିମଲ ପ୍ରଧ୍ୱଂସି ନଃ ଶ୍ରେୟସେ ॥ ।୭।

ମୂକଂ କରୋତି ବାଚାଲଂ ପଙ୍ଗୁଂ ଲଙ୍ଘୟତେ ଗିରିମ୍ ।
ୟତ୍‌କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍ ॥ ।୮।

ୟଂ ବ୍ରହ୍ମା ବରୁଣେନ୍ଦ୍ରରୁଦ୍ରମରୁତଃ ସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବୈ -
ର୍ବେଦୈଃ ସାଙ୍ଗପଦକ୍ରମୋପନିଷଦୈର୍ଗାୟନ୍ତି ୟଂ ସାମଗାଃ ।
ଧ୍ୟାନାବସ୍ଥିତତଦ୍‌ଗତେନ ମନସା ପଶ୍ୟନ୍ତି ୟଂ ୟୋଗିନୋ
ୟସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ॥ ।୯।

ଭୀଷ୍ମ ଓ ଦ୍ରୋଣ ଯାହା ତଟ । ଜଳ ଯାହାର ଜୟଦ୍ରଥ ॥
ଗାନ୍ଧାର ତାର ନୀଳୋତ୍ପଳ । ଶଲ୍ୟ କୁମ୍ଭୀର ଭୟଙ୍କର ॥
କୃପ ତାହାର ଖରସ୍ରୋତ । କର୍ଣ୍ଣ ଉତ୍ତାଳ ଢେଉବତ ॥
ଅଶ୍ୱତଥାମା ଓ ବିକର୍ଣ୍ଣ । ଘୋର ମଗର ମତ୍ସ୍ୟ ସମ ॥
ଆବର୍ତ୍ତ ତାର ଦୁର୍ଯ୍ୟୋଧନ । ଏ ରଣନଦୀ ଯେ ଭୀଷଣ ॥
ପାର ହୋଇଲେ ତା'ପାଣ୍ଡବ । ଯାହାର ନାବିକ କେଶବ ॥ ।୬।

ବ୍ୟାସଙ୍କ ଶବ୍ଦ ଉଚ୍ଚାରିତ । ନିର୍ମଳ ସରୋବରେ ଜାତ ॥
ଯେ ମହାଭାରତ କମଳ । ଗୀତାର୍ଥେ ସୁଗନ୍ଧି ପ୍ରବଳ ॥
ଅନେକ ଆଖ୍ୟାନ କେଶର । ଏ ଜଳି ଜଳମଷ ହର ॥
ସଜ୍ଜନ ଭୃଙ୍ଗ ଅବିରତ । ଏହାକୁ ପାନକରି ପ୍ରୀତ ॥
ହରି ଆଖ୍ୟାନେ ଏ ବିଖ୍ୟାତ । ସଭିଙ୍କ ପାଇଁ ହେଉ ହିତ ॥ ।୭।

ଯାହା କୃପାରୁ ମୂକଜନ । ବାଚାଳ ହୁଅଇ ତକ୍ଷଣ ॥
ପଙ୍ଗୁ ଯେ ଲଙ୍ଘିଯାଏ ଗିରି । ଯାହା କୃପାରୁ ଆହେ ହରି ॥
ପରମ ଆନନ୍ଦ ମାଧବ । ବନ୍ଦଇ ପୟରେ ମୁଁ ତବ ॥ ।୮।

ଯାହାଙ୍କୁ ପ୍ରଶଂସା କରିଣ । ବ୍ରହ୍ମା ଓ ମରୁତ ବରୁଣ ॥
ଇନ୍ଦ୍ର ଆବର ମହାଦେବ । କରନ୍ତି ଗାନ ଦିବ୍ୟ ସ୍ତବ ॥
ଯାହାଙ୍କ ପାଇଁ ସାମବେଦୀ । ଉପନିଷଦ ବେଦ ଆଦି ॥
ବେଦର ଅଙ୍ଗ, ପଦ, କ୍ରମ । ସହିତ କରନ୍ତି ଗାୟନ ॥
ଯାହାର ଅନ୍ତ କେହିହେଲେ । ଜାଣନ୍ତି ନାହିଁ ସୁରାସୁରେ ॥
ଯାହାଙ୍କୁ ଯୋଗୀ ମନସ୍ତରେ । ନିମଜ୍ଜି ରହି ତାଙ୍କଠାରେ ॥
ଦେଖନ୍ତି କରି ଧ୍ୟାନ ଘୋର । ସେ ଦେବେ ମୋର ନମସ୍କାର ॥ ।୯।

THE UNIVERSAL PRAYER

O Adorable Lord of Mercy and Love!
Salutations and prostrations unto Thee.
Thou art Omnipresent, Omnipotent and Omniscient.
Thou art Satchidananda (Existence-Consciousness-Bliss Absolute).
Thou art the Indweller of all beings.

Grant us an understanding heart,
Equal vision, balanced mind,
Faith, devotion and wisdom,
Grant us inner spiritual strength
To resist temptations and to control the mind.
Free us from egoism, lust, greed, hatred, anger and jealousy.
Fill our hearts with divine virtues.

Let us behold Thee in all these names and forms.
Let us serve Thee in all these names and forms.
Let us ever remember Thee.
Let us ever sing Thy glories.
Let Thy Name be ever on our lips.
Let us abide in Thee for ever and ever

- Swami Sivananda

ବିଶ୍ୱ - ପ୍ରାର୍ଥନା *

ପ୍ରେମ, କରୁଣା - ସ୍ୱରୂପ ଈଶ୍ୱର । ପ୍ରଣିପାତ, ତୁମ୍ଭଙ୍କୁ ନମସ୍କାର ।୧।
ସଚ୍ଚିଦାନନ୍ଦ, ସର୍ବ ଶକ୍ତିମନ୍ତ । ତୁମ୍ଭେ ସର୍ବ ହୃଦୟେ ବିରାଜିତ ।୨।
ସର୍ବବ୍ୟାପୀ, ସର୍ବଜ୍ଞାତା ଈଶ୍ୱର । ଉଦାରତା ଆମ୍ଭଙ୍କୁ ଦାନ କର ।୩।
ସମଦୃଷ୍ଟି, ଭକତି, ସମଚିତ୍ତ । ଶ୍ରଦ୍ଧା, ପ୍ରଜ୍ଞା ଦେଇ କର କୃତାର୍ଥ ।୪।
ଆଧ୍ୟାତ୍ମିକ ଶକ୍ତି ଅନ୍ତରେ ଦିଅ । କରିବାକୁ ବାସନା, ମନୋଜୟ ।୫।
କାମ-ପ୍ରବୃତ୍ତି, ଲୋଭ, ଅହଂକାର । କ୍ରୋଧ, ଘୃଣା, ଦ୍ୱେଷରୁ ମୁକ୍ତ କର ।୬।
ଦିବ୍ୟ ଗୁଣରେ ଆମ୍ଭରି ହୃଦୟ । ପରିପୂର୍ଣ୍ଣ କର ହେ ଦୟାମୟ ।୭।
ସର୍ବନାମ, ରୂପେ ତୁମ୍ଭ ଦର୍ଶନ । କରି ସେବା କରୁ ତୁମ୍ଭ ଚରଣ ।୮।
ସଦା ତୁମ୍ଭ ନାମ କରି ସ୍ମରଣ । କରୁଥାଉ ତୁମ୍ଭର ଯଶୋଗାନ ।୯।
ସଦା ତୁମ୍ଭ ନାମ ଧରି ମୁଖରେ । ରହିଥାଉ ସଦା ତୁମ୍ଭ ସାଥିରେ ।୧୦।

* ପୂଜ୍ୟ ଗୁରୁଦେବ ଶ୍ରୀ ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ରଚିତ
"The Universal Prayer" ର ଓଡ଼ିଆ ପଦ୍ୟାନୁବାଦ ।

ওঁ শ্রী পরমাত্মনে নমঃ

অথ শ্রীমদ্ভগবদ্গীতা

অথ প্রথমোঽধ্যায়ঃ

অর্জুন বিষাদযোগঃ

ধৃতরাষ্ট্র উবাচ

ধর্মক্ষেত্রে কুরুক্ষেত্রে সমবেতা যুযুত্সবঃ ।
মামকাঃ পাণ্ডবাশ্চৈব কিমকুর্বত সঞ্জয ॥১।১।১॥

সঞ্জয উবাচ

দৃষ্ট্বা তু পাণ্ডবানীকং ব্যূঢং দুর্যোধনস্তদা ।
আচার্যমুপসংগম্য রাজা বচনমব্রবীত্ ॥১।২।২॥

পশ্যৈতাং পাণ্ডুপুত্রাণামাচার্য মহতীং চমূম্ ।
ব্যূঢাং দ্রুপদপুত্রেণ তব শিষ্যেণ ধীমতা ॥১।৩।৩॥

অত্র শূরা মহেষ্বাসা ভীমার্জুনসমা যুধি ।
যুযুধানো বিরাটশ্চ দ্রুপদশ্চ মহারথঃ ॥১।৪।৪॥

ধৃষ্টকেতুশ্চেকিতানঃ কাশিরাজশ্চ বীর্যবান্ ।
পুরুজিত্ কুন্তিভোজশ্চ শৈব্যশ্চ নরপুঙ্গবঃ ॥১।৫।৫॥

যুধামন্যুশ্চ বিক্রান্ত উত্তমৌজাশ্চ বীর্যবান্ ।
সৌভদ্রো দ্রৌপদেয়াশ্চ সর্ব এব মহারথাঃ ॥১।৬।৬॥

অস্মাকং তু বিশিষ্টা যে তান্নিবোধ দ্বিজোত্তম ।
নায়কা মম সৈন্যস্য সংজ্ঞার্থং তান্ ব্রবীমি তে ॥১।৭।৭॥

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଶ୍ରୀମଦ୍ଭଗବଦ୍ଗୀତା

ପ୍ରଥମ ଅଧ୍ୟାୟ

ଅର୍ଜୁନ ବିଷାଦଯୋଗ

ଧୃତରାଷ୍ଟ୍ର କହିଲେ

ଧର୍ମକ୍ଷେତ୍ର ଏ କୁରୁକ୍ଷେତ୍ରେ । ପାଣ୍ଡବ ଆଉ ମୋର ପୁତ୍ରେ ॥
ଯୁଦ୍ଧ ଇଚ୍ଛାରେ ସେ ଉଭୟ । କି କଲେ, କୁହ ହେ ସଂଜୟ ॥୧ ।୧ ।୧॥

ସଞ୍ଜୟ କହିଲେ

ପାଣ୍ଡବ ସେନା ବ୍ୟୂହ ଚାହିଁ । ଦ୍ରୋଣାଚାର୍ଯ୍ୟଙ୍କ ପାଶେ ଯାଇ ॥
କୁରୁ ରାଜନ ଦୁର୍ଯ୍ୟୋଧନ । କହିଲେ ଏପରି ବଚନ ॥୧ ।୨ ।୨॥

ବିଶାଳ ପାଣ୍ଡବଙ୍କ ସୈନ୍ୟ । ବ୍ୟୂହ ରଚିଛି ଧୃଷ୍ଟଦ୍ୟୁମ୍ନ ॥
ସେ ବୁଦ୍ଧିମାନ, ଶିଷ୍ୟ ତବ । ଦେଖନ୍ତୁ ଆହେ ଗୁରୁଦେବ ॥୧ ।୩ ।୩॥

ଏଥି ସକଳ ଧନୁର୍ଦ୍ଧର । ଭୀମ, ଅର୍ଜୁନ ସମ ବୀର ॥
ସାତ୍ୟକି, ବିରାଟ ଆବର । ଦ୍ରୁପଦ ରାଜା ରଥୀବର ॥୧ ।୪ ।୪॥

ଧୃଷ୍ଟକେତୁ ଓ ଚେକିତାନ । କାଶୀ ରାଜନ ବଳବାନ ॥
କୁନ୍ତିଭୋଜ ଓ ପୁରୁଜିତ । ଶୈବ୍ୟ ରାଜନ ନରଶ୍ରେଷ୍ଠ ॥୧ ।୫ ।୫॥

ସେ ପରାକ୍ରମୀ ଯୁଧାମନ୍ୟୁ । ଦ୍ରୌପଦୀ ସୁତେ ଅଭିମନ୍ୟୁ ॥
ଉତ୍ତମୌଜା ଯେ ବଳବାନ । ଏପରି ମହାରଥୀଗଣ ॥୧ ।୬ ।୬॥

ଆମ୍ଭ ପକ୍ଷରେ ଯେ ପ୍ରଧାନ । ସେନା ନାୟକ ଯେତେ ଜନ ॥
କହୁଛି ସେମାନଙ୍କ ନାମ । ଶୁଣନ୍ତୁ ଆହେ ଦ୍ୱିଜୋତ୍ତମ ॥୧ ।୭ ।୭॥

ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।
ଅଶ୍ୱତ୍‌ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ ॥୧।୮।୮॥

ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।
ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥୧।୯।୯॥

ଅପର୍ୟାପ୍ତଂ ତଦସ୍ମାକଂ ବଲଂ ଭୀଷ୍ମାଭିରକ୍ଷିତମ୍ ।
ପର୍ୟାପ୍ତଂ ତ୍ୱିଦମେତେଷାଂ ବଲଂ ଭୀମାଭିରକ୍ଷିତମ୍ ॥୧।୧୦।୧୦॥

ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ॥୧।୧୧।୧୧ ॥

ତସ୍ୟ ସଂଜନୟନ୍‌ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥୧।୧୨।୧୨ ॥

ତତଃ ଶଙ୍ଖାଶ୍ଚ ଭେର୍ଯଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ॥୧।୧୩।୧୩॥

ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ॥୧।୧୪।୧୪॥

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ॥୧।୧୫।୧୫॥

ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଲଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ॥୧।୧୬।୧୬॥

କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥୧।୧୭।୧୭॥

ଆପଣ, ଭୀଷ୍ମ, କୃପ, କର୍ଣ୍ଣ । ସଂଗ୍ରାମ ବିଜୟୀ ବିକର୍ଣ୍ଣ ॥
ଏ ସର୍ବେ ବୀର, ମହାକର୍ମା । ଭୂରିଶ୍ରବା ଓ ଅଶ୍ୱତ୍‌ଥାମା ॥୧ ।୮ ।୮॥

ପୁଣି ଅନେକ ବୀରବର । ମୋ ଲାଗି ତେଜିବେ ଶରୀର ॥
ଅସ୍ତ୍ର ଓ ଶସ୍ତ୍ର ପ୍ରହରଣେ । ଚତୁର ସର୍ବେ ରଣାଙ୍ଗନେ ॥୧ ।୯ ।୯॥

ଆମ୍ଭର ସେନା ଅପର୍ଯ୍ୟାପ୍ତ । ଭୀଷ୍ମଙ୍କ ଦ୍ୱାରା ସେ ରକ୍ଷିତ ॥
ପାଣ୍ଡବ ସେନା ଯେ ପର୍ଯ୍ୟାପ୍ତ । ଭୀମଙ୍କ ଦ୍ୱାରା ସେ ରକ୍ଷିତ ॥୧।୧୦ ।୧୦॥

ଆପଣ, ଅନ୍ୟ ବୀର ସର୍ବେ । ବ୍ୟୂହ ସମ୍ମୁଖେ ଯଥାଭାବେ ॥
ନିଜ ନିଜର ସ୍ଥାନେ ରହି । ରକ୍ଷା କରନ୍ତୁ ଭୀଷ୍ମଙ୍କୁ ହିଁ ॥୧ ।୧୧ ।୧୧॥

ପ୍ରତାପୀ ଭୀଷ୍ମ କୁରୁବୃଦ୍ଧ । ଉଚ୍ଚେ କରିଣ ସିଂହନାଦ ॥
ଶଙ୍ଖ ଫୁଙ୍କିଲେ, ଦୁର୍ଯ୍ୟୋଧନ । ହୃଦୟ ହର୍ଷେ କରି ପୂର୍ଣ୍ଣ ॥୧ ।୧୨ ।୧୨॥

ତାପରେ ଢ଼ୋଲ, ଭେରୀ, ଶଙ୍ଖ । ଅନେକ ଆନକ, ଗୋମୁଖ ॥
ସହସା ବାଜି ଭୀମରୋଳ । ପୂରି ଉଠିଲା ରଣସ୍ଥଳ ॥୧ ।୧୩ ।୧୩॥

ତଦନ୍ତେ ଶ୍ୱେତ ହୟଯୁକ୍ତ । ଉତ୍ତମ ରଥେ ଅବସ୍ଥିତ ॥
ମାଧବ, ମଧ୍ୟମ ପାଣ୍ଡବ । ବଜାନ୍ତି ଧରି ଶଙ୍ଖ ଦିବ୍ୟ ॥୧ ।୧୪ ।୧୪॥

ପାଞ୍ଚଜନ୍ୟକୁ ହୃଷୀକେଶ । ଦେବଦତ୍ତକୁ ଗୁଡ଼ାକେଶ ॥
ଧରି ପଉଣ୍ଡ୍ର ଶଙ୍ଖବର । ବଜାନ୍ତି ବୀର ବୃକୋଦର ॥୧ ।୧୫ ।୧୫॥

ଅନନ୍ତ ବିଜୟ ଶଙ୍ଖ ଯା' । ଫୁଙ୍କିଲେ ଯୁଧିଷ୍ଠିର ରାଜା ॥
ନକୁଳ ସହଦେବ ଶଙ୍ଖ । ସୁଘୋଷ ଓ ମଣିପୁଷ୍ପକ ॥୧ ।୧୬ ।୧୬॥

କାଶୀ ନରେଶ ଧନୁର୍ଦ୍ଧର । ଶିଖଣ୍ଡୀ ମହାରଥୀ ବୀର ॥
ବିରାଟ ଆଉ ଧୃଷ୍ଟଦ୍ୟୁମ୍ନ । ଅଜେୟ ସାତ୍ୟକି ରାଜନ ॥୧ ।୧୭ ।୧୭॥

ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥୧।୧୮।୧୮ ॥

ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।
ନଭଶ୍ଚ ପୃଥିବୀଞ୍ଚୈବ ତୁମୁଲୋ ବ୍ୟନୁନାଦୟନ୍ ॥୧।୧୯।୧୯ ॥

ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ॥୧।୨୦।୨୦॥

ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।

ଅର୍ଜୁନ ଉବାଚ

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ॥୧।୨୧।୨୧॥

ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍‌ରଣସମୁଦ୍ୟମେ ॥୧।୨୨।୨୨॥

ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥୧।୨୩।୨୩ ॥

ସଞ୍ଜୟ ଉବାଚ

ଏବମୁକ୍ତୋ ହୃଷୀକେଶୋ ଗୁଡାକେଶେନ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥୧।୨୪।୨୪॥

ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।
ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି ॥୧।୨୫।୨୫॥

ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୄନଥ ପିତାମହାନ୍ ।
ଆଚାର୍ଯ୍ୟାନ୍‌ମାତୁଲାନ୍ ଭ୍ରାତୄନ୍ ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ॥୧।୨୬।୨୬॥

ଦ୍ରୁପଦ ଅଭିମନ୍ୟୁ ସାଥେ । ଦ୍ରୌପଦୀଙ୍କର ପଞ୍ଚସୁତେ ॥
ଶଙ୍ଖ ବଜାନ୍ତି ଭିନ୍ନ ଭିନ୍ନ । ସକଳେ ଉଚ୍ଚେ ହେ ରାଜନ ॥୧।୧୮।୧୮॥

ଭୟାନକ ସେ ଶଙ୍ଖଧ୍ୱନି । ପୂରିଲା ଆକାଶ ଅବନୀ ॥
ପ୍ରବେଶି କୁରୁ ହୃଦଦେଶ । ବିଦୀର୍ଣ୍ଣ କଲା, ହେ ନରେଶ ॥୧।୧୯।୧୯॥

ଏପରି ବ୍ୟବସ୍ଥିତ କୁରୁ । -ସୈନ୍ୟଙ୍କୁ ନିରେଖିଣ ଦୂରୁ ॥
ଉତ୍ତୋଳି ଧନୁ ଧନଞ୍ଜୟ । ଶସ୍ତ୍ର ନିକ୍ଷେପେ ଦେଇ ଲୟ ॥୧।୨୦।୨୦॥

କହିଲେ ଏପରି ବଚନ । ହୃଷୀକେଶଙ୍କୁ ହେ ରାଜନ ॥

ଅର୍ଜୁନ କହିଲେ

ଉଭୟ ସେନାମଧ୍ୟେ ରଥ । ସ୍ଥାପନ କର ହେ ଅଚ୍ୟୁତ ॥୧।୨୧।୨୧॥

ଦେଖିବି ଏହି ରଣ ସ୍ଥାନେ । ଯୁଦ୍ଧ କାମନା କରି ମନେ ॥
ଯୋଦ୍ଧା କେ ଏଥି ଉପଗତ । ଯୁଦ୍ଧ କରିବି ଯା' ସହିତ ॥୧।୨୨।୨୨॥

ଦୁର୍ବୁଦ୍ଧି ଦୁର୍ଯ୍ୟୋଧନଙ୍କର । ଯେତେକ ହିତକାମୀ ବୀର ॥
ଯୁଦ୍ଧ ସଂକଳ୍ପେ ସମାଗତ । ଦେଖିବି ତାଙ୍କୁ ଥରେ ମାତ୍ର ॥ ୧।୨୩।୨୩॥

ସଞ୍ଜୟ କହିଲେ

ଏପରି ଅର୍ଜୁନ ବଚନ । ଶୁଣି ଗୋବିନ୍ଦ, ହେ ରାଜନ ॥
ଉଭୟ ସେନା ମଧ୍ୟେ ନେଇ । ଉତ୍ତମ ରଥ ସ୍ଥାପି ତହିଁ ॥୧।୨୪।୨୪॥

କହନ୍ତି, ଦେଖ ଅରଜୁନ । ସମ୍ମୁଖ ଭାଗେ ଭୀଷ୍ମ, ଦ୍ରୋଣ ॥
ଦେଖ ସକଳ ନରରାଣ । ତା' ସାଥେ ଏହି କୁରୁଗଣ ॥ ୧।୨୫।୨୫॥

ଦେଖିଲେ ରଣସ୍ଥଳେ ପାର୍ଥ । ପୁତ୍ର, ପଉତ୍ର, ଭ୍ରାତା, ମିତ୍ର ॥
ଦେଖିଲେ ପିତୃ-ପିତାମହ । ଆଚାର୍ଯ୍ୟ, ମାତୁଳଙ୍କ ସହ ॥୧।୨୬।୨୬॥

ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି ।
ତାନ୍‌ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍ ॥୧।୨୭।୨୭॥

କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ୟୁୟୁତ୍ସୁଂ ସମୁପସ୍ଥିତମ୍ ॥୧।୨୮।୨୮॥

ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।
ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ॥୧।୨୯।୨୯॥

ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ତ୍ୱକ୍‌ଚୈବ ପରିଦହ୍ୟତେ ।
ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ॥୧।୩୦।୩୦॥

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।
ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ॥୧।୩୧।୩୧॥

ନ କାଙ୍କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ॥୧।୩୨।୩୨॥

ୟେଷାମର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ୟୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥୧। ୩୩ ।୩୩॥

ଆଚାର୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।
ମାତୁଲାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଲାଃ ସମ୍ବନ୍ଧିନସ୍ତଥା ॥୧।୩୪।୩୪॥

ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ॥୧।୩୫।୩୫॥

ଉଭୟ ସେନାଙ୍କ ମଧ୍ୟରେ । ଶ୍ୱଶୁର, ସଖାଙ୍କୁ ଦେଖିଲେ ॥
ତହିଁ ସକଳ ବନ୍ଧୁଜନ । ଏକତ୍ର ଦେଖି ଅରଜୁନ ॥୧।୨୭।୨୭॥

କାତର ଭାବରେ ଅତ୍ୟନ୍ତ । କହିଲେ ହୋଇ ବିଷାଦିତ ॥

ଅର୍ଜୁନ କହିଲେ

ହେ କୃଷ୍ଣ ଦେଖି ଏ ସ୍ୱଜନ । ଯୁଦ୍ଧ ପାଇଁକି ଯାର ମନ ॥୧।୨୮।୨୮॥

ଶୁଖି ଯାଉଛି ମୋ ବଦନ । ସକଳ ଅଙ୍ଗ ଅବସନ୍ନ ॥
ଶରୀର ମୋର ରୋମାଞ୍ଚିତ । ହୁଅଇ ପୁଣି କମ୍ପ ଜାତ ॥୧।୨୯।୨୯॥

ହସୁ ଗାଣ୍ଡୀବ ଖସିଯାଏ । ଦହନ ଜ୍ୱାଳା ଚର୍ମେ ହୁଏ ॥
ଠିଆ ହେବାକୁ ମୁଁ ଅକ୍ଷମ । ଭ୍ରମିତ ହେଉଛି ମୋ ମନ ॥୧।୩୦।୩୦॥

ଅଶୁଭ ଲକ୍ଷଣ ଯେତେକ । ଦିଶୁଛି କେଶବ ସେତକ ॥
ସ୍ୱଜନ ବଧ କରି ରଣେ । ମଙ୍ଗଳ ଦେଖୁ ନାହିଁ କ୍ଷଣେ ॥୧।୩୧।୩୧॥

ଯୁଦ୍ଧେ ବିଜୟ, ରାଜ୍ୟ,ସୁଖ । ହେ କୃଷ୍ଣ, ନୁହେଁ ମୁଁ ଇଚ୍ଛୁକ ॥
ଭୋଗ, ରାଜ୍ୟ ବା ବଞ୍ଚିବାରେ । କି ଲାଭ ଗୋବିନ୍ଦ ସେଥିରେ ॥୧।୩୨।୩୨॥

ଏ ଯେତେ ରାଜ୍ୟ, ସୁଖ, ଶିରୀ । ଯା' ପାଇଁ ଆମ୍ଭେ ଇଚ୍ଛା କରି ॥
ସେ ସର୍ବେ ଯୁଦ୍ଧେ ଉପସ୍ଥିତ । ପାଶୋରି ଧନ ପ୍ରାଣହିତ ॥୧।୩୩।୩୩॥

ଆଚାର୍ଯ୍ୟ, ପିତୃ - ପିତାମହ । ପୁତ୍ର, ପଉତ୍ର, ଶଳା ସହ ॥
ମାତୁଳ, ସମ୍ବନ୍ଧୀ, ଶ୍ୱଶୁର । ଏ ସର୍ବେ ଅତି ପ୍ରିୟ ମୋର ॥୧।୩୪।୩୪॥

ନିଅନ୍ତୁ ପଛେ ମୋ ଜୀବନ । ନ ଇଚ୍ଛେ ମୁଁ ତାଙ୍କ ନିଧନ ॥
ତିନି ଭୁବନ ବଦଳରେ । ଏ ଛାର ମହୀ କେ ପଛରେ ॥୧।୩୫।୩୫॥

ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ॥୧।୩୬।୩୬॥

ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ॥୧।୩୭।୩୭॥

ୟଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।
କୁଲକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ॥୧।୩୮।୩୮॥

କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।
କୁଲକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍‌ଭିର୍ଜନାର୍ଦ୍ଦନ ॥୧।୩୯।୩୯॥

କୁଲକ୍ଷୟେ ପ୍ରଣଶ୍ୟନ୍ତି କୁଲଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଲଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ॥୧।୪୦।୪୦॥

ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଲସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥୧।୪୧।୪୧॥

ସଙ୍କରୋ ନରକାୟୈବ କୁଲଘ୍ନାନାଂ କୁଲସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥୧।୪୨।୪୨॥

ଦୋଷୈରେତୈଃ କୁଲଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଲଧର୍ମାଶ୍ଚ ଶାଶ୍ୱତାଃ ॥୧।୪୩।୪୩॥

ଉତ୍ସନ୍ନକୁଲଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥୧।୪୪।୪୪॥

ଅହୋ ବତ ମହତ୍‌ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।
ୟଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ॥୧।୪୫।୪୫॥

କୌରବେ କରିଲେ ନିଧନ । କି ସୁଖ ମିଳିବ ହେ କୃଷ୍ଣ ॥
ବଧିଲେ ଏ ଆତତାୟୀଙ୍କୁ । ପାପ ହିଁ ଲାଗିବ ଆମ୍ଭଙ୍କୁ ॥୧ ।୩୬ ।୩୬॥

ତେଣୁ କୁରୁଙ୍କୁ ସବାନ୍ଧବ । ବଧିବା ନାହିଁ ହେ ମାଧବ ॥
ସ୍ୱଜନ ଜନେ ହତ୍ୟା କରି । ସୁଖୀ ହୋଇବା କେଉଁପରି ॥୧ ।୩୭ ।୩୭॥

ବଂଶ ବିନାଶେ କେତେ ଦୋଷ । ମିତ୍ର ଦ୍ରୋହରେ ଯେ କିଲ୍‌ବିଷ ॥
ଏମାନେ ଦେଖି ନପାରନ୍ତି । ଯେ ହେତୁ ଲୋଭଗ୍ରସ୍ତ ମତି ॥୧ ।୩୮ ।୩୮॥

କୁଳକ୍ଷୟରେ କେତେ ଦୋଷ । ଜାଣୁଛେ ଆମ୍ଭେ ହୃଷୀକେଶ ॥
ଏ ପାପୁ ନିବର୍ତ୍ତିବା ପାଇଁ । ଚିନ୍ତନ କରିବା କି ନାହିଁ ॥୧ ।୩୯ ।୩୯॥

ବଂଶର ହୋଇଲେ ବିନାଶ । କୁଳଧର୍ମର ହୁଏ ନାଶ ॥
ଧର୍ମ ଲୋପରେ ମହୀତଳେ । ଅଧର୍ମ ବ୍ୟାପେ ସାରା କୁଳେ ॥୧ ।୪୦ ।୪୦॥

ଅଧର୍ମ ବଢ଼ିଲେ ଅଚ୍ୟୁତ । କୁଳସ୍ତ୍ରୀ ହୁଏ କଳଙ୍କିତ ॥
ସେ କଳଙ୍କିତ କୁଳ ସ୍ତ୍ରିରୀ । ବର୍ଣ୍ଣସଙ୍କର ଜାତ କରି ॥୧ ।୪୧ ।୪୧॥

ସଙ୍କର ଜାତେ, କୁଳଘାତୀ । କୁଳ ସହିତ ନର୍କେ ଯା'ନ୍ତି ॥
ଲୋପ ହେବାରୁ ପିଣ୍ଡୋଦକ । ନର୍କେ ପଡନ୍ତି ପିତୃଲୋକ ॥୧ ।୪୨ ।୪୨॥

ବର୍ଣ୍ଣସଂକର - କାରୀ ଦୋଷେ । ଏ କୁଳଘାତିଙ୍କର ଶେଷେ ॥
ନଷ୍ଟ ହୁଅଇ ଜାତି, ଧର୍ମ । ସନାତନ ଏ କୁଳଧର୍ମ ॥୧ ।୪୩ ।୪୩॥

ବିନଷ୍ଟ କୁଳ ଧର୍ମ ଯାର । ଶୁଣିଛୁ ଆମ୍ଭେ ସେହି ନର ॥
ନରକେ ବାସ କରେ ସେ ତ । ଅନେକ ସମୟ ପର୍ଯ୍ୟନ୍ତ ॥୧ ।୪୪ ।୪୪॥

ଯେ ରାଜ୍ୟସୁଖ ଲୋଭ ପାଇଁ । ସ୍ୱଜନ ହତ୍ୟା କରିବା ହିଁ ॥
ଆହା କି ଘୋର ପାପକର୍ମ । କରିବା ପାଇଁ ଆମ୍ଭ ମନ ॥୧। ୪୫ ।୪୫॥

ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ॥୧।୪୬।୪୬॥

ସଞ୍ଜୟ ଉବାଚ

ଏବମୁକ୍ତ୍ୱାର୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥୧।୪୭।୪୭॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
ଅର୍ଜୁନ ବିଷାଦଯୋଗୋ ନାମ
ପ୍ରଥମୋଽଧ୍ୟାୟଃ ॥

❑◆❑

ବରଂ ମୁଁ ଥିବି ଅସ୍ତ୍ରହୀନ । ଶସ୍ତ୍ରେ ସଜ୍ଜିତ କୁରୁଗଣ ॥
ଯୁଦ୍ଧରେ କଲେ ମୋ ନିଧନ । ସେ ମୋର ପରମ କଲ୍ୟାଣ ॥୧।୪୬।୪୬॥

ସଞ୍ଜୟ କହିଲେ

ଶୋକରେ ବ୍ୟାକୁଳିତ ମନ । ଏପରି କହିଣ ଅର୍ଜୁନ ॥
ଧନୁଶରକୁ କରି ତ୍ୟାଗ । ବସିଲେ ରଥ ମଧ୍ୟଭାଗ ॥୧।୪୭।୪୭॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଅର୍ଜୁନ ବିଷାଦ ଯୋଗ' ନାମକ ପ୍ରଥମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଦ୍ୱିତୀୟୋଽଧ୍ୟାୟଃ

ସାଂଖ୍ୟଯୋଗଃ

ସଞ୍ଜୟ ଉବାଚ

ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।
ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥୨ ।୧ ।୪୮॥

ଶ୍ରୀଭଗବାନୁବାଚ

କୁତସ୍ତ୍ୱା କଶ୍ମଲମିଦଂ ବିଷମେ ସମୁପସ୍ଥିତମ୍ ।
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ॥୨ ।୨ ।୪୯॥

କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥୨ ।୩ ।୫୦॥

ଅର୍ଜୁନ ଉବାଚ

କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।
ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ ॥୨ ।୪ ।୫୧॥

ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।
ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ॥୨ ।୫ ।୫୨॥

ନ ଚୈତଦ୍‌ବିଦ୍ମଃ କତରନ୍ନୋ ଗରୀୟୋ
ଯଦ୍ୱା ଜୟେମ ଯଦି ବା ନୋ ଜୟେୟୁଃ ।

ଓଁ ଶ୍ରୀ ପରମାତ୍ମନେ ନମଃ

ଦ୍ୱିତୀୟ ଅଧ୍ୟାୟ

ସାଂଖ୍ୟ ଯୋଗ

ସଞ୍ଜୟ କହିଲେ

କାତର, ଚକ୍ଷୁ ଅଶ୍ରୁପୂର୍ଣ୍ଣ । ବିଷାଦମଗ୍ନ ଯେ ଅର୍ଜୁନ ॥
ତାଙ୍କୁ ଏପରି କଥାମାନ । କହିଲେ ଶ୍ରୀମଧୁସୂଦନ ॥୨ ।୧ ।୪୮॥

ଶ୍ରୀ ଭଗବାନ କହିଲେ

କାହୁଁ ଏ ଘଡ଼ି ସନ୍ଧିକ୍ଷଣେ । ବିଷାଦ ଜାତ ତୁମ୍ଭ ମନେ ॥
ଯାହା କୁତ୍ସିତ, ନିନ୍ଦନୀୟ । ପୁରୁଷୋଚିତ କେଭେ ନୁହଁ ॥୨ ।୨ ।୪୯॥

କ୍ଲୀବତା ହୁଅ ନାହିଁ ପ୍ରାପ୍ତ । ନ ଶୋଭେ ତୁମ୍ଭଙ୍କୁ ହେ ପାର୍ଥ ॥
ହୃଦୟ ଦୁର୍ବଳତା ତ୍ୟଜ । ଯୁଦ୍ଧକୁ ହୁଅ ସଜବାଜ ॥୨ ।୩ ।୫୦॥

ଅର୍ଜୁନ କହିଲେ

ହେ କୃଷ୍ଣ; ଭୀଷ୍ମ ଦ୍ରୋଣାଚାର୍ଯ୍ୟ । ଅଟନ୍ତି ମୋର ଅତିପୂଜ୍ୟ ॥
ଏ ରଣେ ତାଙ୍କୁ ଶର ମାରି । ଯୁଦ୍ଧ ମୁଁ କରିବି କିପରି ॥୨ ।୪ ।୫୧॥

ମହାନୁଭାବ ଗୁରୁଜନେ । ହତ୍ୟା ନ କରି ଏହି ରଣେ ॥
ଭିକ୍ଷାନ୍ନେ ବଞ୍ଚିବାରେ ମୋର । ଇହ ଜଗତେ ଶ୍ରେୟସ୍କର ॥
ଗୁରୁଜନଙ୍କୁ କରି ହତ । ଭୋଗିବି ଯେଉଁ କାମ ଅର୍ଥ ॥
ସେ ଭୋଗ ତାଙ୍କ ରୁଧିରରେ । ରଞ୍ଜିତ ହେବ ଏ ମହୀରେ ॥୨ ।୫ ।୫୨॥

ଯୁଦ୍ଧେ ଆମ୍ଭର ହେବ ଜୟ । ସେ ଅବା ଲଭିବେ ବିଜୟ ॥
ଏଥିରୁ କେଉଁ କଥା ଶ୍ରେୟ । ଜାଣି ନପାରେ ଦୟାମୟ ॥

ଯାନେବ ହତ୍ୱା ନ ଜିଜୀବିଷାମ -
ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ ॥୨ ।୬ ।୫୩॥

କାର୍ପଣ୍ୟ ଦୋଷୋପହତସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ଚେତାଃ ।
ୟଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ନେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ॥୨ ।୭ ।୫୪॥

ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍
ୟଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।
ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ॥୨ ।୮ ।୫୫॥

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ ।
ନ ୟୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥୨ ।୯ ।୫୬॥

ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥୨ ।୧୦ ।୫୭॥

ଶ୍ରୀଭଗବାନୁବାଚ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥୨ ।୧୧ ।୫୮॥

ଯା'ର ହତ୍ୟାରେ ଏ ଜୀବନ । ଧାରଣେ ହେବ ତୁଚ୍ଛ ଜ୍ଞାନ ॥
ସେ ଧୃତରାଷ୍ଟ୍ର ସୁତେ ଏବେ । ସମ୍ମୁଖେ ଉପସ୍ଥିତ ସର୍ବେ ॥୨ ।୬ ।୫୩ ॥

କାର୍ପଣ୍ୟ ଦୋଷେ ମୋ ସ୍ୱଭାବ । ମୋହିତ ହୋଇଛି କେଶବ ॥
କର୍ତ୍ତବ୍ୟ ଜ୍ଞାନେ ମୂଢ଼ ଚିତ୍ତ । ପଚାରେ ତୁମ୍ଭଙ୍କୁ ଅଚ୍ୟୁତ ॥
ମୋ ପକ୍ଷେ ଯାହା ଶ୍ରେୟସ୍କର । କୁହ ତା' ମୋତେ କରି ସ୍ଥିର ॥
ଶିଷ୍ୟ ମୁଁ ଶରଣ ଆଗତ । ଶିଖାଅ ମୋତେ ହିତାହିତ ॥୨ ।୭ ।୫୪॥

ସମୃଦ୍ଧ ରାଜ୍ୟ ଶତ୍ରୁହୀନ । ଲଭଇ ଯଦି ଜନାର୍ଦ୍ଦନ ॥
ଅଥବା ସ୍ୱର୍ଗେ ଆଧିପତ୍ୟ । ପାଇଲେ ମଧ୍ୟ ମୋର ଚିତ୍ତ ॥
ଏ ଦେହ, ଇନ୍ଦ୍ରିୟ ସକଳ । ଯେ ଶୋକେ ହୁଅଇ ବିହ୍ୱଳ ॥
ଦୁଃଖକୁ ଦୂର କରିବାର । ନ ଦେଖେ କିଛି ପ୍ରତିକାର ॥୨ ।୮ ।୫୫॥

ସଞ୍ଜୟ କହିଲେ

ହୃଷୀକେଶଙ୍କୁ ଅରଜୁନ । ଏପରି କହି ହେ ରାଜନ ॥
ଗୋବିନ୍ଦ, ନ ଯୁଝିବି ରଣେ । କହି ସେ ରହିଲେ ମଉନେ ॥୨ ।୯ ।୫୬॥

ଉଭୟ ସେନା ମଧ୍ୟେ ରହି । ଅଳପ ହସି ଭାବଗ୍ରାହୀ ॥
କହିଲେ ତାଙ୍କୁ ଏ ବଚନ । ବିଷାଦିତ ଯେ ଅରଜୁନ ॥ ୨ ।୧୦ ।୫୭॥

ଶ୍ରୀ ଭଗବାନ କହିଲେ

ଅଶୋଚ୍ୟ ପାଇଁ ଶୋକ କରି । କଥା କହୁଛ ଜ୍ଞାନୀ ପରି ॥
ପଣ୍ଡିତ ଶୋକ ନ କରଇ । ଜୀବିତ ଅବା ମୃତ ପାଇଁ ॥୨ ।୧୧ ।୫୮॥

ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥ ୨ ।୧୨ ।୫୯॥

ଦେହିନୋଽସ୍ମିନ୍‌ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥୨ ।୧୩ ।୬୦॥

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ॥୨ ।୧୪ ।୬୧॥

ୟଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଲ୍ପତେ ॥୨ ।୧୫ ।୬୨॥

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥୨ ।୧୬ ।୬୩॥

ଅବିନାଶୀ ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି ॥୨ ।୧୭ ।୬୪॥

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।
ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ଯୁଧ୍ୟସ୍ୱ ଭାରତ ॥୨ ।୧୮ ।୬୫॥

ୟ ଏନଂ ବେତ୍ତି ହନ୍ତାରଂ ୟଶ୍ଚୈନଂ ମନ୍ୟତେ ହତମ୍ ।
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥୨ ।୧୯ ।୬୬॥

ନ ଜାୟତେ ମ୍ରିୟତେ ବା କଦାଚିନ୍
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥୨ ।୨୦ ।୬୭॥

ନ ଥିଲେ ପୂର୍ବେ ଆମ୍ଭେ ଦୁହେଁ । ଏ ଭୂପେ ନଥିଲେ ତା' ନୁହେଁ ॥
ନ ଥିବେ କେହି ଭବିଷ୍ୟତେ । ଏପରି ନୁହେଁ କଦାଚିତେ ॥୨ ।୧୨ ।୫୯॥

ଦେହୀ ଦେହରେ ତରୁଣତା । ଯୌବନ, ଜରା ଆସେ ଯଥା ॥
ତଥା ସେ ଧରେ ତନୁଆନ । ଧୀର ନ ହୁଏ ମୁହ୍ୟମାନ ॥୨ ।୧୩ ।୬୦॥

ଇନ୍ଦ୍ରିୟ ସ୍ପର୍ଶେ ଉଷ୍ଣ, ଶୀତ । ସୁଖ, ଦୁଃଖ ଯା'ହୁଏ ଜାତ ॥
ତା' କ୍ଷଣସ୍ଥାୟୀ ଓ ଅନିତ୍ୟ । ସହନ କର ହେ ଭାରତ ॥୨ ।୧୪ ।୬୧॥

ଯେ ଧୀର ନ ହୁଏ ବ୍ୟଥିତ । ଏଥିରେ କେବେହେଲେ ପାର୍ଥ॥
ସୁଖ ଦୁଃଖରେ ସମଚିତ୍ତ । ମୋକ୍ଷ ପାଇଁ କି ସେ ସମର୍ଥ ॥୨ ।୧୫ ।୬୨॥

ଅସ୍ତିତ୍ୱ ନାହିଁ ଅସତର । ଅଭାବ ନାହିଁ ତ ସତର ॥
ତତ୍ତ୍ୱ ସତ ଓ ଅସତର । ଜାଣନ୍ତି ତତ୍ତ୍ୱଜ୍ଞାନୀ ନର ॥୨ ।୧୬ ।୬୩॥

ଯେହୁ ସର୍ବତ୍ର ପରିବ୍ୟାପ୍ତ । ସେ ଅବିନାଶୀ ଜାଣ ପାର୍ଥ ॥
ଅବିନାଶୀର ନାଶ ପାଇଁ । ସାମର୍ଥ୍ୟ କାହା ପାଶେ ନାହିଁ ॥୨ ।୧୭ ।୬୪॥
ଅମାପ, ଅବିନାଶୀ, ନିତ୍ୟ । ଦେହୀ ଦେହରେ ଅଛି ଉକ୍ତ ॥
ଦେହୀର ଦେହ ଅଶାଶ୍ୱତ । ସେ ଲାଗି ଯୁଦ୍ଧ କର ପାର୍ଥ ॥୨ ।୧୮ ।୬୫॥

ଆତ୍ମାକୁ ଯେହୁ ହତ୍ୟାକାରୀ । ଭାବଇ ଅବା ହତ ବୋଲି ॥
ଉଭୟେ ନ ଜାଣନ୍ତି ଏ'ତ । ଆତ୍ମା ନ ମାରେ ନୁହେଁ ହତ ॥୨ ।୧୯ ।୬୬॥

ଆତ୍ମାର ନ ହୁଏ ଜନମ । ନାହିଁ ତା' ମୃତ୍ୟୁ କଦାଚନ ॥
ଏହି ଶରୀରୀ ଜନ୍ମ ହୋଇ । ଅସ୍ତିତ୍ୱ ହୀନ ହୁଏ ନାହିଁ ॥
ଏ ଆତ୍ମା ନ ହୁଏ ଜନମ । ନିତ୍ୟ, ଶାଶ୍ୱତ, ପୁରାତନ ॥
ବିନାଶ ହେଲେ ବି ଶରୀର । ତଥାପି ସେ ଆତ୍ମା ଅମର ॥୨ ।୨୦ ।୬୭॥

ବେଦାବିନାଶିନଂ ନିତ୍ୟଂ ୟ ଏନମଜମବ୍ୟୟମ୍ ।
କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ॥୨ ।୨୧ ।୬୮॥

ବାସାଂସି ଜୀର୍ଣ୍ଣାନି ୟଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂୟାତି ନବାନି ଦେହୀ ॥୨ ।୨୨ ।୬୯॥

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥୨ ।୨୩ ।୭୦॥

ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ ॥୨ ।୨୪ ।୭୧॥

ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ॥୨ ।୨୫ ।୭୨॥

ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ॥୨ ।୨୬ ।୭୩ ॥

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥୨ ।୨୭ ।୭୪॥

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ॥୨ ।୨୮ ।୭୫॥

ଆତ୍ମାକୁ ଅବିନାଶୀ, ନିତ୍ୟ । ଅଜ, ଅବ୍ୟୟ ଜାଣି ପାର୍ଥ ॥
କିପରି କାହାକୁ ବଧିବ । ଅବା ସେ ବଧ କରାଇବ ॥୨ ।୨୧ ।୬୮॥

ଜୀର୍ଣ୍ଣ ବସନ ତ୍ୟାଗ କରି । ନୂତନ ବସ୍ତ୍ରକୁ ଯେପରି ॥
ନର କରଇ ପରିଧାନ । ତଥା ଶରୀର ହେଲେ ଜୀର୍ଣ୍ଣ ॥
ଜୀବାତ୍ମା ତାକୁ ତ୍ୟାଗ କରେ । ରହେ ନୂତନ ଶରୀରରେ ॥୨ ।୨୨ ।୬୯॥

ଶସ୍ତ୍ର ନ ପାରେ ଛେଦି ତା'ରେ । ଦଗ୍ଧ ନ ହୁଏ ଅନଳରେ ॥
ଆର୍ଦ୍ର ନ ହୁଏ ସଲିଳରେ । ବାୟୁ ତା ଶୁଖାଇ ନପାରେ ॥୨ ।୨୩ ।୭୦॥

ଆତ୍ମା ଅଦାହ୍ୟ ସେ ଅଚ୍ଛେଦ୍ୟ । ଅଶୋଷ୍ୟ ପୁଣି ସେ ଅକ୍ଲେଦ୍ୟ ॥
ଅଚଳ, ସନାତନ, ନିତ୍ୟ । ସର୍ବ ବ୍ୟାପକ, ସ୍ଥିର ସେ'ତ ॥୨ ।୨୪ ।୭୧॥

ଗୋଚର ନୁହେଁ ଇନ୍ଦ୍ରିୟର । ମନ ଅତୀତ, ଅବିକାର ॥
ଏ ରୂପେ ଜାଣି ଆତ୍ମା ତତ୍ତ୍ୱ । ଶୋକ କରିବା ଅନୁଚିତ ॥୨ ।୨୫ ।୭୨॥
ଯଦି ବା ଆତ୍ମା ନିତ୍ୟ ଜାତ । ଅଥବା ନିତ୍ୟ ଭାବ ମୃତ ॥
ତଥାପି ତୁମ୍ଭେ ଆହେ ପାର୍ଥ । ଶୋକ କରିବା ଅନୁଚିତ ॥୨ ।୨୬ ।୭୩॥

ଜନ୍ମ ହୋଇଲେ ମୃତ୍ୟୁ ଧ୍ରୁବ । ମୃତ ଯେ ନିଶ୍ଚୟ ଜନ୍ମିବ ॥
ଏହାକୁ ଜାଣି ସୁନିଶ୍ଚିତ । ଶୋକ ତୁମ୍ଭର ଅନୁଚିତ ॥୨ ।୨୭ ।୭୪॥

ଅବ୍ୟକ୍ତ ଜୀବର ଅତୀତ । ଅବ୍ୟକ୍ତ ହୁଏ ହେଲେ ମୃତ ॥
କେବଳ ଯାହା ମଧ୍ୟେ ବ୍ୟକ୍ତ । ତାପାଇଁ ଶୋକ କି ଉଚିତ ॥୨ ।୨୮ ।୭୫॥

ଆଶ୍ଚର୍ଯ୍ୟବତ୍‌ପଶ୍ୟତି କଶ୍ଚିଦେନ -
ମାଶ୍ଚର୍ଯ୍ୟବଦ୍‌ବଦତି ତଥୈବ ଚାନ୍ୟଃ ।
ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥୨ ।୨୯ ।୭୬॥

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥୨ ।୩୦ ।୭୭॥

ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥୨ ।୩୧ ।୭୮॥

ୟଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ॥ ୨ ।୩୨ ।୭୯॥

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ॥ ୨ ।୩୩ ।୮୦॥

ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସଂଭାବିତସ୍ୟ ଚାକୀର୍ତିର୍ମରଣାଦତିରିଚ୍ୟତେ ॥ ୨ ।୩୪ ।୮୨॥

ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ୟେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ୟାସ୍ୟସି ଲାଘବମ୍ ॥୨ ।୩୫ ।୮୨॥

ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ ୨ ।୩୬ ।୮୩ ॥

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ॥୨ ।୩୭ ।୮୪॥

ଆତ୍ମାକୁ ଦେଖେ କେ ବିସ୍ମୟେ । ବିସ୍ମୟେ କେ ତା କଥା କହେ ॥
ଅନ୍ୟ କେ ବିସ୍ମୟେ ଶୁଣଇ । ଶୁଣି ଆତ୍ମାକୁ ନ ଜାଣଇ ॥୨ ।୨୯ ।୭୬॥

ସକଳ ଦେହେ ଯେଉଁ ଦେହୀ । ଅବଧ୍ୟ, ନିତ୍ୟ ଅଟେ ସେହି ॥
ତେଣୁ ପ୍ରାଣୀଙ୍କ ପାଇଁ ପାର୍ଥ । ଶୋକ ତୁମ୍ଭର ଅନୁଚିତ ॥୨ ।୩୦ ।୭୭॥

ସ୍ୱଧର୍ମ ଦୃଷ୍ଟିରୁ ହେ ପାର୍ଥ । ଭୟେ ଥରିବା ଅନୁଚିତ ॥
ଧର୍ମଯୁଦ୍ଧରୁ ଶ୍ରେଷ୍ଠତର । କିଛି ହିଁ ନାହିଁ କ୍ଷତ୍ରିୟର ॥୨ ।୩୧ ।୭୮॥

ଉନ୍ମୁକ୍ତ ସ୍ୱର୍ଗଦ୍ୱାର ସମ । ଛାଏଁ ପ୍ରାପତ ଏ ସଂଗ୍ରାମ ॥
ହେ ପାର୍ଥ ଏହିପରି ରଣ । ଲଭେ କ୍ଷତ୍ରିୟ ଭାଗ୍ୟବାନ ॥୨ ।୩୨ ।୭୯॥

ଯଦିବା ଏ ଧର୍ମ ସଂଗ୍ରାମ । କରିବ ନାହିଁ ହେ ଅର୍ଜୁନ ॥
ତାହେଲେ ସ୍ୱଧର୍ମ,କୀର୍ତ୍ତିକୁ । ହରାଇ, ଲଭିବ ପାପକୁ ॥୨ ।୩୩ ।୮୦॥

ତୁମ୍ଭର ଅପକୀର୍ତ୍ତି ସର୍ବେ । କାଳ କାଳକୁ କହୁଥିବେ ॥
କୀର୍ତ୍ତିମାନର ଅପକୀର୍ତ୍ତି । ମରଣୁଁ ବଳି ଦୁଃଖ ଅତି ॥୨ ।୩୪ ।୮୨॥

ଭୟରେ ଛାଡ଼ିଦେଲ ରଣ । ଭାବିବେ ମହାରଥୀଗଣ ॥
ଯେ ଦେଉଥିଲେ ସନମାନ । ଏବେ କରିବେ ତୁଚ୍ଛ ଜ୍ଞାନ ॥୨ ।୩୫ ।୮୨॥

ଅନେକ ଅକଥ୍ୟ କଥନ । କରିବେ ତୁମ୍ଭ ଶତ୍ରୁଗଣ ॥
ନିନ୍ଦିବେ ସାମର୍ଥ୍ୟକୁ ତବ । ଏଥୁ କି ଦୁଃଖ ବେଶୀ ହେବ ॥୨ ।୩୬ ।୮୩ ॥

ଯୁଦ୍ଧେ ମରିଲେ, ସ୍ୱର୍ଗ ଲାଭ । ଜିତିଲେ ଯୁଦ୍ଧେ ରାଜ୍ୟ ଭୋଗ ॥
ତେଣୁ ଏ ଯୁଦ୍ଧ ପାଇଁ ତୁମ୍ଭେ । ନିଶ୍ଚୟ କରି ଉଠ ବେଗେ ॥୨ ।୩୭ ।୮୪॥

ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥୨ ।୩୮ ।୮୫॥

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ୟୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ॥୨ ।୩୯ ।୮୬ ॥

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ॥୨ ।୪୦ ।୮୭॥

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ॥ ୨ ।୪୧ ।୮୮॥

ୟାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ॥୨ ।୪୨ ।୮୯॥

କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।
କ୍ରିୟାବିଶେଷବହୁଲାଂ ଭୋଗୈଶ୍ୱର୍ୟଗତିଂ ପ୍ରତି ॥୨ ।୪୩ ।୯୦॥

ଭୋଗୈଶ୍ୱର୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥୨ ।୪୪ ।୯୧॥

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥୨ ।୪୫ ।୯୨॥

ୟାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥୨ ।୪୬ ।୯୩ ॥

ଜୟ, ଅଜୟ, ଲାଭ, ହାନି । ସୁଖ ଦୁଃଖକୁ ସମ ମଣି ॥
ଯୁଦ୍ଧ କର ହେ ମନ ଦେଇ । ପାପରେ ଭାଗୀ ହେବ ନାହିଁ ॥୨ ।୩୮ ।୮୫॥

ଏ ବୁଦ୍ଧି, ସାଂଖ୍ୟ ଯୋଗ ତତ୍ତ୍ୱ । ଦୃଷ୍ଟିରୁ କୁହାହେଲା ପାର୍ଥ ॥
ଏବେ ନିଷ୍କାମ କର୍ମ ଯୋଗ । ଦୃଷ୍ଟିରୁ ଶୁଣ ମହାଭାଗ ॥
ଏ ଯୋଗ ହେଲେ ବୁଦ୍ଧି ଯୁକ୍ତ । କର୍ମ ବନ୍ଧନୁ ହେବ ମୁକ୍ତ ॥୨ ।୩୯ ।୮୬॥

ଏଥି ଚେଷ୍ଟାରେ କ୍ଷତି ନାହିଁ । ଓଲଟା ଫଳ ନ ମିଳଇ ॥
ଅଳ୍প କଲେ ଏ ଧର୍ମାଭ୍ୟାସ । ମୃତ୍ୟୁ-ଭୟର ହୁଏ ନାଶ ॥୨ ।୪୦ ।୮୭॥

ନିଶ୍ଚୟାତ୍ମିକା ବୁଦ୍ଧି ଜାଣ । ଏଥି ଏକ ହିଁ ହେ ଅର୍ଜୁନ ॥
ଅସ୍ଥିର-ଚିତ୍ତ ମନୁଷ୍ୟର । ବୁଦ୍ଧି ହିଁ ଅନନ୍ତ ପ୍ରକାର ॥୨ ।୪୧ ।୮୮॥

ବେଦ ବାକ୍ୟକୁ ପ୍ରଶଂସିଣ । ଏଥୁ ଅଧିକ ନାହିଁ ଆନ ॥
ଏପରି ମଧୁର ବଚନ । କହନ୍ତି ପାର୍ଥ ମୂଢ଼ଜନ ॥୨ ।୪୨ ।୮୯॥

ଭୋଗ ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ । ପ୍ରାଣୀର କର୍ମଫଳ ଦାୟୀ ॥
ସ୍ୱର୍ଗ ଇଚ୍ଛଇ କାମୀଜନ । ରଚେ ବିବିଧ କର୍ମମାନ ॥୨ ।୪୩ ।୯୦॥

ଐଶ୍ୱର୍ଯ୍ୟ ଭୋଗେ ଯେ ଆସକ୍ତ । ତା' ଚିତ୍ତ ହୁଏ ଅପହୃତ ॥
ନିଶ୍ଚୟାତ୍ମିକା ବୁଦ୍ଧି ତା'ର । ନ ହୁଏ ସମାଧିରେ ସ୍ଥିର ॥୨ ।୪୪ ।୯୧॥

ବେଦ ତ୍ରିଗୁଣ ଯୁକ୍ତ ପାର୍ଥ । ହୁଅ ତୁ ତ୍ରିଗୁଣ ଅତୀତ ॥
ସତ୍ତ୍ୱରେ ସ୍ଥିତ, ଦ୍ୱନ୍ଦ୍ୱହୀନ । ନିଷ୍କାମୀ, ଆତ୍ମପରାୟଣ ॥୨ ।୪୫ ।୯୨॥

ସର୍ବତ୍ର ହେଲେ ଜଳମୟ । କି ଦରକାର ଜଳାଶୟ ॥
ବ୍ରହ୍ମଜ୍ଞ ହୋଇଲେ ବ୍ରାହ୍ମଣ । ବେଦେ ତା'ର କି ପ୍ରୟୋଜନ ॥୨ ।୪୬ ।୯୩॥

କର୍ମେ ହିଁ ତବ ଅଧିକାର । କଦାପି ନୁହେଁ ଫଳେ ତା'ର ॥
ଫଳରେ ଆଶା ନ ରଖିବ । କେବେହେଁ କର୍ମ ନ ଛାଡ଼ିବ ॥୨ ।୪୭ ।୯୪॥

ଯୋଗସ୍ଥ ହୋଇ କର୍ମକର । ଆସକ୍ତି ତେଜି ଧନୁର୍ଦ୍ଧର ॥
ସିଦ୍ଧି ଅସିଦ୍ଧି ସମ ମଣି । ସମତ୍ୱ ଭାବ ଯୋଗ ଜାଣି ॥୨ ।୪୮ ।୯୫॥

ବୁଦ୍ଧି ଯୋଗଠୁ ଧନଞ୍ଜୟ । ସକାମ କର୍ମ ତୁଚ୍ଛମୟ ॥
ବୁଦ୍ଧି ଯୋଗକୁ ଆଶ୍ରା କର । ଦୀନ ସେ ଫଳାକାଂକ୍ଷୀ ନର ॥୨ ।୪୯ ।୯୬॥

ବୁଦ୍ଧିଯୁକ୍ତ ଏ ସଂସାରରେ । ପାପ ପୁଣ୍ୟକୁ ତ୍ୟାଗ କରେ ॥
ତେଣୁ ଯୋଗରେ ଦିଅ ମନ । କର୍ମେ ଦକ୍ଷତା ଯୋଗ ଜାଣ ॥୨ ।୫୦ ।୯୬॥

ବୁଦ୍ଧିଯୁକ୍ତ ଯେ ଜ୍ଞାନୀନର । ତ୍ୟାଗ କରଇ କର୍ମଫଳ ॥
ଜନ୍ମ ବନ୍ଧନୁ ମୁକ୍ତ ହୋଇ । ପରମ ପଦକୁ ଲଭଇ ॥୨ ।୫୧ ।୯୮॥

ମୋହ-ପଙ୍କକୁ ଅତିକ୍ରମ । କରିବ ଯେବେ ବୁଦ୍ଧି ତୁମ ॥
ଶୁଣା ଅଶୁଣା ଯେତେ ଭୋଗ । ସେଥିରୁ ଲଭିବ ବୈରାଗ୍ୟ ॥୨ ।୫୨ ।୯୯॥

ଯେବେ ତୁମ୍ଭର ବିଚଳିତ । ବୁଦ୍ଧି ହୋଇବ ନିଶ୍ଚଳିତ ॥
ଆତ୍ମାରେ ଅଟଳ ରହିବ । ତେବେ ଯୋଗକୁ ପ୍ରାପ୍ତ ହେବ ॥୨ ।୫୩ ।୧୦୦॥

ଅର୍ଜୁନ କହିଲେ

ଯେ ସ୍ଥିତପ୍ରଜ୍ଞ ସମାଧିସ୍ଥ । ଲକ୍ଷଣ ତା'ର କି ଅଚ୍ୟୁତ ॥
କିପରି ସ୍ଥିରବୁଦ୍ଧି ଭାଷେ । ଚଲେ କିପରି ଅବା ବସେ ॥୨ ।୫୪ ।୧୦୧॥

ଶ୍ରୀ ଭଗବାନ କହିଲେ

ସମସ୍ତ କାମନା ମନର । ତ୍ୟାଗ କରଇ ଯେବେ ନର ॥
ଆତ୍ମାରେ ରହେ ଆତ୍ମତୃପ୍ତ । ସ୍ଥିତପ୍ରଜ୍ଞ ସେ ଅଟେ ପାର୍ଥ ॥୨ ।୫୫ ।୧୦୨॥

କର୍ମଣ୍ୟେବାଧିକାରସ୍ତେ ମା ଫଲେଷୁ କଦାଚନ ।
ମା କର୍ମଫଲହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ॥୨ ।୪୭ ।୯୪ ॥

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥୨ ।୪୮ ।୯୫॥

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ ଧନଞ୍ଜୟ ।
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଲହେତବଃ ॥୨ ।୪୯ ।୯୬॥

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।
ତସ୍ମାଦ୍‌ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଲମ୍ ॥ ୨ ।୫୦ ।୯୬॥

କର୍ମଜଂ ବୁଦ୍ଧିଯୁକ୍ତା ହି ଫଲଂ ତ୍ୟକ୍ତ୍ୱା ମନୀଷିଣଃ ।
ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ॥୨ ।୫୧ ।୯୮॥

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ॥୨ ।୫୨ ।୯୯॥

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ।୨ ।୫୩ ।୧୦୦॥

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ॥୨ ।୫୪ ।୧୦୧॥

ଶ୍ରୀଭଗବାନୁବାଚ

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥୨ ।୫୫ ।୧୦୨॥

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥୨ ।୫୬ ।୧୦୩ ॥

ୟଃ ସର୍ବତ୍ରାନଭିସ୍ନେହସ୍ତତତ୍‌ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୨ ।୫୭ ।୧୦୪॥

ୟଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୨ ।୫୮ ।୧୦୫ ॥

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।
ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ॥୨ ।୫୯ ।୧୦୬ ॥

ୟତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥୨ ।୬୦ ।୧୦୭॥

ତାନି ସର୍ବାଣି ସଂୟମ୍ୟ ୟୁକ୍ତ ଆସୀତ ମତ୍‌ପରଃ ।
ବଶେ ହି ୟସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୨ ।୬୧ ।୧୦୮॥

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍‌ସଞ୍ଜାୟତେ କାମଃ କାମାତ୍‌କ୍ରୋଧୋଽଭିଜାୟତେ ॥୨।୬୨। ୧୦୯॥

କ୍ରୋଧାଦ୍‌ଭବତି ସଂମୋହଃ ସଂମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥୨ ।୬୩ ।୧୧୦॥

ରାଗଦ୍ୱେଷ ବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥୨ ।୬୪ ।୧୧୧॥

ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ୟବତିଷ୍ଠତେ ॥୨ ।୬୫ ।୧୧୨॥

ଦୁଃଖେ ଉଦ୍‌ବିଗ୍ନ ନୁହେଁ ମନ | ସୁଖ ପ୍ରାପ୍ତିରେ ସ୍ପୃହାହୀନ ॥
ରାଗ, ଭୟ ଓ କ୍ରୋଧ ନାହିଁ | ସେ ମୁନି ସ୍ଥିତଧୀ ବୋଲାଇ ॥୨ ।୫୬ ।୧୦୩ ॥

ସର୍ବତ୍ର ରହି ଅନାସକ୍ତ | ଶୁଭ ଅଶୁଭ ହୋଇ ପ୍ରାପ୍ତ ॥
ଆଦର ଘୃଣା ନାହିଁ ଯା'ର | ବୁଦ୍ଧି ତାହାର ଅଟେ ସ୍ଥିର ॥୨ ।୫୭ ।୧୦୪॥

ଯେବେ ସେ ସକଳ ଇନ୍ଦ୍ରିୟ | ସଂହରେ, କୂର୍ମ ଅଙ୍ଗପ୍ରାୟ, ॥
ନିଃଶେଷେ ବିଷୟୁ ସକଳ | ବୁଦ୍ଧି ତାହାର ହୁଏ ସ୍ଥିର ॥୨ ।୫୮ ।୧୦୫ ॥

ଯେ ଦେହୀ ବିଷୟେ ବିରକ୍ତ | ବିଷୟ ହୁଅନ୍ତି ନିବୃତ୍ତ ॥
ଯାହା ବି ଇଚ୍ଛା ଥାଏ ଲେଶ | ବ୍ରହ୍ମ ଦର୍ଶନେ ହୁଏ ନାଶ ॥୨ ।୫୯ ।୧୦୬ ॥

ଜ୍ଞାନୀ ପୁରୁଷ ଯତ୍ନଶୀଳ | ହେଲେ ବି ଇନ୍ଦ୍ରିୟ ସକଳ ॥
ପ୍ରବଳ ବେଗେ ତା'ର ମନ | ବଳେ ହରନ୍ତି ଅରଜୁନ ॥୨ ।୬୦ ।୧୦୭॥

ସର୍ବ ଇନ୍ଦ୍ରିୟ ବଶ କରି | ରହିବ ମୋତେ ଧ୍ୟାନ କରି ॥
ସର୍ବ ଇନ୍ଦ୍ରିୟ ବଶେ ଯା'ର | ବୁଦ୍ଧି ତାହାର ରହେ ସ୍ଥିର ॥୨ ।୬୧ ।୧୦୮ ॥

ବିଷୟ କରିଲେ ଚିନ୍ତନ | ତହୁଁ ଆସକ୍ତି ନିଏ ଜନ୍ମ ॥
କାମନା ଆସକ୍ତି ସମ୍ଭୂତ | କାମରୁ କ୍ରୋଧ ହୁଏ ଜାତ ॥୨ ।୬୨ ।୧୦୯॥
କ୍ରୋଧରୁ ହୁଏ ମୋହ ଜାତ | ମୋହରୁ ହୁଏ ସ୍ମୃତି ଲୁପ୍ତ ॥
ସ୍ମୃତି ନାଶରୁ ବୁଦ୍ଧି ନାଶ | ବୁଦ୍ଧି ବିନାଶେ ସର୍ବନାଶ ॥୨ ।୬୩ ।୧୧୦॥

ସଂଯମୀ, ରାଗ ଦ୍ୱେଷ ମୁକ୍ତ | ଇନ୍ଦ୍ରିୟ କରି ବଶୀଭୂତ ॥
ଯଦି ବିଷୟ ଭୋଗ କରେ | ତଥାପି ରହେ ସେ ଶାନ୍ତିରେ ॥୨ ।୬୪ ।୧୧୧॥

ପ୍ରଶାନ୍ତ ହୋଇଲେ ସାଧକ | ବିନାଶ ହୁଏ ସର୍ବଦୁଃଖ ॥
ପ୍ରଶାନ୍ତ-ଚିତ୍ତ ସାଧକର | ଅଚିରେ ବୁଦ୍ଧି ହୁଏ ସ୍ଥିର ॥୨ ।୬୫ ।୧୧୨॥

ଅଯୁକ୍ତ ନର ବୁଦ୍ଧିହୀନ | ଭାବନା ନୁହେଁ ତା ନିଷ୍କାମ ॥
ସକାମୀ ଶାନ୍ତି ପାଏ ନାହିଁ | ଶାନ୍ତି ବିହୁନେ ସୁଖ କାହିଁ ॥୨।୬୬।୧୧୩॥

ଅସ୍ଥିର ଇନ୍ଦ୍ରିୟ ମଧ୍ୟରେ | ମନ ଯାହାକୁ ଅନୁସରେ ॥
ସେ ତାର ପ୍ରଜ୍ଞା ନିଏ ହରି | ଜଳେ ନାବକୁ ବାୟୁପରି ॥୨।୬୭।୧୧୪॥

ତେଣୁ ହେ ମହାବାହୁ ଯା'ର | ବିଷୟୁ ଇନ୍ଦ୍ରିୟ ସକଳ ॥
ସମ୍ପୂର୍ଣ୍ଣ ରୂପେ ବଶୀଭୂତ | ପ୍ରଜ୍ଞା ତାହାର ପ୍ରତିଷ୍ଠିତ ॥୨।୬୮।୧୧୫॥

ବିମୁଖ ଯହିଁ ସର୍ବପ୍ରାଣୀ | ଉନ୍ମୁଖ ରହେ ତହିଁ ମୁନି ॥
ସକଳେ ଯା'ପାଇଁ ଉନ୍ମୁଖ | ସଂଯମୀ ତା'ପାଇଁ ବିମୁଖ ॥୨।୬୯।୧୧୬॥

ଯେତେ ବି ପ୍ରବେଶିଲେ ଜଳ | ସମୁଦ୍ର ନ ଲଘଂଇ କୂଳ ॥
ତଥା ସଂସାରେ ଯେତେ କାମ | ଯା'ର ଅନ୍ତରେ ହୁଏ ଲୀନ ॥
ଲଭଇ ସେ ପରମ ଶାନ୍ତି | ପ୍ରଯୁଜ୍ୟ ନୁହେଁ ଭୋଗୀ ପ୍ରତି ॥୨।୭୦।୧୧୭॥

ତ୍ୟାଗ କରିଣ ସର୍ବକାମ | ଯେହୁ ବିଚରେ ସ୍ପୃହାହୀନ ॥
ନିରହଂକାରୀ ଓ ନିର୍ମମ | ଲଭଇ ସେ ଶାନ୍ତି ପରମ ॥୨।୭୧।୧୧୮॥
ଏ ଅଟେ ବ୍ରାହ୍ମୀସ୍ଥିତି ପାର୍ଥ | ଲଭିଲେ ହେବ ମୋହମୁକ୍ତ ॥
ଯଦି ବା ଲଭ ଅନ୍ତକାଳେ | ତେବେ ହେଁ ବ୍ରହ୍ମଗତି ମିଳେ ॥୨।୭୨।୧୧୯॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ସାଂଖ୍ୟ ଯୋଗ' ନାମକ ଦ୍ୱିତୀୟ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥୨।୬୬।୧୧୩॥

ଇନ୍ଦ୍ରିୟାଣାଂ ହି ଚରତାଂ ୟନ୍ମନୋଽନୁବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥୨।୬୭।୧୧୪॥

ତସ୍ମାଦ୍‌ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥୨।୬୮।୧୧୫॥

ୟା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂୟମୀ ।
ୟସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥୨।୬୯।୧୧୬॥

ଆପୂର୍ଯ୍ୟମାଣ ମଚଲପ୍ରତିଷ୍ଠଂ-
ସମୁଦ୍ରମାପଃ ପ୍ରବିଶନ୍ତି ୟଦ୍‌ବତ୍ ।
ତଦ୍‌ବତ୍‌କାମା ୟଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ॥୨।୭୦।୧୧୭॥

ବିହାୟ କାମାନ୍ ୟଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିରହଂକାରଃ ସ ଶାନ୍ତିମଧିଗଚ୍ଛତି ॥୨।୭୧।୧୧୮॥

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥୨।୭୨।୧୧୯॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
ସାଂଖ୍ୟୟୋଗୋ ନାମ
ଦ୍ୱିତୀୟୋଽଧ୍ୟାୟଃ ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ତୃତୀୟୋଽଧ୍ୟାୟଃ

କର୍ମଯୋଗଃ

ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥୩।୧।୧୨୦॥

ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ୟେନ ଶ୍ରେୟୋଽହମାପ୍ନୁୟାମ୍ ॥୩।୨।୧୨୧॥

ଶ୍ରୀଭଗବାନୁବାଚ

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନୟୋଗେନ ସାଂଖ୍ୟାନାଂ କର୍ମୟୋଗେନ ୟୋଗିନାମ୍ ॥ ୩।୩।୧୨୨॥

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥ ୩।୪।୧୨୩ ॥

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥୩।୫।୧୨୪॥

କର୍ମେନ୍ଦ୍ରିୟାଣି ସଂୟମ୍ୟ ୟ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥୩।୬।୧୨୫॥

ୟସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।
କର୍ମେନ୍ଦ୍ରିୟୈଃ କର୍ମୟୋଗମସକ୍ତଃ ସ ବିଶିଷ୍ୟତେ ॥୩।୭।୧୨୬॥

ଓଁ ଶ୍ରୀ ପରମାତ୍ମନେ ନମଃ

ତୃତୀୟ ଅଧ୍ୟାୟ

କର୍ମଯୋଗ

ଅର୍ଜୁନ କହିଲେ

କର୍ମ ଅପେକ୍ଷା ଯଦି ଜ୍ଞାନ । ତୁମ୍ଭ ମତରେ ଜନାର୍ଦ୍ଦନ ॥
ଶ୍ରେଷ୍ଠ, ତେବେ ଏ ଘୋର କର୍ମେ। ଲଗାଅ ମୋତେ କେଉଁ ମର୍ମେ ॥୩।୧। ୧୨୦॥

ତୁମ୍ଭର ମିଶ୍ରିତ ବଚନ । ଭ୍ରମିତ କରେ ମୋର ଜ୍ଞାନ ॥
ବିଚାରି, ସ୍ପଷ୍ଟ କରି କୁହ । ଯାହା ମୋ ପାଇଁ ହେବ ଶ୍ରେୟ ॥୩।୨। ୧୨୧॥

ଶ୍ରୀ ଭଗବାନ କହିଲେ

ଅର୍ଜୁନ, କହିଥିଲି ପୂର୍ବେ । ଦୁଇ ପ୍ରକାର ନିଷ୍ଠା ଭବେ ॥
ଜ୍ଞାନୀଙ୍କ ପାଇଁ ଜ୍ଞାନ ଯୋଗ । ଯୋଗୀ ସକାଶେ କର୍ମଯୋଗ ॥୩।୩। ୧୨୨॥

କର୍ମ ନ କରି କେବେ କେହି । ନୈଷ୍କର୍ମ୍ୟ ସିଦ୍ଧି ଲଭେ ନାହିଁ ॥
କର୍ମକୁ ଖାଲି ତ୍ୟାଗ କଲେ । କେବେହେଁ ସିଦ୍ଧି ନାହିଁ ମିଳେ ॥୩।୪। ୧୨୩॥

କର୍ମ ନ କରି କେହି କେବେ । ରହି ନ ପାରେ କ୍ଷଣେ ଭବେ ॥
ପ୍ରକୃତି ଜାତ ଗୁଣ ବଳେ । ପ୍ରାଣୀ ଅବଶ୍ୟ କର୍ମ କରେ ॥୩।୫। ୧୨୪॥

ସଂଯମି ସର୍ବ କର୍ମେନ୍ଦ୍ରିୟ । ଇନ୍ଦ୍ରିୟ ଭୋଗେ ରଖେ ଲୟ ॥
ସେ ନର ବିମୂଢ ଅଟଇ । ତାହାକୁ ମିଥ୍ୟାଚାରୀ କହି ॥୩।୬। ୧୨୫॥

ମନେ ଇନ୍ଦ୍ରିୟ କରି ବଶ । ଅର୍ଜୁନ ଶ୍ରେଷ୍ଠ ସେ ପୁରୁଷ ॥
କର୍ମ ଇନ୍ଦ୍ରିୟ ସାହାଯ୍ୟରେ । ନିଷ୍କାମ କର୍ମଯୋଗ କରେ ॥୩।୭। ୧୨୬॥

ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥୩।୮।୧୨୭॥

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ॥୩।୯।୧୨୮॥

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥୩।୧୦।୧୨୯॥

ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ॥୩।୧୧।୧୩୦॥

ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ୟୋ ଭୁଙ୍କ୍ତେ ସ୍ତେନ ଏବ ସଃ ॥୩।୧୨।୧୩୧॥

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।
ଭୁଞ୍ଜତେ ତେ ତ୍ୱଘଂ ପାପା ୟେ ପଚନ୍ତ୍ୟାତ୍ମକାରଣାତ୍ ॥୩।୧୩।୧୩୨॥

ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।
ଯଜ୍ଞାଦ୍‌ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍‌ଭବଃ ॥୩।୧୪।୧୩୩॥

କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍‌ଭବମ୍ ।
ତସ୍ମାତ୍ସର୍ବଗତଂ ବ୍ରହ୍ମ ନିତ୍ୟଂ ୟଜ୍ଞେ ପ୍ରତିଷ୍ଠିତମ୍ ॥୩।୧୫।୧୩୪॥

ଏବଂ ପ୍ରବର୍ତିତଂ ଚକ୍ରଂ ନାନୁବର୍ତୟତୀହ ୟଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ॥୩।୧୬।୧୩୫॥

ୟସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯଂ ନ ବିଦ୍ୟତେ ॥୩।୧୭।୧୩୬॥

କର୍ତ୍ତବ୍ୟ-କର୍ମ ତୁମ୍ଭେ କର । ଅକର୍ମୁଁ କର୍ମ ଶ୍ରେୟସ୍କର ॥
ଯଦ୍ୟପି କର୍ମ ନ କରିବ । ଶରୀର ରକ୍ଷା ଅସମ୍ଭବ ॥୩।୮।୧୨୭॥

ଯଜ୍ଞାର୍ଥ ବିନା ଅନ୍ୟକର୍ମ । ସଂସାରେ ବନ୍ଧନ କାରଣ ॥
ତେଣୁ ଯଜ୍ଞାର୍ଥେ କର୍ମ କର । ଆସକ୍ତି ତେଜି ଧନୁର୍ଦ୍ଧର ॥୩।୯।୧୨୮॥

ଯଜ୍ଞ ସହିତ ପ୍ରଜା ସୃଷ୍ଟି । କରି, କହିଲେ ପରମେଷ୍ଠୀ ॥
ଯଜ୍ଞରୁ ବୃଦ୍ଧି ପ୍ରାପ୍ତ ହେବ । ଏ ତବ କାମଧେନୁ ହେବ ॥୩।୧୦।୧୨୯॥

ଯଜ୍ଞେ ଦେବଙ୍କୁ କର ତୃପ୍ତ । ଦେବେ କରିବେ ତୁମ୍ଭ ହିତ ॥
ହିତ ସାଧିଣ ପରସ୍ପର । ଲଭିବ ପରମ ମଙ୍ଗଳ ॥୩।୧୧।୧୩୦॥

ଯଜ୍ଞରେ ତୃପ୍ତ ହୋଇ ଦେବେ । ତୁମ୍ଭ ଅଭୀଷ୍ଟ ଫଳ ଦେବେ ॥
ଦେବେ ନ ଅର୍ପି ସେ ଫଳକୁ । ଯେ ଭୁଞ୍ଜେ, ଚୋର କହି ତାକୁ ॥୩।୧୨।୧୩୧॥

ଯଜ୍ଞାବଶେଷ ଭୁଞ୍ଜି ସନ୍ତୁ । ସର୍ବ ପାପରୁ ହୁଏ ମୁକ୍ତ ॥
ଆତ୍ମକାରଣେ ଯେ ଭୁଞ୍ଜଇ । ପାପ କେବଳ ଭକ୍ଷେ ସେହି ॥୩।୧୩।୧୩୨॥

ଅନ୍ନରୁ ସର୍ବପ୍ରାଣୀ ଜାତ । ଜଳଦୁଁ ଅନ୍ନ ହୁଏ ସୃଷ୍ଟ ॥
ଯଜ୍ଞରୁ ଜଳଦ ଉତ୍ପନ୍ନ । କର୍ମରୁ ଯଜ୍ଞ ହୁଏ ଜନ୍ମ ॥୩।୧୪।୧୩୩॥

ବେଦୁଁ ଉତ୍ପନ୍ନ କର୍ମ ଜାଣ । ଅକ୍ଷରୁ ବେଦ ସମୁତ୍ପନ୍ନ ॥
ତେଣୁ ସେ ବ୍ରହ୍ମ ସର୍ବବ୍ୟାପ୍ତ । ଯଜ୍ଞରେ ନିତ୍ୟ ପ୍ରତିଷ୍ଠିତ ॥୩।୧୫।୧୩୪॥

ସୃଷ୍ଟି - ଚକ୍ର ଯେ ପ୍ରଚଳିତ । ଯଦି ନ ହୁଏ ଅନୁସୃତ ॥
ଇନ୍ଦ୍ରିୟଭୋଗୀ ସେହି ଜନ । ପାପୀ ସେ, ବୃଥା ତା' ଜୀବନ ॥୩।୧୬।୧୩୫॥

ଯେ ନର ରହେ ଆତ୍ମତୃପ୍ତ । ଆତ୍ମାରେ ରହେ ସଦା ପ୍ରୀତ ॥
ଆତ୍ମାରେ ସନ୍ତୁଷ୍ଟ ରହଇ । ତା' ପାଇଁ କିଛି କାର୍ଯ୍ୟ ନାହିଁ ॥୩।୧୭।୧୩୬॥

ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥୩।୧୮।୧୩୭॥

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ ॥୩।୧୯।୧୩୮॥

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।
ଲୋକସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ॥୩।୨୦।୧୩୯॥

ୟଦ୍‌ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ୟତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥୩।୨୧।୧୪୦॥

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥୩।୨୨।୧୪୧॥

ୟଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥୩।୨୩।୧୪୨॥

ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥୩।୨୪।୧୪୩॥

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ୟଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍‌ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ॥୩।୨୫।୧୪୪॥

ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।
ଜୋଷୟେତ୍‌ସର୍ବକର୍ମାଣି ବିଦ୍ୱାନ୍‌ୟୁକ୍ତଃ ସମାଚରନ୍ ॥୩।୨୬।୧୪୫॥

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ॥୩।୨୭।୧୪୬॥

କରିବା ନ କରିବା କର୍ମ । ସଙ୍ଗେ ନାହିଁ ତା' ପ୍ରୟୋଜନ ॥
କୌଣସି ପ୍ରାଣୀ ସଙ୍ଗେ ସେହି । ସ୍ୱାର୍ଥ ସମ୍ବନ୍ଧ ରଖେ ନାହିଁ ॥୩।୧୮।୧୩୭॥

ସର୍ବଦା ହୋଇ ଅନାସକ୍ତ । କର୍ତ୍ତବ୍ୟ-କର୍ମ କର ପାର୍ଥ ॥
ଆଚରି ଅନାସକ୍ତ କର୍ମ । ପୁରୁଷ ଲଭଇ ପରମ ॥୩।୧୯।୧୩୮॥

ଜନକ ଆଦି ମୁନି ଗଣ । ମୋକ୍ଷ ଲଭିଲେ କରି କର୍ମ ॥
ଲୋକ କଲ୍ୟାଣ ଦୃଷ୍ଟିରୁ ତ । କର୍ମ ହିଁ କରିବା ଉଚିତ ॥୩।୨୦।୧୩୯॥

ଶ୍ରେଷ୍ଠ ପୁରୁଷ ଯା' ଆଚରେ । ଅନ୍ୟେ କରନ୍ତି ସେ ପ୍ରକାରେ ॥
ବିଚାରି ଯାହା ସ୍ଥିର କରେ । ଲୋକେ ଚଳନ୍ତି ସେ ମାର୍ଗରେ ॥୩।୨୧।୧୪୦॥

ତିନି ଭୁବନେ ଆହେ ପାର୍ଥ । କର୍ତ୍ତବ୍ୟ ନାହିଁ ମୋ କିଞ୍ଚିତ ॥
ପ୍ରାପ୍ତ ଅପ୍ରାପ୍ତ ମୋର ନାହିଁ । ତଥାପି କର୍ମେ ଲିପ୍ତ ମୁହିଁ ॥୩।୨୨।୧୪୧॥

ଯଦି ହୋଇ ମୁଁ ସାବଧାନ । କର୍ମ ନ କରେ ହେ ଅର୍ଜୁନ ॥
ସର୍ବତୋଭାବେ ସବୁ ନର । ଅନୁସରନ୍ତି ପଥ ମୋର ॥୩।୨୩।୧୪୨॥

ଯଦି ମୁଁ କର୍ମ ନ ଆଚରେ । ଭବେ ବିନଷ୍ଟ ହେବେ ନରେ ॥
ସଙ୍କରତା ଓ ପ୍ରଜାନାଶ । କାରଣ ହେବି ଗୁଡାକେଶ ॥୩।୨୪।୧୪୩॥

ଯଥା ଅଜ୍ଞାନ କରେ କର୍ମ । ଆସକ୍ତ ହୋଇ ଅରଜୁନ ॥
ତଥା ନିଷ୍କାମ କର୍ମ ଜ୍ଞାନୀ । କରଇ ଲୋକହିତ ଜାଣି ॥୩।୨୫।୧୪୪॥

ଯେହୁ ଅଜ୍ଞାନ କର୍ମାସକ୍ତ । ନ କର ତା'ର ବୁଦ୍ଧି ଭ୍ରାନ୍ତ ॥
ଜ୍ଞାନୀ ଉତ୍ତମ କର୍ମ କରେ । ଅଜ୍ଞାନ ତା' ଦେଖି ଆଚରେ ॥୩।୨୬।୧୪୫॥

ପ୍ରକୃତି ଗୁଣ ବଳେ କର୍ମ । ସଂସାରେ ହୁଅଇ ସମ୍ପନ୍ନ ॥
ଅହଂକାରେ ଯେ ବିମୋହିତ । ନିଜକୁ କର୍ତ୍ତା ଭାବେ ସେ'ତ ॥୩।୨୭।୧୪୬॥

ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।
ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥୩।୨୮।୧୪୭॥

ପ୍ରକୃତେର୍ଗୁଣସଂମୂଢ଼ାଃ ସଜ୍ଜନ୍ତେ ଗୁଣକର୍ମସୁ ।
ତାନକୃତ୍ସ୍ନବିଦୋ ମନ୍ଦାନ୍ କୃତ୍ସ୍ନବିନ୍ନ ବିଚାଲୟେତ୍ ॥୩।୨୯।୧୪୮॥

ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥୩।୩୦।୧୪୯॥

ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ॥୩।୩୧।୧୫୦॥

ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।
ସର୍ବଜ୍ଞାନବିମୂଢ଼ାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ॥୩।୩୨।୧୫୧॥

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ୟାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ॥୩।୩୩।୧୫୨॥

ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।
ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ॥୩।୩୪।୧୫୩॥

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥୩।୩୫।୧୫୪॥

ଅର୍ଜୁନ ଉବାଚ

ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ ॥୩।୩୬।୧୫୫॥

ଗୁଣ ଓ କର୍ମ ବିଭାଗର । ତତ୍ତ୍ୱକୁ ଜାଣେ ଜ୍ଞାନୀ ନର ॥
ଗୁଣ ସକଳ ଗୁଣେ ସ୍ଥିତ । ତା' ଜାଣି ରହେ ଅନାସକ୍ତ ॥୩।୨୮।୧୪୭॥

ପ୍ରକୃତି ଗୁଣରେ ମୋହିତ । ଗୁଣର କର୍ମେ ଯେ ଆସକ୍ତ ॥
ତାହାକୁ ଅଜ୍ଞ, ମୂର୍ଖ ଜାଣି । ନ କରେ ବିଚଳିତ ଜ୍ଞାନୀ ॥୩।୨୯।୧୪୮॥

ରହିଣ ଆତ୍ମନିଷ୍ଠ ଚିତ୍ତେ । ସମର୍ପି ସର୍ବ କର୍ମ ମୋତେ ॥
ମମତା, ଶୋକ କରି ଦୂର । ନିଷ୍କାମ ହୋଇ ଯୁଦ୍ଧ କର ॥୩।୩୦।୧୪୯॥

ଏ ମୋର ମତ ମତେ ସଦା । ଦୋଷ ନ ବାଛି, ରଖି ଶ୍ରଦ୍ଧା ॥
ଯେଉଁ ମାନବ ଅନୁସରେ । କର୍ମୁ ତାକୁ ବି ମୁକ୍ତି ମିଳେ ॥୩।୩୧।୧୫୦॥

ଯେହୁ ନ ମାନେ ମୋର ମତ । ଦୋଷ ଦୃଷ୍ଟିରେ ଜର୍ଜରିତ ॥
ସର୍ବଜ୍ଞାନରେ ବିମୋହିତ । ଜାଣ ସେ ମୂର୍ଖ ହୁଏ ନଷ୍ଟ ॥୩।୩୨।୧୫୧॥

ନିଜ ପ୍ରକୃତି ଅନୁସାରେ । ଜ୍ଞାନୀ ବି ଯହିଁ କର୍ମ କରେ ॥
ସମସ୍ତେ ପ୍ରକୃତି ଅଧୀନ । ସଂଯମ କରିପାରେ କ'ଣ ॥୩।୩୩।୧୫୨॥

ଇନ୍ଦ୍ରିୟ ଭୋଗେ ଇନ୍ଦ୍ରିୟର । ଯେ ରାଗ, ଦ୍ୱେଷ ଅଛି ଚିର ॥
ନ ହୁଅ ତାର ବଶୀଭୂତ । ପ୍ରାଣୀ ପାଇଁ ସେ ଶତ୍ରୁବତ ॥୩।୩୪।୧୫୩॥

ଉତ୍ତମ ପରଧର୍ମୁ ଶ୍ରେୟ । ବିଗୁଣ ସ୍ୱଧର୍ମ ନିଶ୍ଚୟ ॥
ସ୍ୱଧର୍ମେ ମୃତ୍ୟୁ ଶ୍ରେୟସ୍କର । ଅନ୍ୟର ଧର୍ମ ଭୟଙ୍କର ॥୩।୩୫।୧୫୪॥

ଅର୍ଜୁନ କହିଲେ

କା'ଦ୍ୱାରା ପ୍ରଭାବିତ ହୋଇ । ମନୁଷ୍ୟ ପାପ ଆଚରଇ ॥
ଇଚ୍ଛା ସେ ନ କରିଲେ ହେଲେ । ବାଧ୍ୟରେ ପାପକୁ ଆଚରେ ॥୩।୩୬।୧୫୫॥

ଶ୍ରୀଭଗବାନୁବାଚ

କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍‌ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥୩।୩୭।୧୫୬॥

ଧୂମେନାବ୍ରିୟତେ ବହ୍ନିର୍ୟଥାଦର୍ଶୋ ମଲେନ ଚ ।
ୟଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥୩।୩୮।୧୫୭॥

ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।
କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ॥୩।୩୯।୧୫୮॥

ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥୩।୪୦।୧୫୯॥

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥୩।୪୧।୧୬୦॥

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥୩।୪୨।୧୬୧॥

ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ॥୩।୪୩।୧୬୨॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
କର୍ମଯୋଗୋ ନାମ
ତୃତୀୟୋଽଧ୍ୟାୟଃ ॥

❑◆❑

ଶ୍ରୀ ଭଗବାନ କହିଲେ

କାମ ହିଁ କ୍ରୋଧ, ହେ ଅର୍ଜୁନ । ରଜୋଗୁଣରୁ ନିଏ ଜନ୍ମ ॥
ମହାପାପୀ ସେ ତୃପ୍ତିହୀନ । ଏହାକୁ ଶତ୍ରୁ ବୋଲି ଜାଣ ॥୩।୩୭।୧୫୬॥

ନିଆଁକୁ ଧୂଆଁ ଯଥା ଘେରେ । ଦର୍ପଣ ଆବୃତ ଧୂଳିରେ ॥
ଜରାୟୁ ଘେରେ ଗର୍ଭ ଯଥା । କାମେ ଆବୃତ ଜ୍ଞାନ ତଥା ॥୩।୩୮।୧୫୭॥

ନ ହୁଏ ଅଗ୍ନି ଯଥା ତୃପ୍ତ । ଅର୍ଜୁନ, କାମ ସେହି ମତ ॥
କାମ, ଜ୍ଞାନୀର ଚିର ବୈରୀ । ଜ୍ଞାନୀର ଜ୍ଞାନ ଥାଏ ଘେରି ॥୩।୩୯।୧୫୮॥

ଇନ୍ଦ୍ରିୟଗଣ, ବୁଦ୍ଧି, ମନ । କାମର ବାସସ୍ଥାନ ଜାଣ ॥
ଏ ଦେଇ, କରି ଜ୍ଞାନାବୃତ । ଦେହୀକୁ କରେ ବିମୋହିତ ॥୩।୪୦।୧୫୯॥

ପ୍ରଥମେ ତେଣୁ ଅରଜୁନ । ଇନ୍ଦ୍ରିୟ ସବଶେ ରଖିଣ ॥
ଜ୍ଞାନ ବିଜ୍ଞାନ ନାଶକାରୀ । ପାପୀ କାମକୁ ଦିଅ ମାରି ॥୩।୪୧।୧୬୦॥

ଦେହୁଁ ଇନ୍ଦ୍ରିୟ ଶ୍ରେଷ୍ଠ କହି । ଇନ୍ଦ୍ରିୟୁଁ ଶ୍ରେଷ୍ଠ ଏ ମନ ହିଁ ॥
ମନଠୁ ମଧ୍ୟ ବୁଦ୍ଧି ଶ୍ରେଷ୍ଠ । ବୁଦ୍ଧିଠୁ ଆତ୍ମା ଅତିଶ୍ରେଷ୍ଠ ॥୩।୪୨।୧୬୧॥

ବୁଦ୍ଧିରୁ ଆତ୍ମା ଶ୍ରେଷ୍ଠ ଜାଣି । ବୁଦ୍ଧିବଳରେ ମନ ଜିଣି ॥
ଦୁର୍ଜୟ କାମନା ଶତ୍ରୁକୁ । ହେ ମହାବାହୁ, ମାର ତା'କୁ ॥୩।୪୩।୧୬୨॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'କର୍ମଯୋଗ' ନାମକ ତୃତୀୟ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀପରମାତ୍ମନେ ନମଃ

ଅଥ ଚତୁର୍ଥୋଽଧ୍ୟାୟଃ

ଜ୍ଞାନକର୍ମସନ୍ନ୍ୟାସଯୋଗଃ

ଶ୍ରୀଭଗବାନୁବାଚ

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥୪।୧।୧୬୩॥

ଏବଂ ପରଂପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଲେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥୪।୨।୧୬୪॥

ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।
ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥୪।୩।୧୬୫॥

ଅର୍ଜୁନ ଉବାଚ

ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।
କଥମେତଦ୍‌ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ॥୪।୪।୧୬୬॥

ଶ୍ରୀଭଗବାନୁବାଚ

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍‌ଥ ପରଂତପ ॥୪।୫।୧୬୭॥

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥୪।୬।୧୬୮॥

ୟଦା ୟଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥୪।୭।୧୬୯॥

ଓଁ ଶ୍ରୀ ପରମାତ୍ମନେ ନମଃ

ଚତୁର୍ଥ ଅଧ୍ୟାୟ

ଜ୍ଞାନ କର୍ମସନ୍ନ୍ୟାସ ଯୋଗ

ଶ୍ରୀ ଭଗବାନ କହିଲେ

ମୁଁ ଏହି ଅବିନାଶୀ ଯୋଗ । ସୂର୍ଯ୍ୟଙ୍କୁ କହିଥିଲି ଆଗ ॥
ସୂର୍ଯ୍ୟ ତା କହିଲେ ମନୁଙ୍କୁ । ମନୁଠୁଁ ଜାଣିଲେ ଇକ୍ଷ୍ୱାକୁ ॥ ୪।୧।୧୬୩॥

ଏପରି ପରମ୍ପରା କ୍ରମେ । ଜାଣିଲେ ରାଜଋଷି ଗଣେ ॥
କିନ୍ତୁ ଏ ଯୋଗ କାଳକ୍ରମେ । ଲୋପ ପାଇଲା ଧରାଧାମେ ॥୪।୨।୧୬୪ ॥

ଆଜି ଏ ଯୋଗ ପୁରାତନ । ଗୋପନୀୟ ଯେ ଅତ୍ୟୁତ୍ତମ ॥
ତୋ ଆଗେ କରିଦେଲି ବ୍ୟକ୍ତ । ଯେଣୁ ତୁ ମୋ'ର ସଖା, ଭକ୍ତ ॥୪।୩।୧୬୫॥

ଅର୍ଜୁନ କହିଲେ

ସୂର୍ଯ୍ୟଙ୍କ ଜନ୍ମ ବହୁପରେ । ତୁମ୍ଭର ଜନ୍ମ ଏ ଧରାରେ ॥
ଆଦ୍ୟେ କିପରି ଏ ଯୋଗକୁ । ତୁମ୍ଭେ କହିଲ ଆଦିତ୍ୟଙ୍କୁ ॥ ୪।୪।୧୬୬ ॥

ଶ୍ରୀ ଭଗବାନ କହିଲେ

ଅର୍ଜୁନ ! ତୁମ୍ଭର ଓ ମୋର । ଜନ୍ମ ବିତିଛି ବହୁବାର ॥
ସେ ସବୁ ମୋତେ ହିଁ ବିଦିତ । ତୁମ୍ଭଙ୍କୁ ସେସବୁ ଅଜ୍ଞାତ ॥୪।୫।୧୬୭॥

ହେଲେ ବି ଅଜ, ମୁଁ ଅବ୍ୟୟ । ପ୍ରାଣୀଙ୍କ ଈଶ୍ୱର ନିଶ୍ଚୟ ॥
ପ୍ରକୃତି ବଶ କରି ହେଳେ । ପ୍ରକଟେ ଯୋଗମାୟା ବଳେ ॥୪।୬।୧୬୮॥

ଧର୍ମର ଯେବେ ହୋଇ ହାନି । ଅଧର୍ମ ବଢ଼େ ହେ ଫାଲ୍‌ଗୁନି ॥
ତେବେ ମୁଁ ନିଜ ଦେହ ଧରି । ଆସେ ଏ ଭବେ ଅବତରି ॥୪।୭।୧୬୯॥

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥୪।୮।୧୭୦॥

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥୪।୯।୧୭୧॥

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍‌ଭାବମାଗତାଃ ॥୪ ।୧୦।୧୭୨॥

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥୪।୧୧।୧୭୩॥

କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ୟଜନ୍ତ ଇହଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥୪।୧୨।୧୭୪॥

ଚାତୁର୍ବର୍ଣ୍ଯଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥୪।୧୩।୧୭୫॥

ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଲେସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥ ୪।୧୪।୧୭୬॥

ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।
କୁରୁ କର୍ମୈବ ତସ୍ମାତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ॥୪।୧୫।୧୭୭॥

କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।
ତତ୍ତେ କର୍ମ ପ୍ରବକ୍ଷ୍ୟାମି ୟଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥୪।୧୬।୧୭୮॥

କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ॥୪।୧୭।୧୭୯॥

ସାଧୁ ଜନଙ୍କ ପରିତ୍ରାଣ । ଦୁଷ୍କୃତ ଜନ ବିନାଶନ ॥
ଧର୍ମର ସଂସ୍ଥାପନ ପାଇଁ । ଜନମେ ଯୁଗେ ଯୁଗେ ମୁହିଁ ॥୪।୮।୧୭୦॥

ଦିବ୍ୟ ଏ ଜନ୍ମ କର୍ମ ମୋର । ଜାଣେ ଯେ ତତ୍ତ୍ୱଜ୍ଞାନୀ ନର ॥
ମରଣ ପରେ ମୋତେ ପାଏ । ପୁନଶ୍ଚ ଜନମ ନ ହୁଏ ॥୪।୯।୧୭୧॥

ରାଗ, ଭୟ ଓ କ୍ରୋଧଶୂନ୍ୟ । ମଦ୍‌ଗତ, ନିଏ ମୋ ଶରଣ ॥
ଜ୍ଞାନ ତପରେ ହୋଇ ପୂତ । ମୋର ସ୍ୱରୂପ ହୁଏ ପ୍ରାପ୍ତ ॥୪।୧୦।୧୭୨॥

ଯେ ମୋତେ ଭଜେ ଯେ ପ୍ରକାରେ । ତାଙ୍କୁ ମୁଁ ଭଜେ ସେ ପ୍ରକାରେ ॥
ସମସ୍ତ ମନୁଷ୍ୟ ହେ ପାର୍ଥ । ଅନୁସରନ୍ତି ମୋର ପଥ ॥୪।୧୧।୧୭୩॥

ଇଚ୍ଛିଣ କର୍ମର ଫଳକୁ । ନରେ ପୂଜନ୍ତି ଦେବତାଙ୍କୁ ॥
କର୍ମଜ ଫଳ ଏହି ଭବେ । ଯେଣୁ ମିଳଇ ଅବିଳମ୍ବେ ॥୪।୧୨।୧୭୪॥

ଗୁଣ ଓ କର୍ମ ଅନୁଯାୟୀ । ସୃଜିଛି ଚତୁର୍ବର୍ଣ୍ଣ ମୁହିଁ ॥
ହେଲେ ବି ସେମାନଙ୍କ କର୍ତ୍ତା । ଜାଣ ମୁଁ ଅବ୍ୟୟ ଅକର୍ତ୍ତା ॥୪।୧୩।୧୭୫॥

କର୍ମଫଳେ ମୋ ସ୍ପୃହା ନାହିଁ । କର୍ମ ଆସକ୍ତ କରେ ନାହିଁ ॥
ମୋତେ ଯେ ଜାଣେ ଏ ପ୍ରକାରେ । ନ ପଡେ କର୍ମ ବନ୍ଧନରେ ॥୪।୧୪।୧୭୬ ॥

ଏପରି ଜାଣି ପୂର୍ବକାଳେ । ମୁମୁକ୍ଷୁ ମଧ୍ୟ କର୍ମ କଲେ ॥
ତେଣୁ ଆଚର ତୁମ୍ଭେ କର୍ମ । ପୂର୍ବଜ କଲାପରି କର୍ମ ॥୪।୧୫।୧୭୭॥

ପ୍ରଭେଦ କର୍ମ ଓ ଅକର୍ମେ । ନ ଜାଣି ଜ୍ଞାନୀ ପଡେ ଭ୍ରମେ ॥
ଯା ଜାଣି କର୍ମବନ୍ଧୁ ମୁକ୍ତ । ହେବ, କହେ ସେ କର୍ମତତ୍ତ୍ୱ ॥୪।୧୬।୧୭୮॥

କର୍ମର ସ୍ୱରୂପକୁ ଜାଣ । ନିଷିଦ୍ଧ କର୍ମେ ରଖ ଜ୍ଞାନ ॥
ଅକର୍ମ ସ୍ୱରୂପକୁ ଜାଣ । କର୍ମର ତତ୍ତ୍ୱ ଯେ ଗହନ ॥ ୪।୧୭।୧୭୯॥

କର୍ମଣ୍ୟକର୍ମ ୟଃ ପଶ୍ୟେଦକର୍ମଣି ଚ କର୍ମ ୟଃ ।
ସ ବୁଦ୍ଧିମାନ୍‌ମନୁଷ୍ୟେଷୁ ସ ୟୁକ୍ତଃ କୃତ୍ସ୍ନକର୍ମକୃତ୍ ॥୪।୧୮।୧୮୦॥

ୟସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଲ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ॥୪।୧୯।୧୮୧॥

ତ୍ୟକ୍ତ୍ୱା କର୍ମଫଲାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପିନୈବ କିଞ୍ଚିତ୍ କରୋତି ସଃ ॥୪।୨୦।୧୮୨॥

ନିରାଶୀର୍ୟତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।
ଶାରୀରଂ କେବଲଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥୪।୨୧।୧୮୩॥

ୟଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥୪।୨୨।୧୮୪॥

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ୟଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥୪।୨୩।୧୮୫॥

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥୪।୨୪।୧୮୬॥

ଦୈବମେବାପରେ ୟଜ୍ଞଂ ୟୋଗିନଃ ପର୍ୟୁପାସତେ ।
ବ୍ରହ୍ମାଗ୍ନାବପରେ ୟଜ୍ଞଂ ୟଜ୍ଞେନୈବୋପଜୁହ୍ୱତି ॥୪।୨୫।୧୮୭॥

ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂୟମାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥୪।୨୬।୧୮୮॥

ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।
ଆତ୍ମସଂୟମୟୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥୪।୨୭।୧୮୯॥

ଯେ ଦେଖେ ଅକର୍ମ କର୍ମରେ । ଅକର୍ମେ କର୍ମ ଦେଖିପାରେ ॥
ନରମଧ୍ୟେ ସେ ବୁଦ୍ଧିମାନ । ସେ ଯୋଗୀ, କରେ ପୂର୍ଣ୍ଣ କର୍ମ ॥୪୧୮।୧୮୦॥

ଯାହାର ସର୍ବ କର୍ମମାନ । କାମନା, ସଂକଳ୍ପ ବିହୀନ ॥
ଜ୍ଞାନ-ଅଗ୍ନିରେ ଭସ୍ମୀଭୂତ । ଜ୍ଞାନୀଙ୍କ ମତେ ସେ ପଣ୍ଡିତ ॥୪୧୯।୧୮୧॥

କର୍ମ ଫଳରେ ଅନାସକ୍ତ । ନିରାଶ୍ରୟ ଓ ନିତ୍ୟତୃପ୍ତ ॥
କର୍ମରେ ଥିଲେ ମଧ୍ୟ ରତ । କର୍ମ ସେ ନ କରେ କିଞ୍ଚିତ ॥୪।୨୦।୧୮୨॥

ନିଷ୍କାମ, ଚିତ୍ତ-ଆତ୍ମା ଜୟୀ । ବିଷୟ ସର୍ବ ତ୍ୟାଗ ଦେଇ ॥
ଶରୀର ରକ୍ଷା କର୍ମ କଲେ । ନ ଲାଗେ ପାପ ତାକୁ ତିଳେ ॥୪।୨୧।୧୮୩॥

ଯାହା ବି ମିଳିଲେ ସନ୍ତୁଷ୍ଟ । ଈର୍ଷା ରହିତ, ଦ୍ୱନ୍ଦ୍ୱାତୀତ ॥
ସିଦ୍ଧି ଅସିଦ୍ଧ ସମ ମଣେ । ନ ପଡ଼େ କର୍ମର ବନ୍ଧନେ ॥୪।୨୨।୧୮୪॥

ଆସକ୍ତି ହୀନ ଚିରମୁକ୍ତ । ସର୍ବଦା ଜ୍ଞାନେ ସ୍ଥିତ ଚିତ୍ତ ॥
ଯେ କର୍ମ କରେ ସେ ଯଜ୍ଞାର୍ଥ । ସେ ସର୍ବ ହୁଏ ବିଗଳିତ ॥୪।୨୩।୧୮୫॥

ସ୍ରୁବାଦି, ଘୃତ, ଅଗ୍ନି ବ୍ରହ୍ମ । ଆହୁତି ବ୍ରହ୍ମଙ୍କର ବ୍ରହ୍ମ ॥
ସର୍ବ କର୍ମେ ଯେ ଦେଖେ ବ୍ରହ୍ମ । ତାର ଗନ୍ତବ୍ୟ ସ୍ଥଳ ବ୍ରହ୍ମ ॥୪।୨୪।୧୮୬॥

ଅନ୍ୟ କେତେକ ଯୋଗୀ ଜନ । ଯଜ୍ଞେ ପୂଜନ୍ତି ଦେବଗଣ ॥
କେହି ବା ଜ୍ଞାନୀ ବ୍ରହ୍ମାଗ୍ନିରେ । ଯଜ୍ଞେ ଯଜ୍ଞକୁ ହୋମ କରେ ॥୪।୨୫।୧୮୭॥

ଶ୍ରୋତ୍ରାଦି ଇନ୍ଦ୍ରିୟ ସକଳେ । ସଂଯମ ଅଗ୍ନିରେ କେ ଢାଳେ ॥
ଆନ କେ ଶବ୍ଦାଦି ବିଷୟ । ଇନ୍ଦ୍ରିୟାଗ୍ନିରେ କରେ ଲୟ ॥୪।୨୬।୧୮୮॥

ସର୍ବ ଇନ୍ଦ୍ରିୟ କର୍ମମାନ । ଆଉ ଯେତେକ ପ୍ରାଣ କର୍ମ ॥
କେ ଜ୍ଞାନଦୀପ୍ତ ହୋମ କରେ । ଆତ୍ମ ସଂଯମ ଯୋଗାଗ୍ନିରେ ॥୪।୨୭।୧୮୯॥

ଦ୍ରବ୍ୟୟଜ୍ଞାସ୍ତପୋୟଜ୍ଞା ଯୋଗୟଜ୍ଞାସ୍ତଥାପରେ ।
ସ୍ୱାଧ୍ୟାୟଜ୍ଞାନୟଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥୪ ।୨୮ ।୧୯୦॥

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥୪ ।୨୯ ।୧୯୧॥

ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଽପ୍ୟେତେ ୟଜ୍ଞବିଦୋ ୟଜ୍ଞକ୍ଷପିତକଲ୍ମଷାଃ ॥୪ ।୩୦ ।୧୯୨॥

ୟଜ୍ଞଶିଷ୍ଟାମୃତଭୁଜୋ ୟାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକୋଽସ୍ତ୍ୟୟଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥୪ ।୩୧ ।୧୯୩॥

ଏବଂ ବହୁବିଧା ୟଜ୍ଞା ବିତତା ବ୍ରହ୍ମଣୋ ମୁଖେ ।
କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥୪ ।୩୨ ।୧୯୪॥

ଶ୍ରେୟାନ୍ ଦ୍ରବ୍ୟମୟାଦ୍ ୟଜ୍ଞାଜ୍ ଜ୍ଞାନୟଜ୍ଞଃ ପରନ୍ତପ ।
ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥୪ ।୩୩ ।୧୯୫॥

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥୪ ।୩୪ ।୧୯୬॥

ୟଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ୟାସ୍ୟସି ପାଣ୍ଡବ ।
ୟେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥୪ ।୩୫ ।୧୯୭॥

ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥୪ ।୩୬ ।୧୯୮॥

ୟଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥୪ ।୩୭ ।୧୯୯॥

ଦ୍ରବ୍ୟଯଜ୍ଞ ଓ ତପୋଯଜ୍ଞ । ସ୍ୱାଧ୍ୟାୟ ତଥା ଯୋଗ ଯଜ୍ଞ ॥
କେ ଦୃଢ଼ମନା ଯତ୍ନବାନ । ଆଚରେ ପୁଣି ଜ୍ଞାନ ଯଜ୍ଞ ॥ ୪।୨୮।୧୯୦॥

ଅପାନେ ହୋମ କରେ ପ୍ରାଣ । ପ୍ରାଣରେ ଉତ୍ସର୍ଗେ ଅପାନ ॥
ଯେ ପ୍ରାଣାୟାମ ପରାୟଣ । ରୋକନ୍ତି ପ୍ରାଣ ଓ ଅପାନ ॥ ୪।୨୯।୧୯୧ ॥

ଅନ୍ୟ କେ ସଂଯତ ଆହାରୀ । ପ୍ରାଣକୁ ଦିଏ ପ୍ରାଣେ ଢାଳି ॥
ଯଜ୍ଞରେ ଯା' ପାପ ମୋଚନ । ସେ ସର୍ବେ ଯଜ୍ଞ ଜ୍ଞାତା ଜନ ॥୪।୩୦ ।୧୯୨॥

ଯେ ଭୁଞ୍ଜେ ଯଜ୍ଞ ଶେଷାମୃତ । ଶାଶ୍ୱତ ବ୍ରହ୍ମ ହୁଏ ପ୍ରାପ୍ତ ॥
ଇହ ଲୋକ ବା ପରଲୋକ । ନ ପାଏ ଯଜ୍ଞହୀନ ଲୋକ ॥ ୪।୩୧।୧୯୩॥

ଏପରି ବହୁ ଯଜ୍ଞମାନ । ବେଦରେ ହୋଇଛି ବର୍ଣ୍ଣନ ॥
ସେ ସବୁ ଜାଣ କର୍ମଜାତ । ଜାଣିଲେ ହେବ ମୋକ୍ଷ ପ୍ରାପ୍ତ॥୪।୩୨।୧୯୪॥

ଦ୍ରବ୍ୟ ଯଜ୍ଞରୁ ଜ୍ଞାନ ଯଜ୍ଞ । ଶ୍ରେଷ୍ଠ ଅଟଇ ଅରଜୁନ ॥
ସଂସାରେ ଯେତେ କର୍ମମାନ । ଜ୍ଞାନରେ ହୁଅଇ ବିଲୀନ ॥୪ ।୩୩।୧୯୫॥

ପ୍ରଣାମ, ପରିପ୍ରଶ୍ନ, ସେବା । କରି ଲଭିବ ଜ୍ଞାନ ଅବା ॥
ତତ୍ତ୍ୱଦରଶୀ ଜ୍ଞାନୀ ଜନ । କରିବେ ସେହି ଜ୍ଞାନ ଦାନ ॥୪ ।୩୪।୧୯୬ ॥

ଯେ ଜ୍ଞାନ ଲଭିଲେ, ଭାରତ । ପୁଣି ନ ହେବ ମୋହଗ୍ରସ୍ତ ॥
ନିଜ ଭିତରେ, ମୋ ଭିତରେ । ଦେଖିବ ସର୍ବ ଚରାଚରେ ॥ ୪।୩୫।୧୯୭ ॥

ପାପୀଙ୍କ ମଧ୍ୟରେ ପାପିଷ୍ଠ । ହୁଅବା ଯଦି, କୁରୁଶ୍ରେଷ୍ଠ ॥
ଜ୍ଞାନ-ଭେଳାକୁ ଆଶ୍ରା କରି । ପାପ-ସମୁଦ୍ର ହେବ ପାରି ॥୪।୩୬ ।୧୯୮॥

ଜ୍ୱଳନ୍ତ ଅନଳ ଯେପରି । ଇନ୍ଧନ ଦିଏ ଭସ୍ମ କରି ॥
ତଥା ଜ୍ଞାନାଗ୍ନି କରେ, ପାର୍ଥ । ସକଳ କର୍ମ ଭସ୍ମୀଭୂତ ॥୪।୩୭ ।୧୯୯॥

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍‌ସ୍ୱୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିନ୍ଦତି ॥୪ ।୩୮ ।୨ ୦ ୦॥

ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍‌ପରଃ ସଂୟତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍‌ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ॥୪ ।୩୯ ।୨ ୦ ୧॥

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥୪ ।୪୦ ।୨ ୦ ୨॥

ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଞ୍ଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ॥୪।୪୧।୨ ୦ ୩ ॥

ତସ୍ମାଦଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ॥୪।୪୨।୨ ୦ ୪॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
ଜ୍ଞାନକର୍ମସନ୍ନ୍ୟାସଯୋଗୋ ନାମ
ଚତୁର୍ଥୋଽଧ୍ୟାୟଃ ॥

❑◆❑

ସଂସାରେ ଜ୍ଞାନର ସମାନ । ପବିତ୍ର କିଛି ନାହିଁ ଆନ ॥
ସେ ଜ୍ଞାନ ଯୋଗସିଦ୍ଧ,କାଳେ । ଅନ୍ତରେ ଅନୁଭବ କରେ ॥୪।୩୮।୨ ୦ ୦॥

ଶ୍ରଦ୍ଧାଳୁ, ଜିତେନ୍ଦ୍ରିୟ ନର । ଲଭେ ସେ ଜ୍ଞାନ, ଯେ ତତ୍ପର ॥
ଜ୍ଞାନ ଲଭିଲେ ପରା ଶାନ୍ତି । ଅତି ଚଞ୍ଚଳେ ହୁଏ ପ୍ରାପ୍ତି ॥୪।୩୯।୨ ୦ ୧॥

ଅଜ୍ଞାନ, ଶ୍ରଦ୍ଧା ବିରହିତ । ସନ୍ଦେହୀ, ହେଲେ ହୁଏ ନଷ୍ଟ ॥
ଇହଲୋକ ବା ପରଲୋକେ । ସନ୍ଦେହୀ ରହେ ନାହିଁ ସୁଖେ ॥୪ ।୪୦।୨ ୦ ୨॥

ଯୋଗେ ଅର୍ପଣ କରି କର୍ମ । ଜ୍ଞାନେ ସଂଶୟ କରି ଛିନ୍ନ ॥
ଆତ୍ମଜ୍ଞ ପୁରୁଷଙ୍କୁ କର୍ମ । ବାନ୍ଧି ନ ପାରେ, ଅରଜୁନ ॥୪।୪୧।୨ ୦ ୩॥

ସଂଶୟ ନିଜ ହୃଦସ୍ଥିତ । ଯା' ଅଟେ ଅଜ୍ଞାନ ସମ୍ଭୂତ ॥
ଜ୍ଞାନ ଖଡଗେ ଛେଦି, ଉଠ । ହୁଅ ହେ କର୍ମଯୋଗେ ସ୍ଥିତ ॥ ୪।୪୨।୨ ୦ ୪॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଜ୍ଞାନ କର୍ମ ସନ୍ନ୍ୟାସ ଯୋଗ' ନାମକ ଚତୁର୍ଥ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ପଞ୍ଚମୋଽଧ୍ୟାୟଃ

କର୍ମସନ୍ନ୍ୟାସଯୋଗଃ

ଅର୍ଜୁନ ଉବାଚ

ସନ୍ନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ॥ ୫।୧।୨ ୦୫ ॥

ଶ୍ରୀଭଗବାନୁବାଚ

ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସନ୍ନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ॥୫।୨।୨ ୦୬॥

ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥୫।୩ ।୨ ୦୭॥

ସାଂଖ୍ୟଯୋଗୌ ପୃଥଗ୍ ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଲମ୍ ॥୫।୪।୨ ୦୮॥

ଯତ୍ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍‌ଯୋଗୈରପି ଗମ୍ୟତେ ।
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ॥୫।୫।୨ ୦୯॥

ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି ॥୫।୬।୨ ୧୦॥

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।
ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ॥୫।୭।୨ ୧୧॥

ଓଁ ଶ୍ରୀ ପରମାତ୍ମନେ ନମଃ

ପଞ୍ଚମ ଅଧ୍ୟାୟ

କର୍ମସନ୍ନ୍ୟାସ ଯୋଗ

ଅର୍ଜୁନ କହିଲେ

ପ୍ରଶଂସ କୃଷ୍ଣ କର୍ମତ୍ୟାଗ । ପୁଣି ପ୍ରଶଂସ କର୍ମ ଯୋଗ ॥
ଏଥିରୁ କେଉଁଗୋଟି ଶ୍ରେୟ । ନିଶ୍ଚୟ କରି ମୋତେ କୁହ ॥୫।୧ ।୨ ୦୫॥

ଶ୍ରୀ ଭଗବାନ କହିଲେ

କର୍ମ ସନ୍ନ୍ୟାସ, କର୍ମ ଯୋଗ । ଉଭୟ ଅଟେ ମୋକ୍ଷ ମାର୍ଗ ॥
କର୍ମ ତ୍ୟାଗରୁ କର୍ମ ଯୋଗ । ଉତ୍କୃଷ୍ଟ ଜାଣ ମହାଭାଗ ॥୫।୨ ।୨ ୦୬॥

ଯେ ଇଚ୍ଛାହୀନ, ଦ୍ୱେଷହୀନ । ନିତ୍ୟ ସନ୍ନ୍ୟାସୀ ଯୋଗ୍ୟ ଜାଣ ॥
ନିର୍ଦ୍ୱନ୍ଦ୍ୱ ହୋଇ ସୁଖେ ପାର୍ଥ । ଭବ ବନ୍ଧନୁ ହୁଏ ମୁକ୍ତ ॥୫।୩।୨ ୦୭॥

ପଣ୍ଡିତ ନୁହେଁ, ଅଜ୍ଞ ଜନ । କହନ୍ତି ଯୋଗ, ସାଂଖ୍ୟ ଭିନ୍ନ ॥
ଏକେ ହୋଇଲେ ଅବସ୍ଥିତ । ଉଭୟ ଫଳ ହୁଏ ପ୍ରାପ୍ତ ॥୫।୪ ।୨ ୦୮॥

ଯେ ପଦ ଲଭେ ଜ୍ଞାନ ଯୋଗୀ । ସେ ପଦ ଲଭେ କର୍ମଯୋଗୀ ॥
ଯେ ଜ୍ଞାନ, କର୍ମଯୋଗ ଏକ । ଦେଖେ, ସେ ପ୍ରକୃତ ଦର୍ଶକ ॥୫।୫ ।୨ ୦୯॥

ଅଭାବେ ଏ କର୍ମଯୋଗର । ସାଂଖ୍ୟରେ ସିଦ୍ଧି କଷ୍ଟକର ॥
ମନନଶୀଳ ଯୋଗଯୁକ୍ତ । ଅଚିରେ ଲଭେ ବ୍ରହ୍ମ, ପାର୍ଥ ॥୫ ।୬ ।୨ ୧୦॥

ଯେ କର୍ମଯୋଗୀ, ବିଶୁଦ୍ଧାତ୍ମା । ଜିତେନ୍ଦ୍ରିୟ ଓ ବିଜିତାତ୍ମା ॥
ଦେଖେ ଆତ୍ମାରେ ସର୍ବଭୂତ । କର୍ମ କଲେ ହେଁ ନୁହେଁ ଲିପ୍ତ ॥୫ ।୭ ।୨ ୧୧॥

ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟନ୍ ଶୃଣ୍ୱନ୍‌ସ୍ପୃଶନ୍ ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପନ୍‌ଶ୍ୱସନ୍ ॥୫।୮।୨୧୨॥

ପ୍ରଲପନ୍ ବିସୃଜନ୍ ଗୃହ୍ଣନ୍ ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥୫।୯।୨୧୩ ॥

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ୟଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥୫।୧୦।୨୧୪॥

କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।
ୟୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥୫।୧୧।୨୧୫॥

ୟୁକ୍ତଃ କର୍ମଫଲଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।
ଅୟୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ ॥୫।୧୨।୨୧୬॥

ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥୫।୧୩ ।୨୧୭॥

ନ କର୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଲସଂୟୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥୫।୧୪।୨୧୮॥

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥୫।୧୫।୨୧୯॥

ଜ୍ଞାନେନ ତୁ ତଦଜ୍ଞାନଂ ୟେଷାଂ ନାଶିତମାତ୍ମନଃ ।
ତେଷାମାଦିତ୍ୟବଜ୍‌ଜ୍ଞାନଂ ପ୍ରକାଶୟତି ତତ୍‌ପରମ୍ ॥୫।୧୬।୨୨୦॥

ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ॥୫।୧୭।୨୨୧॥

ତତ୍ତ୍ୱଜ୍ଞ,ସାଂଖ୍ୟଯୋଗୀ ସେହି । ଭାବେ ମୁଁ କିଛି କରେ ନାହିଁ ॥
ଦର୍ଶନ, ଶ୍ରୁତି, ଘ୍ରାଣ, ସ୍ପର୍ଶ । ଭୋଜନ, ଭ୍ରମ, ନିଦ୍ରା, ଶ୍ୱାସ ॥୫।୮ ।୨୧୨॥

କଥନ, ତ୍ୟାଗ ଓ ଗ୍ରହଣ । ଉନ୍ମେଷ, ନିମେଷ କରିଣ ॥
ଭାବଇ ମନେ ସେ ସମସ୍ତ । ଇନ୍ଦ୍ରିୟ ସ୍ୱ ସ୍ୱ କର୍ମେ ରତ ॥୫।୯।୨୧୩ ॥

ଆସକ୍ତି ହୀନ କର୍ମ କରେ । ସେ କର୍ମ ଅର୍ପଇ ବ୍ରହ୍ମରେ ॥
ଜଳେ ଯେପରି ପଦ୍ମପତ୍ର । ପାପରେ ହୁଏ ନାହିଁ ଲିପ୍ତ ।୫।୧୦।୨୧୪॥

ଆସକ୍ତି ତେଜି କର୍ମଯୋଗୀ । କେବଳ ଆତ୍ମଶୁଦ୍ଧି ଲାଗି ॥
ଇନ୍ଦ୍ରିୟ, କାୟ, ବୁଦ୍ଧି, ମନ । - ଦ୍ୱାରା କରନ୍ତି କର୍ମମାନ ॥୫।୧୧।୨୧୫॥

ତ୍ୟଜିଣ କର୍ମଫଳ ଯୋଗୀ । ହୁଏ ପରମଶାନ୍ତି ଭୋଗୀ ॥
ସକାମୀ ହୋଇ ଫଳାସକ୍ତ । ବନ୍ଧନେ ହୁଏ ନିପତିତ ॥୫।୧୨।୨୧୬॥

ଆତ୍ମ ସଂଯମୀ ମନୋବଳେ । ସକଳ କର୍ମ ତେଜି ହେଳେ ॥
ସୁଖେ ସେ ନବଦ୍ୱାର ଦେହେ । ରହେ, ନ କରେ ନ କରାଏ ॥୫।୧୩।୨୧୭॥

ପ୍ରାଣୀର କର୍ତ୍ତୃତ୍ୱ ବା କର୍ମ । କର୍ମଫଳର ସଂଯୋଜନ ॥
ନୁହେଁ ଏ ପ୍ରଭୁଙ୍କ ସୃଜନ । ପ୍ରକୃତି ଏହା କରେ ଜାଣ ॥୫।୧୪।୨୧୮॥

ଆତ୍ମା କାହାର ପାପ ପୁଣ୍ୟ । କେବେହେଁ ନ କରେ ଗ୍ରହଣ॥
ଅଜ୍ଞାନେ ହେଲେ ଜ୍ଞାନାବୃତ । ଜୀବେ ହୁଅନ୍ତି ମୋହଗ୍ରସ୍ତ ॥୫।୧୫।୨୧୯॥

କିନ୍ତୁ ଯେ ଆତ୍ମଜ୍ଞାନ ବଳେ । ଅଜ୍ଞାନ ନାଶଇ ସମୂଳେ ॥
ତାର ସେ ଜ୍ଞାନ ସୂର୍ଯ୍ୟସମ । ପରମ ପ୍ରକାଶେ ସକ୍ଷମ ॥୫।୧୬।୨୨୦॥

ବ୍ରହ୍ମଜ୍ଞ, ବ୍ରହ୍ମନିଷ୍ଠ ପୁଣ । ତଦାତ୍ମ, ବ୍ରହ୍ମ ପରାୟଣ ॥
ଜ୍ଞାନେ ଯାହାର ପାପ ଧୌତ । ପରମ ଗତି ହୁଏ ପ୍ରାପ୍ତ ॥୫।୧୭।୨୨୧॥

ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥୫।୧୮।୨୨୨॥

ଇହୈବ ତୈର୍ଜିତଃ ସର୍ଗୋ ୟେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥୫।୧୯।୨୨୩ ॥

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍‌ବିଜେତ୍ ପ୍ରାପ୍ୟ ଚାପ୍ରିୟମ୍।
ସ୍ଥିରବୁଦ୍ଧିରସଂମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥୫।୨୦।୨୨୪॥

ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ୟତ୍ ସୁଖମ୍ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥୫।୨୧।୨୨୫॥

ୟେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥୫।୨୨।୨୨୬॥

ଶକ୍ନୋତୀହୈବ ୟଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍‌ଭବଂ ବେଗଂ ସ ୟୁକ୍ତଃ ସ ସୁଖୀ ନରଃ ॥୫।୨୩।୨୨୭॥

ୟୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ୟଃ ।
ସ ୟୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥୫।୨୪।୨୨୮॥

ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।
ଛିନ୍ନଦ୍ୱୈଧା ୟତାତ୍ମାନଃ ସର୍ବଭୂତହିତେ ରତାଃ ॥୫।୨୫।୨୨୯॥

କାମକ୍ରୋଧବିୟୁକ୍ତାନାଂ ୟତୀନାଂ ୟତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ॥୫।୨୬।୨୩୦॥

ସ୍ପର୍ଶାନ୍ କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ॥୫।୨୭।୨୩୧॥

ବିଦ୍ୱାନ ବିନୟୀ ବ୍ରାହ୍ମଣ । ଚଣ୍ଡାଳ,ଗୋରୁ, ହସ୍ତୀ, ଶ୍ୱାନ ॥
ସବୁରି ମଧ୍ୟେ ଏକ ବ୍ରହ୍ମ । ପଣ୍ଡିତ କରଇ ଦର୍ଶନ ॥୫।୧୮।୨୨୨॥

ଯାହାଙ୍କ ମନ ସମତାରେ । ସ୍ଥିତ, ଜିଣନ୍ତି ଏ ସଂସାରେ ॥
ବ୍ରହ୍ମ ସମାନ, ଦୋଷମୁକ୍ତ । ତେଣୁ ସେମାନେ ବ୍ରହ୍ମେ ସ୍ଥିତ ॥୫।୧୯।୨୨୩॥

ସ୍ଥିତଧୀ, ମୋହଶୂନ୍ୟ ଚିତ୍ତ । ବ୍ରହ୍ମଜ୍ଞ ରହି ବ୍ରହ୍ମେ ସ୍ଥିତ ॥
ପ୍ରିୟ ପ୍ରାପ୍ତିରେ ନୁହେ ହର୍ଷ । ଅଥବା ଅପ୍ରିୟେ ବିମର୍ଷ ॥୫।୨୦।୨୨୪॥

ଅନାସକ୍ତ ଯେ ବାହ୍ୟ ସ୍ପର୍ଶେ । ଯେ ସୁଖ ଅନ୍ତରେ ଲଭେ ସେ ॥
ସଦା ସେ ରହି ବ୍ରହ୍ମେ ସ୍ଥିତ । ଅକ୍ଷୟ ସୁଖ ହୁଏ ପ୍ରାପ୍ତ ॥୫।୨୧।୨୨୫॥

ଯାହା ବା ସୁଖ ସ୍ପର୍ଶଜାତ । ଦୁଃଖର କାରଣ ନିଶ୍ଚିତ ॥
ତା' କ୍ଷଣସ୍ଥାୟୀ ହେ ଅର୍ଜୁନ । ନିଃସ୍ପୃହ ତହିଁ ଜ୍ଞାନୀଜନ ॥୫।୨୨।୨୨୬॥

କରିବା ଆଗୁ ଦେହତ୍ୟାଗ । ଯେ କାମ କ୍ରୋଧ ଜାତ ବେଗ ॥
ସହନେ, ସଂସାରେ ସକ୍ଷମ । ସେ ଯୋଗୀ, ସୁଖୀ ନର ଜାଣ ॥୫।୨୩।୨୨୭॥

ଅନ୍ତରେ ସୁଖ ଓ ଆରାମ । ଅନ୍ତର ଯା'ର ଦୀପ୍ତିମାନ ॥
ସେ ଯୋଗୀ ହୋଇ ବ୍ରହ୍ମେ ସ୍ଥିତ । ବ୍ରହ୍ମନିର୍ବାଣ ହୁଏ ପ୍ରାପ୍ତ ॥୫।୨୪।୨୨୮॥

ସକଳ ପ୍ରାଣୀ ହିତେ ରତ । ସଂଯତ, ସଂଶୟ ରହିତ ॥
ଯେ ମୁନିଗଣ ପାପଶୂନ୍ୟ । ଲଭନ୍ତି ସେ ବ୍ରହ୍ମ ନିର୍ବାଣ ॥୫।୨୫।୨୨୯॥

ଯେ ଯୋଗୀ କାମ କ୍ରୋଧ ହୀନ । ଆତ୍ମଦର୍ଶୀ ଓ ଜିତମନ ॥
ଜୀବନେ ଅବା ମରଣରେ । ବ୍ରହ୍ମ ନିର୍ବାଣ ଲାଭ କରେ ॥୫।୨୬।୨୩୦॥

ବାହ୍ୟ ବସ୍ତୁକୁ ତ୍ୟାଗ କରି । ଭ୍ରୂମଧ୍ୟେ ଦୃଷ୍ଟି ସ୍ଥିର କରି ॥
ନାସା ଭିତର ପଥଚାରୀ । ପ୍ରାଣ ଅପାନ ସମ କରି ॥୫।୨୭।୨୩୧॥

ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ୟଃ ସଦା ମୁକ୍ତ ଏବ ସଃ ॥୫।୨୮।୨୩୨॥

ଭୋକ୍ତାରଂ ୟଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥୫।୨୯।୨୩୩॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
କର୍ମସନ୍ନ୍ୟାସଯୋଗୋ ନାମ
ପଞ୍ଚମୋଽଧ୍ୟାୟଃ॥

❑◆❑

ସଂଯତେନ୍ଦ୍ରିୟ - ବୁଦ୍ଧିମନ । ମୁନି ଯେ ମୋକ୍ଷପରାୟଣ ॥
ଲାଳସା, ଭୟ, କ୍ରୋଧହୀନ । ସର୍ବଦା ମୁକ୍ତ ସେହି ଜାଣ ॥୫।୨୮।୨୩୨॥

ଭୋକ୍ତା ମୁଁ ଯଜ୍ଞ ତପସ୍ୟାର । ସକଳ ଲୋକ ମହେଶ୍ୱର ॥
ସକଳଭୂତେ ମୋର ପ୍ରୀତି । ଜାଣି ମୋ ଭକ୍ତ ଲଭେ ଶାନ୍ତି ॥୫।୨୯।୨୩୩॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'କର୍ମ ସନ୍ନ୍ୟାସ ଯୋଗ' ନାମକ ପଞ୍ଚମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଷଷ୍ଠୋଽଧ୍ୟାୟଃ

ଆତ୍ମସଂୟମଯୋଗଃ

ଶ୍ରୀଭଗବାନୁବାଚ

ଅନାଶ୍ରିତଃ କର୍ମଫଲଂ କାର୍ଯଂ କର୍ମ କରୋତି ୟଃ ।
ସ ସନ୍ନ୍ୟାସୀ ଚ ୟୋଗୀ ଚ ନ ନିରଗ୍ନିର୍ ଚାକ୍ରିୟଃ ॥୬।୧।୨୩୪॥

ୟଂ ସନ୍ନ୍ୟାସମିତି ପ୍ରାହୁର୍ୟୋଗଂ ତଂ ବିଦ୍ଧି ପାଣ୍ଡବ ।
ନ ହ୍ୟସଂନ୍ୟସ୍ତସଂକଲ୍ପୋ ୟୋଗୀ ଭବତି କଶ୍ଚନ ॥୬।୨।୨୩୫॥

ଆରୁରୁକ୍ଷୋର୍ମୁନେର୍ୟୋଗଂ କର୍ମ କାରଣମୁଚ୍ୟତେ ।
ୟୋଗାରୂଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ॥୬।୩।୨୩୬॥

ୟଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।
ସର୍ବସଂକଲ୍ପସନ୍ନ୍ୟାସୀ ୟୋଗାରୂଢସ୍ତଦୋଚ୍ୟତେ ॥୬।୪।୨୩୭॥

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ॥୬।୫।୨୩୮॥

ବନ୍ଧୁରାତ୍ମାତ୍ମନସ୍ତସ୍ୟ ୟେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତେତାତ୍ମୈବ ଶତ୍ରୁବତ୍ ॥୬।୬।୨୩୯॥

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥୬।୭।୨୪୦॥

ଓଁ ଶ୍ରୀ ପରମାତ୍ମନେ ନମଃ

ଷଷ୍ଠ ଅଧ୍ୟାୟ

ଆତ୍ମସଂଯମ ଯୋଗ

ଶ୍ରୀ ଭଗବାନ କହିଲେ

ଆଶ୍ରା ନ କରି କର୍ମଫଳେ । କର୍ତ୍ତବ୍ୟ କର୍ମ ଯେହୁ କରେ ॥
ସେହିଁ ସନ୍ନ୍ୟାସୀ, ସେହିଁ ଯୋଗୀ । ଯେ କର୍ମ ତ୍ୟାଗୀ ନୁହେଁ ଯୋଗୀ ॥
କେବଳ ଅଗ୍ନି ତ୍ୟାଗ କଲେ । ନୁହେଁ ସନ୍ନ୍ୟାସୀ କେବେହେଲେ ॥୬।୧।୨୩୪॥

ଯାହାକୁ କହନ୍ତି ସନ୍ନ୍ୟାସ । ତା' ଯୋଗ ଜାଣ ଗୁଡାକେଶ ॥
ସଂକଳ୍ପ ତ୍ୟାଗ ବିନା କେହି । କଦାପି ଯୋଗୀ ହୁଏ ନାହିଁ ॥୬।୨।୨୩୫॥

ଯୋଗାରୋହଣେ ଯା'ର ମନ । ନିଷ୍କାମ କର୍ମ ତା' ମାଧ୍ୟମ ॥
ଯୋଗ ଆରୁଢ଼ ହେଲେ ଜନ । କର୍ମ ନିବୃତ୍ତି ତା' ମାଧ୍ୟମ ॥୬।୩।୨୩୬॥

ଇନ୍ଦ୍ରିୟ ଭୋଗ ଓ କର୍ମରେ । ଆସକ୍ତ ନୁହେ କେବେହେଲେ ॥
ସର୍ବ ସଂକଳ୍ପ ପରିତ୍ୟାଗୀ । ଅଟେ ସେ ଯୋଗାରୂଢ଼ ଯୋଗୀ ॥୬।୪।୨୩୭॥

ଉଦ୍ଧରେ ଆତ୍ମା ଶୁଦ୍ଧମନ । ନକର ଆତ୍ମାର ପତନ ॥
ଆତ୍ମାର ମିତ୍ର ଶୁଦ୍ଧମନ । ଅଶୁଦ୍ଧ ମନ ଶତ୍ରୁ ଜାଣ ॥୬।୫।୨୩୮॥

ମନ ଯାହାର ବଶୀଭୂତ । ଆତ୍ମାର ଅଟେ ସେହି ମିତ୍ର ॥
ଯା' ମନ ନୁହେଁ ବଶୀଭୂତ । ସେହି ଆତ୍ମାର ଶତ୍ରୁବତ ॥୬।୬।୨୩୯॥

ସମ୍ମାନ ଅବା ଅସମ୍ମାନେ । ସୁଖ ଦୁଃଖ ବା ଶୀତ ଉଷ୍ଣେ ॥
ଆତ୍ମ ସଂଯମୀ, ନିର୍ବିକାର । ପରମ ବ୍ରହ୍ମେ ରହେ ସ୍ଥିର ॥୬।୭।୨୪୦॥

ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ॥୬।୮।୨୪୧॥

ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥୬।୯।୨୪୨॥

ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।
ଏକାକୀ ୟତଚିତ୍ତାତ୍ମା ନିରାଶୀରପରିଗ୍ରହଃ ॥୬।୧୦।୨୪୩॥

ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନକୁଶୋତ୍ତରମ୍ ॥୬।୧୧।୨୪୪॥

ତତ୍ରୈକାଗ୍ରଂ ମନଃ କୃତ୍ୱା ୟତଚିତ୍ତେନ୍ଦ୍ରିୟକ୍ରିୟଃ ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍‌ଯୋଗମାତ୍ମବିଶୁଦ୍ଧୟେ ॥୬।୧୨।୨୪୫॥

ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।
ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥୬।୧୩।୨୪୬॥

ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।
ମନଃ ସଂୟମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍‌ପରଃ ॥୬।୧୪।୨୪୭॥

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥୬।୧୫।୨୪୮॥

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।
ନ ଚାତି ସ୍ୱପ୍ନଶୀଲସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥୬।୧୬।୨୪୯॥

ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥୬।୧୭।୨୫୦॥

ବିଜିତେନ୍ଦ୍ରିୟ, ଅବିଚଳ । ଜ୍ଞାନ ବିଜ୍ଞାନ ତୃପ୍ତନର ॥
ମୃତ୍ତିକା, ଶିଳା ଓ ସୁବର୍ଣ୍ଣ । ଯେ ଯୋଗାରୁଢ଼ ମଣେ ସମ ॥୬।୮।୨୪୧॥

ସୁହୃଦ, ଅରି, ମିତ୍ର, ଘୃଣ୍ୟ । ବନ୍ଧୁ, ମଧ୍ୟସ୍ଥ, ଉଦାସୀନ ॥
ସାଧୁ ପାପିଷ୍ଠେ ସମଜ୍ଞାନ । ଯାର ସେ ଯୋଗାଶ୍ରେଷ୍ଠ ଜାଣ ॥୬।୯।୨୪୨॥

ନିରାଶୀ, ସଂଗ୍ରହ ରହିତ । ଯୋଗୀ, ସଂଯମୀ ଆତ୍ମା, ଚିତ୍ତ ॥
ନିର୍ଜନେ ଏକାକୀ ସତତ । ଈଶ୍ୱର ଧ୍ୟାନେ ରହେ ରତ ॥୬।୧୦।୨୪୩॥

ଶୁଦ୍ଧ ସ୍ଥାନରେ ସ୍ଥାପି କୁଶ । ତା'ପରେ ମୃଗଚର୍ମ ବାସ ॥
ଅତୀବ ଉଚ୍ଚନୀଚ ନୋହିଁ । ସ୍ଥିର ଆସନ ସ୍ଥାପି ତହିଁ ॥୬।୧୧।୨୪୪॥

ସଂଯମୀ ଚିତ୍ତେନ୍ଦ୍ରିୟ କର୍ମ । ଏକାଗ୍ର କରି ନିଜ ମନ ॥
ନିଜର ଆତ୍ମଶୁଦ୍ଧି ପାଇଁ । ଯୋଗ ଅଭ୍ୟାସ କରିବ ହିଁ ॥୬।୧୨।୨୪୫॥

ଦେହ, ମସ୍ତକ, ଗ୍ରୀବା ସ୍ଥିର । ରଖି ସମାନ, ଅଚଞ୍ଚଳ ॥
ଦୃଷ୍ଟିକୁ ରଖି ନାସା ଅଗ୍ରେ । ନ ଚାହିଁ ଅନ୍ୟ କେଉଁ ଦିଗେ ॥୬।୧୩।୨୪୬॥

ନିର୍ଭୟ, ଯେ ଆତ୍ମା ପ୍ରଶାନ୍ତ । ଆଚରି ବ୍ରହ୍ମଚର୍ଯ୍ୟ ବ୍ରତ ॥
ମନ ସଂଯମି, ମୋର ଧ୍ୟାନେ । ବସିବ ମଦ୍‌ଗତ ପରାଣେ ॥୬।୧୪।୨୪୭॥

ଏରୂପେ ବଶ କରି ମନ । ଯୋଗୀ ସତତ କରି ଧ୍ୟାନ ॥
ମୋ ସ୍ଥିତ ନିର୍ବାଣ ପରମ । ଶାନ୍ତିକୁ ଲଭେ ଯୋଗୀଜନ ॥୬।୧୫।୨୪୮॥

ଅତି ଆହାର, ନିରାହାର । ଅତି ଶୟନ, ଉଜାଗର ॥
ଏପରି ଲୋକର, ଅର୍ଜୁନ । ଯୋଗ ନ ହୁଏ କଦାଚନ ॥୬।୧୬।୨୪୯॥

ଶୟନ, ଆହାର, ବିହାର । କର୍ମରେ ଚେଷ୍ଟା, ଉଜାଗର ॥
ନିୟମେ ପାଳେ ଯେବେ ନର । ଯୋଗ ତା' ପାଇଁ ଦୁଃଖ ହର ॥୬।୧୭।୨୫୦॥

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।
ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ॥୬।୧୮।୨୫୧॥

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ॥୬।୧୯।୨୫୨॥

ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।
ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥୬।୨୦।୨୫୩॥

ସୁଖମାତ୍ୟନ୍ତିକଂ ଯତ୍ତଦ୍‌ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।
ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ ॥୬।୨୧।୨୫୪॥

ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥୬।୨୨।୨୫୫॥

ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥୬।୨୩।୨୫୬॥

ସଂକଲ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥୬।୨୪।୨୫୭॥

ଶନୈଃ ଶନୈରୁପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥୬।୨୫।୨୫୮॥

ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଲମସ୍ଥିରମ୍ ।
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥୬।୨୬।୨୫୯॥

ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥୬।୨୭।୨୬୦॥

ସଂଯତ ଚିତ୍ତ ଯେବେ ତାର । ନିଜ ସ୍ୱରୂପେ ରହେ ସ୍ଥିର ॥
ସର୍ବ ପଦାର୍ଥୁ ସ୍ପୃହାହୀନ । ତେବେ ତାହାକୁ ଯୋଗୀ ଜାଣ ॥୬।୧୮।୨୫୧॥

ଯେପରି ନିଶ୍ଚଳ ବାୟୁରେ । ପ୍ରଦୀପ ଶିଖା ନାହିଁ ଥରେ ॥
ତଥା ସଂଯମୀ, ଯୋଗଯୁକ୍ତ । ଯୋଗୀଙ୍କ ସ୍ଥିର ରହେ ଚିତ୍ତ ॥୬।୧୯।୨୫୨॥

ଯୋଗ ଅଭ୍ୟାସୁ ରୁଦ୍ଧଚିତ୍ତ । ଯେବେ ସେ ହୋଇଯାଏ ଶାନ୍ତ ॥
ଅନ୍ତରେ ଆତ୍ମାର ସାକ୍ଷାତ । କରି ଅନ୍ତରେ ହୁଏ ତୁଷ୍ଟ ॥୬।୨୦।୨୫୩॥

ଇନ୍ଦ୍ରିୟାତୀତ ବୁଦ୍ଧିଗ୍ରାହୀ । ଅନନ୍ତ ସୁଖ ମିଳେ ଯହିଁ ॥
ଯୋଗୀ ସେ ସୁଖେ ହେଲେ ସ୍ଥିତ । ତତ୍ତ୍ୱରୁ ନ ହୁଏ ବିଚ୍ୟୁତ ॥୬।୨୧।୨୫୪॥

ଯା ଲାଭ କଲେ ଯୋଗୀ ଭାବେ । ତହୁଁ ଅଧିକ ନାହିଁ ଭବେ ॥
ଦୁଃସହ ଦୁଃଖରେ ବିବ୍ରତ । ନହୁଏ, ଯହିଁ ହେଲେ ସ୍ଥିତ ॥୬।୨୨।୨୫୫॥

ସଂସାର ଦୁଃଖରୁ ରହିତ । ସ୍ଥିତିକୁ ଯୋଗ ଜାଣ ପାର୍ଥ ॥
ସେ ଯୋଗ ତତ୍ପର ଚିତ୍ତରେ । ସାଧିବ ନିଶ୍ଚିତ ଭାବରେ ॥୬।୨୩।୨୫୬॥

ସଂକଳ୍ପୁ ଜାତ କାମମାନ । ସମୂଳେ କରିଣ ବର୍ଜ୍ଜନ ॥
ସକଳ ଦିଗୁ ମନୋବଳେ । ନିରୋଧି ଇନ୍ଦ୍ରିୟ ସକଳେ ॥୬।୨୪।୨୫୭॥

ଧୈର୍ଯ୍ୟଯୁକ୍ତ ଏ ବୁଦ୍ଧି ବଳେ । ନିବୃତ୍ତି ଲଭି ଧୀରେ ଧୀରେ ॥
ଆତ୍ମାରେ ସ୍ଥାପି ଦେଇ ମନ । କିଛି ହିଁ ନ କରେ ଚିନ୍ତନ ॥୬।୨୫।୨୫୮॥

ଅସ୍ଥିର ଚଞ୍ଚଳ ଏ ମନ । ଯେ ସ୍ଥାନେ କରେ ବିଚରଣ ॥
ସେ ସ୍ଥାନୁଁ କରାଇ ନିବୃତ୍ତ । ଆତ୍ମାରେ କରିବ ନିବିଷ୍ଟ ॥୬।୨୬।୨୫୯॥

ନିଷ୍ପାପ, ପ୍ରଶାନ୍ତ ଯା ମନ । ଶାନ୍ତ ହୋଇଛି ରଜୋଗୁଣ ॥
ବ୍ରହ୍ମରେ ଲୀନ ସେହି ଯୋଗୀ । ପରମ ସୁଖେ ହୁଏ ଭାଗୀ ॥୬।୨୭।୨୬୦॥

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଲ୍ମଷଃ ।
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥୬।୨୮।୨୬୧॥

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥୬।୨୯।୨୬୨॥

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥୬।୩୦।୨୬୩॥

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥୬।୩୧।୨୬୪॥

ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥୬।୩୨।୨୬୫॥

ଅର୍ଜୁନ ଉବାଚ

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।
ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଲତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ॥୬।୩୩।୨୬୬॥

ଚଞ୍ଚଲଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍‌ଦୃଢ଼ମ୍ ।
ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥୬।୩୪।୨୬୭॥

ଶ୍ରୀଭଗବାନୁବାଚ

ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଲମ୍ ।
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ॥୬।୩୫।୨୬୮॥

ଅସଂୟତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।
ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ॥୬।୩୬।୨୬୯॥

ପାପ ରହିତ ଯୋଗୀ ଜନ | ସଦା ଯୋଗସ୍ଥ କରି ମନ ॥
ବ୍ରହ୍ମ ସଂସ୍ପର୍ଶ ସୁଖ ରାଶି | ଲଭଇ ସହଜେ ସନ୍ନ୍ୟାସୀ ॥୬।୨୮।୨୬୧॥

ସର୍ବତ୍ର ସମଦର୍ଶୀ ଯତି | ଯୁକ୍ତାତ୍ମା ଯୋଗେ ହିଁ ଦେଖନ୍ତି ॥
ନିଜର ଆତ୍ମା ସର୍ବଭୂତେ | ସକଳ ଭୂତ ନିଜ ଚିତ୍ତେ ॥୬।୨୯।୨୬୨॥

ଯେମୋତେ ଦେଖେ ସବୁଠାରେ | ସବୁ ପ୍ରାଣୀଙ୍କୁ ମୋ ଭିତରେ ॥
ତା'ପାଇଁ ମୁଁ ନୁହେ ଅଦୃଶ୍ୟ | ମୋ ପାଇଁ ନୁହେଁ ସେ ଅଦୃଶ୍ୟ ॥୬।୩୦।୨୬୩॥

ସକଳ ଭୂତ ସ୍ଥିତ ମୋତେ | ଅଭିନ୍ନ ଭାବେ ଯେହୁ ଚିନ୍ତେ ॥
ଯାହା ବି ବ୍ୟବହାର କରେ | ସେ ଯୋଗୀ ଥାଏ ମୋ ଭିତରେ ॥୬।୩୧।୨୬୪॥

ସର୍ବ ପ୍ରାଣୀଙ୍କ ସୁଖଦୁଃଖ | ଯେ ଭାବେ ନିଜ ସୁଖଦୁଃଖ ॥
ଏପରି ଯୋଗୀ ଅରଜୁନ | ମୋମତେ ସର୍ବ ଶ୍ରେଷ୍ଠ ଜାଣ ॥୬।୩୨।୨୬୫॥

ଅର୍ଜୁନ କହିଲେ

ସମତ୍ୱଭାବେ ଯେଉଁ ଯୋଗ | କହିଲ ମୋତେ ମହାଭାଗ ॥
ଯେଣୁ ଚଞ୍ଚଳ ମୋର ମନ | ମନେ ନ ରହେ ବହୁକ୍ଷଣ ॥୬।୩୩।୨୬୬॥

ହେ କୃଷ୍ଣ, ଚଞ୍ଚଳ ମୋ'ମନ | ଅସ୍ଥିର, ଦୃଢ଼, ବଳବାନ ॥
ମଣେ ତା' ନିରୋଧ ବିଷମ | ବାୟୁକୁ ନିରୋଧିଲା ସମ ॥୬।୩୪।୨୬୭॥

ଶ୍ରୀ ଭଗବାନ କହିଲେ

ଚଞ୍ଚଳ, ଅସଂଯତ ମନ | ଏଥି ସନ୍ଦେହ ନାହିଁ ଜାଣ ॥
ଅଭ୍ୟାସ ବଇରାଗ୍ୟ ବଳେ | ସଂଯତ କରିହୁଏ ତା'ରେ ॥୬।୩୫।୨୬୮॥

ମୋ ମତେ, ଅସଂଯତ ଜନ | ପାଇଁ ଦୁଷ୍ପ୍ରାପ୍ୟ ଯୋଗ ଜାଣ ॥
ଯେ ଯତ୍ନଶୀଳ, ଜିତେନ୍ଦ୍ରିୟ | ଲଭେ ତା' ଆଚରି ଉପାୟ ॥୬।୩୬।୨୬୯॥

ଅର୍ଜୁନ ଉବାଚ

ଅୟତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।
ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ॥୬।୩୭।୨୭୦॥

କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।
ଅପ୍ରତିଷ୍ଠୋ ମହାବାହୋ ବିମୂଢ଼ୋ ବ୍ରହ୍ମଣଃ ପଥି ॥୬।୩୮।୨୭୧॥

ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ॥୬।୩୯।୨୭୨॥

ଶ୍ରୀଭଗବାନୁବାଚ

ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।
ନ ହି କଲ୍ୟାଣକୃତ୍ କଶ୍ଚିଦ୍‌ଦୁର୍ଗତିଂ ତାତ ଗଚ୍ଛତି ॥୬।୪୦।୨୭୩॥

ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।
ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥୬।୪୧।୨୭୪॥

ଅଥବା ଯୋଗିନାମେବ କୁଲେ ଭବତି ଧୀମତାମ୍ ।
ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥୬।୪୨।୨୭୫॥

ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକମ୍ ।
ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ॥୬।୪୩।୨୭୬॥

ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।
ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ ॥୬।୪୪।୨୭୭॥

ପ୍ରୟତ୍ନାଦ୍‌ଯତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍ବିଷଃ ।
ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ॥୬।୪୫।୨୭୮॥

ଅର୍ଜୁନ କହିଲେ

ଅଯନ୍, ଶ୍ରଦ୍ଧାଯୁକ୍ତ ନର । ଯୋଗରେ ମନ ଯା' ଅସ୍ଥିର ॥
ଯୋଗସିଦ୍ଧିକୁ ନୋହି ପ୍ରାପ୍ତ । କି ଗତି, କୃଷ୍ଣ, ହୁଏ ପ୍ରାପ୍ତ ॥୬।୩୭।୨୭୦॥

ସଂସାର ଭୋଗୁଁ ଯେ ରହିତ । ବ୍ରହ୍ମ ମାର୍ଗରେ ବିମୋହିତ ॥
ନଷ୍ଟ ହୁଏ କି ତା' ଜୀବନ । ବିଚ୍ଛିନ୍ନ ମେଘଖଣ୍ଡ ସମ ॥୬।୩୮।୨୭୧॥

ସମ୍ଭଳେ ଏ ସନ୍ଦେହ ମୋର । ତୁମ୍ଭେ ହିଁ ଦୂରକରି ପାର ॥
ତୁମ୍ଭରି ବିନା କେହି ଆନ । ସନ୍ଦେହ ମୋଚନେ ଅକ୍ଷମ ॥୬।୩୯।୨୭୨॥

ଶ୍ରୀ ଭଗବାନ କହିଲେ

ଇହ ବା ପରଲୋକେ ତା'ର । ବିନାଶ ନାହିଁ, ପାର୍ଥବୀର ॥
କଲ୍ୟାଣ କର୍ମେ ଯା'ର ମତି । କେବେହେଁ ନ ଲଭେ ଦୁର୍ଗତି ॥୬।୪୦।୨୭୩॥

ଉତ୍ତମ ଲୋକ ପ୍ରାପ୍ତ ହୋଇ । ଅନେକ କାଳ ତହିଁ ରହି ॥
ସେ ଯୋଗଭ୍ରଷ୍ଟ, ଜନ୍ମ ନିଏ । ଶ୍ରୀମନ୍ତ ସଦାଚାରୀ ଗୃହେ ॥୬।୪୧।୨୭୪॥

ଅଥବା ଜ୍ଞାନୀ ଯୋଗୀ କୁଳେ । ଜନ୍ମ ଲଭେ ସେ ଧରାତଳେ ॥
ସଂସାରେ ଏପରି ଜନମ । ଅତି ଦୁର୍ଲ୍ଲଭ ଅଟେ ଜାଣ ॥୬।୪୨।୨୭୫॥

ସେଠାରେ ପୂର୍ବଜନ୍ମ ବୁଦ୍ଧି । ସଂସ୍କାର ବଳେ ଲଭି, ସିଦ୍ଧି ॥
ଉଦ୍ଦେଶ୍ୟେ ପୁଣି ବହୁଗୁଣ । ପ୍ରଯତ୍ନ କରେ ହେ ଅର୍ଜୁନ ॥୬।୪୩।୨୭୬॥

ପୂର୍ବ ଅଭ୍ୟାସୁ, ବଳେ ଯତି । ଯୋଗ ସାଧନେ ହୁଏ ବ୍ରତୀ ॥
ଯୋଗ ଜିଜ୍ଞାସୁ ହିଁ କେବଳ । ବେଦରୁ ବଳି ଲଭେ ଫଳ ॥୬।୪୪।୨୭୭॥

ସଯତ୍ନେ ଯୋଗ ସାଧି ଯତି । ସର୍ବ ପାପରୁ ଲଭି ମୁକ୍ତି ॥
ଅନେକ ଜନ୍ମ ସିଦ୍ଧି ଫଳେ । ପରମ ଗତି ଲାଭ କରେ ॥୬।୪୫।୨୭୮॥

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ ॥୬।୪୬।୨୭୯॥

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥୬।୪୬।୨୮୦॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ଆତ୍ମସଂୟମଯୋଗୋ ନାମ
ଷଷ୍ଠୋଽଧ୍ୟାୟଃ ॥

❑◆❑

ତପସ୍ୱୀ ଠାରୁ ଯୋଗୀ ଶ୍ରେଷ୍ଠ । ଜ୍ଞାନୀଙ୍କଠାରୁ ଅତି ଶ୍ରେଷ୍ଠ ॥
କର୍ମୀଙ୍କଠାରୁ ଶ୍ରେଷ୍ଠ ଯୋଗୀ । ତେଣୁ ଅର୍ଜୁନ,ହୁଅ ଯୋଗୀ ॥୬।୪୬।୨୭୯॥

ଯେ ଯୋଗୀ ମୋତେ ଅନ୍ତରରେ । ଶ୍ରଦ୍ଧାରେ ଭଜେ ନିରନ୍ତରେ ॥
ସମସ୍ତ ଯୋଗୀଙ୍କ ମଧ୍ୟରେ । ସେ ସର୍ବଶ୍ରେଷ୍ଠ, ମୋ ମତରେ ॥୬।୪୬।୨୮୦॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଆତ୍ମସଂଯମ ଯୋଗ' ନାମକ ଷଷ୍ଠ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ସପ୍ତମୋଽଧ୍ୟାୟଃ

ଜ୍ଞାନବିଜ୍ଞାନଯୋଗଃ

ଶ୍ରୀଭଗବାନୁବାଚ

ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।
ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ॥ ୭ ।୧ ।୨୮ ୧॥

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ୟଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍‌ଜ୍ଞାତବ୍ୟମବଶିଷ୍ୟତେ ॥ ୭ ।୨ ।୨୮ ୨॥

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ୟତତି ସିଦ୍ଧୟେ ।
ୟତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥ ୭ ।୩ ।୨୮ ୩॥

ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥୭ ।୪ ।୨୮ ୪॥

ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ୟତେ ଜଗତ୍ ॥ ୭ ।୫ ।୨୮ ୫॥

ଏତଦ୍ ୟୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଲୟସ୍ତଥା ॥୭ ।୬ ।୨୮ ୬॥

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥ ୭ ।୭ ।୨୮ ୭॥

ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥୭ ।୮ ।୨୮ ୮॥

ଓଁ ଶ୍ରୀ ପରମାତ୍ମନେ ନମଃ

ସପ୍ତମ ଅଧ୍ୟାୟ

ଜ୍ଞାନ ବିଜ୍ଞାନ ଯୋଗ

ଶ୍ରୀ ଭଗବାନ କହିଲେ

ମୋ ଠାରେ ମନ ସଦାସକ୍ତ । ମମ ଆଶ୍ରିତ ଯୋଗଯୁକ୍ତ ॥
ସମ୍ପୂର୍ଣ୍ଣେ ମୋତେ ନିଃସନ୍ଦେହେ । ଜାଣିବ ଯଥା ଶୁଣ, କହେ ॥୭ ।୧ ।୨୮ ୧॥

ଏ ଜ୍ଞାନ ବିଜ୍ଞାନ ସହିତ । ବିଶେଷେ କହେ ତୁମ୍ଭକୁ ତ ॥
ସଂସାରେ ଲଭିଲେ ଯେ'ଜ୍ଞାନ । ଜ୍ଞାତବ୍ୟ ନ ରହଇ ଆନ ॥୭ ।୨ ।୨୮ ୨॥

ଅସଂଖ୍ୟ ଜନ ମଧ୍ୟେ କେହି । ଯତ୍ନ କରଇ ସିଦ୍ଧି ପାଇଁ ॥
ସେ ଯତ୍ନଶୀଳ ସିଦ୍ଧଗଣେ । ମୋ ତତ୍ତ୍ୱ କେହିଜଣେ ଜାଣେ ॥୭ ।୩ ।୨୮ ୩॥

ଭୂମି, ଅନଳ, ବାୟୁ, ଜଳ । ମନ, ବୁଦ୍ଧି ଓ ଅହଂକାର ॥
ଆକାଶ, ଏହିପରି ଅଷ୍ଟ । ଭାଗେ ମୋ ପ୍ରକୃତି ବିଭକ୍ତ ॥୭ ।୪ ।୨୮ ୪॥

ଏ ଅଷ୍ଟ ପ୍ରକୃତି 'ଅପରା' । ଜାଣ ମୋ ପ୍ରକୃତି ଯେ 'ପରା' ॥
ଚୈତନ୍ୟମୟୀ ସେ ପ୍ରକୃତି । ଯଦ୍ଦ୍ୱାରା ଜଗତର ସ୍ଥିତି ॥୭ ।୫ ।୨୮ ୫॥

ଏ ଦୁଇ ପ୍ରକୃତିରୁ ଜାଣ । ସକଳ ପ୍ରାଣୀଙ୍କ ଜନମ ॥
ତେଣୁ ମୁଁ ଜଗତର ସ୍ରଷ୍ଟା । ତଥା ମୁଁ ପ୍ରଳୟ କରତା ॥ ୭ ।୬ ।୨୮ ୬॥

ମୋ ଠାରୁ ଅନ୍ୟ କିଛି ଭିନ୍ନ । ସଂସାରେ ନାହିଁ, ଅରଜୁନ ॥
ସୂତ୍ରେ ଗ୍ରଥିତ ମଣି ସମ । ଏ ବିଶ୍ୱ କରିଛି ଧାରଣ ॥୭ ।୭ ।୨୮ ୭॥

ଜଳେ ମୁଁ ରସ, ଅରଜୁନ । ଶଶୀ ସୂର୍ଯ୍ୟରେ ମୁଁ କିରଣ ॥
ଓଁକାର ସକଳ ବେଦରେ । ନରେ ପୌରୁଷ, ଶବ୍ଦ 'ଖ'ରେ ॥୭ ।୮ ।୨୮ ୮॥

ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥୭।୯।୨୮୯॥

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।
ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ॥୭।୧୦।୨୯୦॥

ବଲଂ ବଲବତାଂ ଚାହଂ କାମରାଗବିବର୍ଜିତମ୍ ।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥୭।୧୧।୨୯୧॥

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥୭।୧୨।୨୯୨॥

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥୭।୧୩।୨୯୩॥

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥୭।୧୪।୨୯୪॥

ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥୭।୧୫।୨୯୫॥

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥୭।୧୬।୨୯୬॥

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥୭।୧୭।୨୯୭॥

ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥୭।୧୮।୨୯୮॥

ପବିତ୍ର ଗନ୍ଧ ମୁଁ କ୍ଷିତିରେ । ପ୍ରକଟ ତେଜ ମୁଁ ଅଗ୍ନିରେ ॥
ମୁଁ ପ୍ରାଣ ସକଳ ଭୂତର । ମୁହିଁ ତପସ୍ୟା ତପସୀର ॥୭।୯।୨୮୯॥

ଅନାଦି ବୀଜ ପ୍ରାଣୀଙ୍କର । ଜାଣ ହେ ମୋତେ ପାର୍ଥବୀର ॥
ବୁଦ୍ଧି ମୁଁ ବୁଦ୍ଧିଶାଳୀଙ୍କର । ତେଜ ମୁଁ ଅଟେ ତେଜସ୍ୱୀର ॥୭।୧୦।୨୯୦॥

ପାର୍ଥ, ମୁଁ ବଳଶାଳୀଙ୍କର । କାମ ଓ ରାଗ - ଶୂନ୍ୟ ବଳ ॥
ଧର୍ମର ଅନୁକୂଳ କାମ । ପ୍ରାଣୀଙ୍କ ମଧ୍ୟେ ମୁହିଁ ଜାଣ ॥୭।୧୧।୨୯୧॥

ସତ୍ତ୍ୱ, ରାଜସ, ତମୋଗୁଣ । ମୋ ଠାରୁ ଜାତ ବୋଲି ଜାଣ ॥
କିନ୍ତୁ ମୁଁ ନାହିଁ ସେହି ଗୁଣେ । ମୋଠାରେ ଅଛନ୍ତି ସେମାନେ ॥୭।୧୨।୨୯୨॥

ମୋହିତ ଏହି ତିନିଗୁଣେ । ସକଳ ପ୍ରାଣୀ ଏ ଭୁବନେ ॥
ଗୁଣ ଅତୀତ ନିର୍ବିକାର । ରୂପକୁ ନ ଜାଣନ୍ତି ମୋର ॥୭।୧୩।୨୯୩॥

ତ୍ରିଗୁଣମୟୀ ଦୈବୀ ମୋର । ଏ ମାୟା ଅତୀବ ଦୁସ୍ତର ॥
ଯେ ପଶେ ଶରଣ ମୋହର । ମାୟାରୁ ହୁଅନ୍ତି ନିସ୍ତାର ॥୭।୧୪।୨୯୪॥

ଦୁଷ୍କର୍ମୀ, ମୂଢ଼, ନରାଧମ । ମାୟାପହୃତ ଯାର ଜ୍ଞାନ ॥
ଆସୁର ଭାବ ଆଶ୍ରାକରି । ଶରଣ ନ ପଶେ ମୋହରି ॥୭।୧୫।୨୯୫॥

ଅର୍ଥ ଆଶାୟୀ ଆଉ ଆର୍ତ୍ତ । ଜିଜ୍ଞାସୁ, ଜ୍ଞାନୀ ହେ ଭାରତ ॥
ସୁକର୍ମୀ, ଚତୁର୍ବିଧ ଜନ । କରନ୍ତି ମୋହରି ପୂଜନ ॥୭।୧୬।୨୯୬॥

ସେ ମଧ୍ୟେ ଜ୍ଞାନୀ ଜନ ଶ୍ରେଷ୍ଠ । ଯେ ନିତ୍ୟଯୁକ୍ତ, ଏକନିଷ୍ଠ ॥
ଅତ୍ୟନ୍ତ ପ୍ରିୟ ମୁଁ ଜ୍ଞାନୀର । ସେ ଜ୍ଞାନୀ ଅତିପ୍ରିୟ ମୋର ॥୭।୧୭।୨୯୭॥

ଏମାନେ ଉଦାର ସମସ୍ତେ । ଜ୍ଞାନୀ ମୋ ସ୍ୱରୂପ, ମୋ ମତେ ॥
ଉତ୍କୃଷ୍ଟ ଗତି ମୋତେ ଜାଣି । ମୋ'ଠାରେ ସ୍ଥିତ ରହେ ଜ୍ଞାନୀ ॥୭।୧୮।୨୯୮॥

ଅନେକ ଜନ୍ମ ଅନ୍ତେ ଜ୍ଞାନୀ । ସକଳ ବାସୁଦେବ ଜାଣି ॥
ପଶଇ ଶରଣ ମୋହରି । ଦୁର୍ଲ୍ଲଭ, ମହାତ୍ମା ସେପରି ॥୭।୧୯।୨୯୯॥

କାମନାବଶେ ଭ୍ରଷ୍ଟଜ୍ଞାନ । ପାଳି ସେ କାମନା ନିୟମ ॥
ନିଜ ପ୍ରକୃତି ଅନୁସାରେ । ଅନ୍ୟ ଦେବତା ପୂଜା କରେ ॥୭।୨୦।୩୦୦॥

ଯେ ଭକ୍ତ ଯେ ଦେବ ପୂଜନେ । ଇଚ୍ଛଇ ଅତି ଶ୍ରଦ୍ଧାମନେ ॥
ସେ ଦେବ ପ୍ରତି ସେ ଭକ୍ତର । ଶ୍ରଦ୍ଧାକୁ କରିଦିଏ ସ୍ଥିର ॥୭।୨୧।୩୦୧॥

ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ । ଇଚ୍ଛିତ ଦେବଙ୍କୁ ପୂଜଇ ॥
କାମନା ତାର ହୁଏ ପୂର୍ଣ୍ଣ । ଯା' କରିଥାଏ ମୁଁ ବିଧାନ ॥୭।୨୨।୩୦୨॥

କିନ୍ତୁ ସେ ଫଳହିଁ ନଶ୍ୱର । ଯା' ଲଭେ ଅଳ୍ପବୁଦ୍ଧି ନର ॥
ଦେବାରାଧନେ ଦେବ ପ୍ରାପ୍ତ । ମୋତେ ଲଭନ୍ତି ମୋର ଭକ୍ତ ॥୭।୨୩।୩୦୩॥

ମୁହିଁ ଅବ୍ୟକ୍ତ, ମୋତେ ବ୍ୟକ୍ତ । ନିର୍ବୋଧ ଭାବେ ଅବିରତ ॥
ଅବ୍ୟୟ, ସର୍ବଶ୍ରେଷ୍ଠ ମୁହିଁ । ସେ ତତ୍ତ୍ୱ ଜାଣି ପାରେ ନାହିଁ ॥୭।୨୪।୩୦୪॥

ଯୋଗମାୟାରେ ଲୁଚି ରହି । ସଭିଙ୍କୁ ଦେଖା ନ ଦିଅଇ ॥
ମୂଢ଼ ସଂସାର ଜାଣେ ନାହିଁ । ଅଜନ୍ମା, ଅବିନାଶୀ ମୁହିଁ ॥୭।୨୫।୩୦୫॥

ଅତୀତ, ବର୍ତ୍ତମାନ ପୁଣି । ଭବିଷ୍ୟତର ଯେତେ ପ୍ରାଣୀ ॥
ସେ ସବୁ ଜାଣେ ମୁଁ ଅର୍ଜୁନ । ମୋତେ ନ ଜାଣେ କେହି ଜନ ॥୭।୨୬।୩୦୬॥

ଇଚ୍ଛା, ଦ୍ୱେଷରୁ ହୁଏ ଜାତ । ଯେ ଦ୍ୱନ୍ଦ୍ୱ-ମୋହ, ହେ ଭାରତ ॥
ସେ ମୋହେ ହୁଅନ୍ତି ମୋହିତ । ଜନ୍ମ କାଳରେ ସର୍ବଭୂତ ॥୭।୨୭।୩୦୭॥

ପୁଣ୍ୟ କର୍ମକୁ ଯେ ଆଚରି । ପାପ ଦେଇଛି ନଷ୍ଟକରି ॥
ଦ୍ୱନ୍ଦ୍ୱ-ମୋହରୁ ହୋଇ ମୁକ୍ତ । ମୋତେ ଭଜନ୍ତି ଦୃଢ଼ବ୍ରତ ॥୭।୨୮।୩୦୮॥

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍‌ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥୭।୧୯।୨୯୯॥

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥୭।୨୦।୩୦୦॥

ଯୋ ଯୋ ୟାଂ ୟାଂ ତନୁଂ ଭକ୍ତଃଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥୭।୨୧।୩୦୧॥

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ ହି ତାନ୍ ॥୭।୨୨।୩୦୨॥

ଅନ୍ତବତ୍ତୁ ଫଲଂ ତେଷାଂ ତଦ୍‌ଭବତ୍ୟଲ୍ପମେଧସାମ୍ ।
ଦେବାନ୍ ଦେବୟଜୋ ୟାନ୍ତି ମଦ୍‌ଭକ୍ତା ୟାନ୍ତି ମାମପି ॥୭।୨୩।୩୦୩॥

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ॥୭।୨୪।୩୦୪॥

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।
ମୂଢ଼ୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ॥୭।୨୫।୩୦୫॥

ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ।
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ॥୭।୨୬।୩୦୬॥

ଇଚ୍ଛାଦ୍ୱେଷସମୁତ୍‌ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।
ସର୍ବଭୂତାନି ସଂମୋହଂ ସର୍ଗେ ୟାନ୍ତି ପରନ୍ତପ ॥୭।୨୭।୩୦୭॥

ୟେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।
ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ ॥୭।୨୮।୩୦୮॥

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ॥୭।୨୯।୩୦୯॥

ସାଧିଭୂତାଧିଦୈବଂ ମାଂ ସାଧିୟଜ୍ଞଂ ଚ ଯେ ବିଦୁଃ ।
ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ॥୭।୩୦।୩୧୦॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
ଜ୍ଞାନବିଜ୍ଞାନଯୋଗୋ ନାମ
ସପ୍ତମୋଽଧ୍ୟାୟଃ ॥

❑◆❑

ଜରା ମରଣୁ ଇଚ୍ଛି ମୁକ୍ତି । ମୋ ଆଶ୍ରେ ଯତ୍ନ ଯେ କରନ୍ତି ॥
ସେମାନେ ଜାଣନ୍ତି ସେ ବ୍ରହ୍ମ । ସକଳ ଅଧ୍ୟାତ୍ମ ଓ କର୍ମ ॥୭।୨୯।୩୦୯॥

ଅଧିଦୈବ ଓ ଅଧିଭୂତେ । ଅଧିଯଜ୍ଞେ ଯେ ଜାଣେ ମୋତେ ॥
ଅନ୍ତକାଳେ ସେ ଯୁକ୍ତଚିତ୍ତ । ଅବଶ୍ୟ ମୋତେ ହୁଏ ପ୍ରାପ୍ତ ॥୭।୩୦।୩୧୦॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଜ୍ଞାନ ବିଜ୍ଞାନ ଯୋଗ' ନାମକ ସପ୍ତମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଅଷ୍ଟମୋଽଧ୍ୟାୟଃ

ଅକ୍ଷରବ୍ରହ୍ମଯୋଗଃ

ଅର୍ଜୁନ ଉବାଚ

କିଂ ତଦ୍ ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ॥୮ ।୧ ।୩୧ ୧॥

ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍‌ମଧୁସୂଦନ ।
ପ୍ରୟାଣକାଲେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ॥୮ ।୨ ।୩୧ ୨॥

ଶ୍ରୀଭଗବାନୁବାଚ

ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ॥୮ ।୩ ।୩୧ ୩॥

ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।
ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ॥୮ ।୪ ।୩୧ ୪॥

ଅନ୍ତକାଲେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଲେବରମ୍ ।
ୟଃ ପ୍ରୟାତି ସ ମଦ୍‌ଭାବଂ ୟାତି ନାସ୍ତ୍ୟତ୍ର ସଂଶୟଃ ॥୮ ।୫ ।୩୧ ୫॥

ୟଂ ୟଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଲେବରମ୍ ।
ତଂ ତମେବୈତି କୌନ୍ତେୟ ସଦା ତଦ୍‌ଭାବଭାବିତଃ ॥୮ ।୬ ।୩୧ ୬॥

ତସ୍ମାତ୍‌ସର୍ବେଷୁ କାଲେଷୁ ମାମନୁସ୍ମର ୟୁଧ୍ୟ ଚ ।
ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟମ୍ ॥୮ ।୭ ।୩୧ ୭॥

ଓଁ ଶ୍ରୀ ପରମାତ୍ମନେ ନମଃ

ଅଷ୍ଟମ ଅଧ୍ୟାୟ

ଅକ୍ଷରବ୍ରହ୍ମ ଯୋଗ

ଅର୍ଜୁନ କହିଲେ

ବ୍ରହ୍ମ, ଅଧ୍ୟାତ୍ମ ଆଉ କର୍ମ । ହେ କୃଷ୍ଣ କୁହ ତାର ମର୍ମ ॥
ଅଧିଭୂତ ଓ ଅଧିଦୈବ । କାହାକୁ କହନ୍ତି, କେଶବ ॥୮ ।୧ ।୩୧ ୧॥

ଏ ଦେହେ ଅଧିଯଜ୍ଞ କିଏ । ସେଠାରେ କେଉଁ ଭାବେ ରହେ ॥
ସଂଯମୀ, ମରଣ କାଳରେ । କିପରି ତାକୁ ଜାଣିପାରେ ॥୮ ।୨ ।୩୧ ୨॥

ଶ୍ରୀ ଭଗବାନ କହିଲେ

ଅକ୍ଷୟ ପରମାତ୍ମା, ବ୍ରହ୍ମ । ବ୍ରହ୍ମର ସ୍ୱରୂପ, ଅଧ୍ୟାତ୍ମ ॥
ପ୍ରାଣୀଙ୍କ ଜାତ ବୃଦ୍ଧି ପାଇଁ । ଯେ ତ୍ୟାଗ ତାକୁ କର୍ମ କହି ॥୮ ।୩ ।୩୧ ୩॥

ବିନାଶୀ ଯାହା, ଅଧିଭୂତ । ଅର୍ଜୁନ, ସେ ଅଧିଦୈବତ ॥
ହିରଣ୍ୟମୟ ପୁରୁଷ ହିଁ । ଏ ଦେହେ ଅଧିଯଜ୍ଞ ମୁହିଁ ॥୮ ।୪ ।୩୧ ୪॥

ମୋତେହିଁ ଅନ୍ତକାଳେସ୍ମରି । ଯାଏ ଯେ ଦେହ ତ୍ୟାଗ କରି ॥
ମୋର ସ୍ୱରୂପ ହୁଏ ପ୍ରାପ୍ତ । ଏହା ହିଁ ସଂଶୟ ରହିତ ॥୮ ।୫ ।୩୧ ୫॥

ଯେଉଁ ଭାବକୁ ଅନ୍ତେ ସ୍ମରି । ଶରୀର ଯାଏ ତ୍ୟାଗ କରି ॥
ସେହି ଭାବକୁ ହୁଏ ପ୍ରାପ୍ତ । ସେ ଭାବେ ରହି ସଦାସ୍ଥିତ ॥୮ ।୬ ।୩୧ ୬॥

ତେଣୁ ସକଳ ସମୟରେ । ଯୁଦ୍ଧ ବି କର ସ୍ମରି ମୋରେ ॥
ମୋତେ ଅର୍ପିଲେ ବୁଦ୍ଧିମନ । ନିଶ୍ଚେ ଲଭିବୁ ମୋତେ ଜାଣ ॥୮ ।୭ ।୩୧ ୭॥

ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା ।
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ॥୮ ।୮ ।୩୧୮॥

କବିଂ ପୁରାଣମନୁଶାସିତାର -
ମଣୋରଣୀୟାଂ ସମନୁସ୍ମରେଦ୍ ୟଃ ।
ସର୍ବସ୍ୟ ଧାତାରମଚିନ୍ତ୍ୟରୂପ -
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥୮ ।୯ ।୩୧୯॥

ପ୍ରୟାଣକାଲେ ମନସାଚଲେନ
ଭକ୍ତ୍ୟା ଯୁକ୍ତୋ ଯୋଗବଲେନ ଚୈବ ।
ଭ୍ରୂବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ॥୮ ।୧୦ ।୩୨୦॥

ଯଦକ୍ଷରଂ ବେଦବିଦୋ ବଦନ୍ତି
ବିଶନ୍ତି ଯଦ୍‌ଯତୟୋ ବୀତରାଗାଃ ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି
ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ॥୮ ।୧୧ ।୩୨୧॥

ସର୍ବଦ୍ୱାରାଣି ସଂୟମ୍ୟ ମନୋ ହୃଦି ନିରୁଧ୍ୟ ଚ ।
ମୂର୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥୮ ।୧୨ ।୩୨୨॥

ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍‌ମାମନୁସ୍ମରନ୍ ।
ୟଃ ପ୍ରୟାତି ତ୍ୟଜନ୍‌ଦେହଂ ସ ୟାତି ପରମାଂ ଗତିମ୍ ॥୮ ।୧୩ ।୩୨୩॥

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟୟୁକ୍ତସ୍ୟ ଯୋଗିନଃ ॥୮ ।୧୪ ।୩୨୪॥

ଅଭ୍ୟାସ ଯୋଗେ ହୋଇ ଯୁକ୍ତ । ନ ଦେଇ ଅନ୍ୟ ଦିଗେ ଚିତ୍ତ ॥
ସର୍ବଦା ଚିତ୍ତେ ଦିବ୍ୟ ଚିନ୍ତି । ପରମାତ୍ମାକୁ ହୁଏ ପ୍ରାପ୍ତି ॥୮ ।୮ ।୩୧୮॥

ଯେ ପ୍ରାଣୀ କରଇ ଚିନ୍ତନ । ପୁରୁଷ ସର୍ବଜ୍ଞ, ପୁରାଣ ॥
ସୂକ୍ଷ୍ମରୁ ଅତି ସୂକ୍ଷ୍ମତର । ଶାସନ କର୍ତ୍ତା ପ୍ରାଣୀଙ୍କର ॥
ପାଳନ କର୍ତ୍ତା ସଭିଙ୍କର । ଅଚିନ୍ତ୍ୟ ସ୍ୱରୂପ ଯାହାର ॥
ଅଜ୍ଞାନ-ତମ ଧ୍ୱଂସକାରୀ । ଜ୍ଞାନ ସ୍ୱରୂପ ସୂର୍ଯ୍ୟ ପରି ॥୮ ।୯ ।୩୧୯॥

ଏପରି ରୂପ ଚିନ୍ତାକରେ । ଯେ ପ୍ରାଣୀ ମରଣ କାଳରେ ॥
ଭକ୍ତି ଭାବରେ ହୋଇ ଯୁକ୍ତ । ଏକାଗ୍ର କରି ନିଜ ଚିତ୍ତ ॥
ଯୋଗ ବଳରେ ନିଜ ପ୍ରାଣ । ଭ୍ରୁକୁଟୀ ମଧ୍ୟରେ ସ୍ଥାପନ ॥
କରି, ଯେ ଦେହ ତ୍ୟାଗ କରେ । ପରମାତ୍ମାକୁ ଲାଭ କରେ ॥୮ ।୧୦ ।୩୨୦॥

ଯାହାକୁ ଅକ୍ଷର ନାମରେ । କହନ୍ତି ବେଦବେତ୍ତା ନରେ ॥
ଯା' ପ୍ରାପ୍ତି ଲାଗି ଯୋଗୀ ଜନ । ଆସକ୍ତି ଶୂନ୍ୟ କରି ମନ ॥
ଯାହାକୁ ହେବା ଲାଗି ପ୍ରାପ୍ତ । ପାଳନ୍ତି ବ୍ରହ୍ମଚର୍ଯ୍ୟ ବ୍ରତ ॥
ସେ ପରମାତ୍ମା ବିଷୟରେ । କହିବି ତୋତେ ସଂକ୍ଷେପରେ ॥୮ ।୧୧ ।୩୨୧॥

ସଂଯମୀ ଇନ୍ଦ୍ରିୟମାନଙ୍କୁ । ହୃଦୟେ ଧରିଣା ମନକୁ ॥
ପ୍ରାଣକୁ ସ୍ଥାପି ମସ୍ତକରେ । ରହିଣ ଯୋଗ ଧାରଣାରେ ॥୮ ।୧୨ ।୩୨୨॥

ଓଁକାର ଏକାକ୍ଷର ବ୍ରହ୍ମ । ଉଚ୍ଚାରି, କରି ମୋ ସ୍ମରଣ ॥
ଯେ ଦେହ ତେଜି ଚାଲିଯାଏ । ପରମ ଗତି ପ୍ରାପ୍ତ ହୁଏ ॥୮ ।୧୩ ।୩୨୩॥

ଯେହୁ ଅନନ୍ୟ ଚିତ୍ତ ହୋଇ । ସର୍ବଦା ମୋତେ ହିଁ ସ୍ମରଇ ॥
ସେ ନିତ୍ୟଯୁକ୍ତ ଯୋଗୀ ପାଇଁ । ସହଜ ଲଭ୍ୟ ଅଟେ ମୁହିଁ ॥୮ ।୧୪ ।୩୨୪॥

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଲୟମଶାଶ୍ୱତମ୍ ।
ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ॥୮ ।୧୫ ।୩୨ ୫॥

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।
ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥୮ ।୧୬ ।୩୨ ୬॥

ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ ।
ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ॥୮ ।୧୭ ।୩୨ ୭॥

ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥୮ ।୧୮ ।୩୨ ୮॥

ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।
ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ॥୮ ।୧୯ ।୩୨ ୯॥

ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍‌ସନାତନଃ ।
ୟଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ॥୮ ।୨୦ ।୩୩୦॥

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।
ୟଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୮ ।୨୧ ।୩୩୧॥

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।
ୟସ୍ୟାନ୍ତଃସ୍ଥାନି ଭୂତାନି ୟେନ ସର୍ବମିଦଂ ତତମ୍ ॥୮ ।୨୨ ।୩୩୨॥

ୟତ୍ର କାଲେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ୟୋଗିନଃ ।
ପ୍ରୟାତା ୟାନ୍ତି ତଂ କାଲଂ ବକ୍ଷ୍ୟାମି ଭରତର୍ଷଭ ॥୮ ।୨୩ ।୩୩୩॥

ଅଗ୍ନିର୍ଜ୍ୟୋତିରହଃ ଶୁକ୍ଲଃ ଷଣ୍ମାସା ଉତ୍ତରାୟଣମ୍ ।
ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ॥୮ ।୨୪ ।୩୩୪॥

ପରମ ସିଦ୍ଧି ଲଭି ଭବେ । ଯେଉଁ ମହାତ୍ମା ମୋତେ ଲଭେ॥
ନ ହୁଏ ତାର ପୁନର୍ଜନ୍ମ । ଯାହା ଅସ୍ଥାୟୀ, ଦୁଃଖପୂର୍ଣ୍ଣ ॥୮ ।୧୫ ।୩୨ ୫॥

ମର୍ତ୍ତ୍ୟରୁ ବ୍ରହ୍ମଲୋକ ଯାଏ । ପୁନରାବର୍ତ୍ତୀ ଅଟେ ସିଏ ॥
କିନ୍ତୁ ଲଭିଲେ ମୋତେ ଜାଣ । ନ ହୁଏ ତାର ପୁନର୍ଜନ୍ମ ॥୮ ।୧୬ ।୩୨ ୬॥

ବ୍ରହ୍ମାଙ୍କ ଦିନ ଅବା ରାତି । ସହସ୍ର ଯୁଗେ ହୁଏ ପୂର୍ତ୍ତି ॥
ଯାହାର ଅଛି ଏହି ଜ୍ଞାନ । ଦିବାରାତ୍ରିର ସେ ତତ୍ତ୍ୱଜ୍ଞ ॥୮ ।୧୭ ।୩୨ ୭॥

ବ୍ରହ୍ମାଙ୍କ ଦିବସ ଆଗମେ । ଅବ୍ୟକ୍ତୁ ବ୍ୟକ୍ତ ପ୍ରାଣୀ ଜନ୍ମେ ॥
ରାତ୍ରି ଆଗମେ ସର୍ବେ ପୁଣ । ଅବ୍ୟକ୍ତେ ହୋଇଯା'ନ୍ତି ଲୀନ ॥୮ ।୧୮ ।୩୨ ୮॥

ସକଳ ପ୍ରାଣୀ ପୁନଃ ପୁନଃ । ଜନମି ହୁଅନ୍ତି ବିଲୀନ ॥
ବ୍ରହ୍ମାଙ୍କ ରାତ୍ରି ଆଗମନେ । ପୁଣି ଜନ୍ମନ୍ତି ଦିବାଗମେ ॥୮ ।୧୯ ।୩୨ ୯॥

ଅବ୍ୟକ୍ତ ଉର୍ଦ୍ଧ୍ୱରେ ଅବ୍ୟକ୍ତ । ଯାହା ହିଁ ପରମ, ଶାଶ୍ୱତ ॥
ହେଲେ ବି ସର୍ବପ୍ରାଣୀ ନାଶ । ତଥାପି ନୋହେ ତା ବିନାଶ ॥୮ ।୨୦ ।୩୩୦॥

ଅବ୍ୟକ୍ତ ଅକ୍ଷର ବୋଲାଇ । ଯେହୁ, ପରମ ଗତି ସେହି ॥
ଯାହାକୁ ପାଇ ନ ଫେରଇ । ପରମଧାମ ମୋର ସେହି ॥୮ ।୨୧ ।୩୩୧॥

ସକଳ ଯା'ର ଅନ୍ତର୍ଗତ । ସକଳେ ଯେହୁ ପରିବ୍ୟାପ୍ତ ॥
ଅନନ୍ୟ ଭକ୍ତିରେ ହିଁ ପ୍ରାପ୍ତ । ହୁଅନ୍ତି ସେ ପୁରୁଷ, ପାର୍ଥ ॥୮ ।୨୨ ।୩୩୨॥

ଯେକାଳେ ମୃତ୍ୟୁହେଲେ ଯୋଗୀ । ମୁକ୍ତି ବା ପୁନର୍ଜନ୍ମ ଲଭି ॥
ସେହି କାଳର ଗତିପଥ । ବିଷୟେ କହେ, ଶୁଣ ପାର୍ଥ ॥୮ ।୨୩ ।୩୩୩॥

ଉତ୍ତରାୟଣ, ଶୁକ୍ଳପକ୍ଷ । ଦିବସ, ଅଗ୍ନି ଜ୍ୟୋତିଃପଥ ॥
ଏପରି ଦେବଯାନେ ଗଲେ । ବ୍ରହ୍ମଜ୍ଞ ବ୍ରହ୍ମ ଲଭେ ହେଳେ ॥୮ ।୨୪ ।୩୩୪॥

ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।
ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ॥୮ ।୨୫ ।୩୩୫॥

ଶୁକ୍ଲକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।
ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତ୍ତତେ ପୁନଃ ॥୮ ।୨୬ ।୩୩୬॥

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।
ତସ୍ମାତ୍‌ସର୍ବେଷୁ କାଲେଷୁ ଯୋଗଯୁକ୍ତୋ ଭବାର୍ଜୁନ ॥୮ ।୨୭ ।୩୩୭॥

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍‌ପୁଣ୍ୟଫଲଂ ପ୍ରଦିଷ୍ଟମ୍ ।
ଅତ୍ୟେତି ତତ୍‌ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥୮ ।୨୮ ।୩୩୮॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
ଅକ୍ଷରବ୍ରହ୍ମଯୋଗୋ ନାମ
ଅଷ୍ଟମୋଽଧ୍ୟାୟଃ ॥

❑◆❑

ଧୂମ, ରଜନୀ, କୃଷ୍ଣପକ୍ଷ । ଦକ୍ଷିଣାୟନ ଷଡମାସ ॥
ପିତୃ ଯାନରେ ଯୋଗୀ ଯାଇ । ଫେରେ ପୃଥିବୀ, ସ୍ୱର୍ଗ ପାଇ ॥୮ ।୨୫ ।୩୩୫।

ଶୁକ୍ଲ ଓ କୃଷ୍ଣ ଦୁଇପଥ । ଜଗତେ କହନ୍ତି ଶାଶ୍ୱତ ॥
ପ୍ରଥମ ମାର୍ଗେ ମୋକ୍ଷ ପାଇ । ଅନ୍ୟ ମାର୍ଗରେ ଫେରେ ମହୀ ॥୮ ।୨୬ ।୩୩୬।

ଯୋଗୀ ଜାଣି ଏ ଦୁଇପଥ । କଦାପି ନୋହେ ବିମୋହିତ ॥
ତେଣୁ ସର୍ବଦା ଆହେ ପାର୍ଥ । ଯୋଗରେ ହୋଇଯାଅ ଯୁକ୍ତ ॥୮ ।୨୭ ।୩୩୭।

କରିଲେ ବେଦ ଅଧ୍ୟୟନ । ଯେ ଫଳ ମିଳେ କଲେ ଯଜ୍ଞ ॥
ତପ ଓ ଦାନ ଆଚରିଲେ । ସେଥିରୁ ଯେଉଁ ଫଳ ମିଳେ ॥
ତହୁଁ ଉତ୍କୃଷ୍ଟ ବୋଲି ଜାଣି । ସେହି ସକଳ ଅତିକ୍ରମି ॥
ପରମ ପଦ ସନାତନ । ପ୍ରାପ୍ତ ହୁଅଇ ଯୋଗୀ ଜାଣ ॥୮ ।୨୮ ।୩୩୮।

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଅକ୍ଷର ବ୍ରହ୍ମ ଯୋଗ' ନାମକ ଅଷ୍ଟମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ନବମୋଽଧ୍ୟାୟଃ

ରାଜବିଦ୍ୟା-ରାଜଗୁହ୍ୟଯୋଗଃ

ଶ୍ରୀଭଗବାନୁବାଚ

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।
ଜ୍ଞାନଂ ବିଜ୍ଞାନସହିତଂ ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥୯ ।୧ ।୩୩୯॥

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ॥୯ ।୨ ।୩୪୦॥

ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ ।
ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ॥୯ ।୩ ।୩୪୧॥

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।
ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ॥୯ ।୪ ।୩୪୨॥

ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।
ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ॥୯ ।୫ ।୩୪୩ ॥

ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।
ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀତ୍ୟୁପଧାରୟ ॥୯ ।୬ ।୩୪୪॥

ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।
କଲ୍ପକ୍ଷୟେ ପୁନସ୍ତାନି କଲ୍ପାଦୌ ବିସୃଜାମ୍ୟହମ୍ ॥୯ ।୭ ।୩୪୫॥

ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ॥୯ ।୮ ।୩୪୬॥

ଓଁ ଶ୍ରୀ ପରମାତ୍ମନେ ନମଃ

ନବମ ଅଧ୍ୟାୟ

ରାଜବିଦ୍ୟା-ରାଜଗୁହ୍ୟ ଯୋଗ

ଶ୍ରୀ ଭଗବାନ କହିଲେ

ଯେ ଜ୍ଞାନ ପରମ ଗୋପନ । ବିଜ୍ଞାନ ସହିତ ସେ ଜ୍ଞାନ ॥
କହିବି, ଯାହା ଜାଣି ପାର୍ଥ । ସଂସାରୁ ହୋଇଯିବ ମୁକ୍ତ ॥୯ ।୧ ।୩୩୯॥

ଏବିଦ୍ୟା ଶ୍ରେଷ୍ଠ ଓ ଗୋପନ । ପ୍ରତ୍ୟକ୍ଷ ଫଳ କରେ ଦାନ ॥
ପବିତ୍ର, ସାଧ୍ୟ, ଧର୍ମଯୁକ୍ତ । ଉତ୍ତମ, ଅବ୍ୟୟ ବିଦିତ ॥୯ ।୨ ।୩୪୦॥

ଏ ଧର୍ମେ ହୋଇ ଶ୍ରଦ୍ଧାହୀନ । ମୋତେ ନ ପାଇ ଅରଜୁନ ॥
ମରଣଶୀଳ ଏ ସଂସାର । ମାର୍ଗରେ ଭ୍ରମେ ବାରମ୍ବାର ॥୯ ।୩ ।୩୪୧॥

ମୋର ଅବ୍ୟକ୍ତ ରୂପେ ବ୍ୟାପ୍ତ । ହୋଇ ରହିଛି ଏ ଜଗତ ॥
ସକଳ ପ୍ରାଣୀ ମୋରେ ସ୍ଥିତ । ମୁଁ କିନ୍ତୁ ତା'ରେ ନୁହେଁ ସ୍ଥିତ ॥୯ ।୪ ।୩୪୨॥

ସେ ପ୍ରାଣୀ ମୋ'ଠାରେ ନ ଥାନ୍ତି । ଦେଖ ମୋ ଯୋଗ କରାମତି ॥
ମୁହିଁ ସକଳ ଭୂତଧାରୀ । ନ ଥାଏ ତହିଁ, ସ୍ରଷ୍ଟା ତା'ରି ॥୯ ।୫ ।୩୪୩॥

ସର୍ବଗାମୀ ଏ ମହାବାତ । ଯଥା ଆକାଶେ ସଦା ସ୍ଥିତ ॥
ତଥା ସକଳ ପ୍ରାଣୀଗଣ । ମୋ'ଠାରେ ସ୍ଥିତ, ଏହା ଜାଣ ॥୯ ।୬ ।୩୪୪॥

କଳ୍ପାନ୍ତେ ସର୍ବ ପ୍ରାଣୀଗଣ । ହୁଅନ୍ତି ମୋ ମାୟାରେ ଲୀନ ॥
କଳ୍ପର ଆଦି ସମୟରେ । ମୁଁ ପୁଣି ତାଙ୍କୁ ସୃଷ୍ଟି କରେ ॥୯ ।୭ ।୩୪୫॥

ତ୍ରିଗୁଣମୟୀ ମୋ ପ୍ରକୃତି । ତାକୁ କରି ମୋ ବଶବର୍ତ୍ତୀ ॥
ସକଳ ପ୍ରାଣୀ ମାୟାଧୀନ । ତାଙ୍କୁ ମୁଁ ସୃଜେ ପୁନଃ ପୁନଃ ॥୯ ।୮ ।୩୪୬॥

ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।
ତେଣୁ ସେ କର୍ମେ ମୋ' ବନ୍ଧନ । ନାହିଁ କଦାପି ହେ ଅର୍ଜୁନ ॥୯ ।୯ ।୩୪୭॥

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।
ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ ॥୯ ।୧୦ ।୩୪୮॥

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥୯ ।୧୧ ।୩୪୯॥

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥୯ ।୧୨ ।୩୫୦॥

ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ॥୯ ।୧୩ ।୩୫୧॥

ସତତଂ କୀର୍ତ୍ତୟନ୍ତୋ ମାଂ ୟତନ୍ତଶ୍ଚ ଦୃଢ଼ବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟୟୁକ୍ତା ଉପାସତେ ॥୯ ।୧୪ ।୩୫୨॥

ଜ୍ଞାନୟଜ୍ଞେନ ଚାପ୍ୟନ୍ୟେ ୟଜନ୍ତୋ ମାମୁପାସତେ ।
ଏକତ୍ୱେନ ପୃଥକ୍‌ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ॥୯ ।୧୫ ।୩୫୩॥

ଅହଂ କ୍ରତୁରହଂ ୟଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥୯ ।୧୬ ।୩୫୪॥

ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଂକାର ଋକ୍ ସାମ ୟଜୁରେବ ଚ ॥୯ ।୧୭ ।୩୫୫॥

ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।
ପ୍ରଭବଃ ପ୍ରଲୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥୯ ।୧୮ ।୩୫୬॥

ଏସବୁ କର୍ମେ ଅନାସକ୍ତ । ରହେ ମୁଁ ଉଦାସୀନବତ ॥
ତେଣୁ ସେ କର୍ମେ ମୋ' ବନ୍ଧନ । ନାହିଁ କଦାପି ହେ ଅର୍ଜୁନ ॥୯ ।୯ ।୩୪୭॥

ମୋର ନିର୍ଦ୍ଦେଶେ ଏ ପ୍ରକୃତି । ସଚରାଚର କରେ ସୃଷ୍ଟି ॥
ତେଣୁ ଏ ସଂସାରେ ଅର୍ଜୁନ । ଲାଗି ରହିଛି ବିବର୍ତ୍ତନ ॥୯ ।୧୦ ।୩୪୮॥

ମୁଁ ସର୍ବ ପ୍ରାଣୀଙ୍କ ଈଶ୍ୱର । ମୂଢ଼ ଭାବଇ ମୋତେ ନର ॥
ପରମତତ୍ତ୍ୱ ମୋ' ନ ଜାଣି । ଅବଜ୍ଞା କରେ ମୋତେ ପୁଣି ॥୯ ।୧୧ ।୩୪୯॥

ଅଜ୍ଞାନ ଜନଙ୍କର କର୍ମ । ଆଶ୍ରା ଓ ଜ୍ଞାନ ବୃଥା ଜାଣ ॥
ମୋହିନୀ, ରାକ୍ଷସୀ, ଆସୁରୀ । ପ୍ରକୃତି ସେହି ଆଶ୍ରା କରି ॥୯ ।୧୨ ।୩୫୦॥

ଅବ୍ୟୟ ସର୍ବ ଭୂତାଧାର । ଜାଣି ଭଜନ୍ତି ନିରନ୍ତର ॥
ମହାତ୍ମା ଜନ ମୋତେ ପାର୍ଥ । ସାତ୍ତ୍ୱିକ ସ୍ୱଭାବ ଆଶ୍ରିତ ॥୯ ।୧୩ ।୩୫୧॥

କୀର୍ତ୍ତନ କରି ମୋ' ସତତ । ନିତ୍ୟ ଯୁକ୍ତ ସେ ଦୃଢ଼ବ୍ରତ ॥
ଭକ୍ତିରେ କରି ନମସ୍କାର । ପୂଜନ୍ତି ମୋତେ, ଯତ୍‌ନଶୀଳ ॥୯ ।୧୪ ।୩୫୨॥

ଅଭିନ୍ନଭାବ ବା ପୃଥକ । ଅବା ବିଶ୍ୱତୋମୁଖ ରୂପ ॥
କରନ୍ତି ଉପାସନା କେତେ । ଜ୍ଞାନ ଯଜ୍ଞରେ ପୂଜି ମୋତେ ॥୯ ।୧୫ ।୩୫୩॥

ମୁଁ କ୍ରତୁ, ଯଜ୍ଞ ଅଟେ ମୁହିଁ । ସ୍ୱଧା ଓ ଔଷଧ ଅଟଇ ॥
ମୁଁ ମନ୍ତ୍ର, ମୁହିଁ ଅଟେ ଘୃତ । ମୁଁ ଅଟେ ଅଗ୍ନି, ହୋମ ମୁଁ ତ ॥୯ ।୧୬ ।୩୫୪॥

ଜ୍ଞେୟ ମୁଁ, ଜଗତର ପିତା । ମାତା ଓ ପିତାମହ, ଧାତା ॥
ପବିତ୍ର ଓଁକାର ଶବଦ । ଋକ୍, ସାମ ଆଉ ଯଜୁର୍ବେଦ ॥୯ ।୧୭ ।୩୫୫॥

ଗତି, ସୁହୃଦ, ସାକ୍ଷୀ, ଭର୍ତ୍ତା । ପ୍ରଭୁ, ନିବାସ, ରକ୍ଷାକର୍ତ୍ତା ॥
ଆଧାର, ପ୍ରଭବ, ପ୍ରଳୟ । ନିଧାନ, ବୀଜ ମୁଁ ଅବ୍ୟୟ ॥୯ ।୧୮ ।୩୫୬॥

ଉତ୍ତାପେ ମୁଁ ସୂର୍ଯ୍ୟ ରୂପରେ । ଜଳ ଆକର୍ଷି ବର୍ଷା କରେ ॥
ମୁଁ ଅଟେ ମୃତ୍ୟୁ, ମୁଁ ଅମୃତ । ମୁହିଁ ଅସତ ପୁଣି ସତ ॥୯।୧୯।୩୫୭॥

ସୋମପାୟୀ ସେ ତ୍ରିବେଦଜ୍ଞ । ପୂଜନ୍ତି ମୋରେ କରି ଯଜ୍ଞ ॥
ନିଷ୍ପାପ ହୋଇ ସ୍ୱର୍ଗ ଗତି । ନିମନ୍ତେ ପ୍ରାର୍ଥନା କରନ୍ତି ॥
ସେ ପୁଣ୍ୟ କର୍ମଫଳ ପାଇ । ବସନ୍ତି ଦେବଲୋକେ ଯାଇ ॥
ସ୍ୱର୍ଗରେ ଦିବ୍ୟ ଦେବ ଭୋଗ । କରନ୍ତି ତହିଁ ଉପଭୋଗ ॥୯।୨୦।୩୫୮॥

ଦେବଲୋକରେ ଏହିପରି । ସ୍ୱର୍ଗସୁଖକୁ ଭୋଗ କରି ॥
ହୋଇଲେ ପୁଣ୍ୟଫଳ ଶେଷ । ମର୍ତ୍ତ୍ୟରେ କରନ୍ତି ପ୍ରବେଶ ॥
ଏପରି ତିନି ବେଦେ ଉକ୍ତ । ସକାମ ଧର୍ମର ଆଶ୍ରିତ ॥
ସେ ଭୋଗାଭିଳାଷୀ ଏମନ୍ତ । ହୁଅନ୍ତି ସଦା ଆତଜାତ ॥୯।୨୧।୩୫୯॥

ଏକାଗ୍ର ଚିତ୍ତେ ଚିନ୍ତି ମୋରେ । ଯେ ଜନ ମୋର ପୂଜାକରେ ॥
ସେ ନିତ୍ୟଯୁକ୍ତ ଯୋଗକ୍ଷେମ । ତା ପାଇଁ କରେ ମୁଁ ବହନ ॥୯।୨୨।୩୬୦॥

ଅନ୍ୟ ଦେବତା ଯେଉଁ ଭକ୍ତ । ପୂଜନ୍ତି ହୋଇ ଶ୍ରଦ୍ଧାଯୁକ୍ତ ॥
ମୋର ହିଁ ପୂଜା ସେହି ନରେ । କରନ୍ତି ପାର୍ଥ ଅବିଧିରେ ॥୯।୨୩।୩୬୧॥

ସର୍ବ ଯଜ୍ଞର ଭୋକ୍ତା ମୁହିଁ । ମୁଁ ମଧ୍ୟ ତା ପ୍ରଭୁ ଅଟଇ ॥
କିନ୍ତୁ ନ ଜାଣେ ଯେ ମୋ ତତ୍ତ୍ୱ । ପତନ ତା'ର ସୁନିଶ୍ଚିତ ॥୯।୨୪।୩୬୨॥

ଦେବ ପୂଜନେ ଦେବପ୍ରାପ୍ତି । ପିତୃ ପୂଜନେ ପିତୃ ପ୍ରାପ୍ତି ॥
ଭୂତକୁ ପୂଜି ଭୂତପ୍ରାପ୍ତ । ମୋର ଭକ୍ତକୁ ମୁହିଁ ପ୍ରାପ୍ତ ॥୯।୨୫।୩୬୩॥

ପଳ, ପ୍ରସୂନ, ପତ୍ର, ପାଣି । ଭକ୍ତିରେ ଅର୍ପେ ଯାହା ଆଣି ॥
ଶୁଦ୍ଧଚିତ୍ତର ଭକ୍ତିଦତ୍ତ । ପଦାର୍ଥ ମୁହିଁ ଭୁଞ୍ଜେ, ପାର୍ଥ ॥୯।୨୬।୩୬୪॥

ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।
ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ॥୯।୧୯।୩୫୭॥

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।
ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକ -
ମଶ୍ନନ୍ତି ଦିବ୍ୟାନ୍‌ଦିବି ଦେବଭୋଗାନ୍ ॥୯।୨୦।୩୫୮॥

ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଲଂ
କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।
ଏବଂ ତ୍ରୟୀଧର୍ମମନୁପ୍ରପନ୍ନା
ଗତାଗତଂ କାମକାମା ଲଭନ୍ତେ ॥୯।୨୧।୩୫୯॥

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥୯।୨୨।୩୬୦॥

ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ॥୯।୨୩।୩୬୧॥

ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ॥୯।୨୪।୩୬୨॥

ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍‌ଯାନ୍ତି ପିତୃବ୍ରତାଃ ।
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍‌ଯାଜିନୋଽପି ମାମ୍ ॥୯।୨୫।୩୬୩॥

ପତ୍ରଂ ପୁଷ୍ପଂ ଫଲଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥୯।୨୬।୩୬୪॥

ଯତ୍‌କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥୯ ।୨୭ ।୩୬୫॥

ଶୁଭାଶୁଭଫଲୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥୯ ।୨୮ ।୩୬୬॥

ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ॥୯ ।୨୯ ।୩୬୭॥

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍ ବ୍ୟବସିତୋ ହି ସଃ ॥୯ ।୩୦ ।୩୬୮॥

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥୯ ।୩୧ ।୩୬୯॥

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ॥୯ ।୩୨ ।୩୭୦॥

କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।
ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ॥୯ ।୩୩ ।୩୭୧॥

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍‌ପରାୟଣଃ ॥୯ ।୩୪ ।୩୭୨॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ
ରାଜବିଦ୍ୟା - ରାଜଗୁହ୍ୟ ଯୋଗୋ ନାମ
ନବମୋଽଧ୍ୟାୟଃ ॥

❑◆❑

କର ଯା' କର୍ମ, ଯା' ଭୋଜନ । ହୋମ ଅଥବା ଯେଉଁ ଦାନ ॥
ଅର୍ଜୁନ, ଯେ ତପ ଆଚର । ମୋତେ ଅର୍ପଣ ସବୁକର ॥୯ ।୨୭ ।୩୬୫॥

ଶୁଭ ଅଶୁଭ ଫଳଯୁକ୍ତ । କର୍ମ ବନ୍ଧନୁ ହୋଇ ମୁକ୍ତ ॥
ସନ୍ନ୍ୟାସ-ଯୋଗଯୁକ୍ତ, ମୁକ୍ତ । ହୋଇ ଲଭିବ ମୋତେ ପାର୍ଥ ॥୯ ।୨୮ ।୩୬୬॥

ସକଳ ଭୂତେ ସମ ମୁଁହି । ପ୍ରିୟ ଅପ୍ରିୟ ମୋର ନାହିଁ ॥
ଯେ ମୋତେ ଭଜଇ ଭକ୍ତିରେ । ସେ ମୋ ହୃଦରେ ମୁଁ ତା'ଠାରେ ॥୯ ।୨୯ ।୩୬୭॥

ମୋତେ ଯେ ଦୁରାଚାରୀ ଅତି । ଅନନ୍ୟ ଚିତ୍ତେ କରେ ଭକ୍ତି ॥
ତାହାକୁ ସାଧୁ ଜ୍ଞାନ କର । ଯଥାର୍ଥ ସଂକଳ୍ପ ତାହାର ॥୯ ।୩୦ ।୩୬୮॥

ଶୀଘ୍ର ଧର୍ମାତ୍ମା ହୋଇଯାଏ । ପରମ ଶାନ୍ତିକୁ ସେ ପାଏ ॥
ମୋର ଭକ୍ତର ନାହିଁ ନାଶ । ନିଶ୍ଚିତେ ଜାଣ, ଗୁଡ଼ାକେଶ ॥୯ ।୩୧ ।୩୬୯॥

ହେଉ ସେ ପାପ-ଯୋନିଜାତ । ସ୍ତ୍ରୀ ଅବା ବୈଶ୍ୟ, ଶୂଦ୍ର, ପାର୍ଥ ॥
ହୋଇଲେ ମୋଠାରେ ଆଶ୍ରିତ । ପରମ ଗତି ସୁନିଶ୍ଚିତ ॥୯ ।୩୨ ।୩୭୦॥

ବ୍ରାହ୍ମଣ, ରାଜର୍ଷି ଭକତ । ପରମ ଗତି କେତେ ମାତ୍ର ॥
ଅନିତ୍ୟ, ଦୁଃଖଦ ସଂସାର । ପାଇ, ଭଜନ କର ମୋର ॥୯ ।୩୩ ।୩୭୧॥

ମଦ୍‌ଗତ - ଚିତ୍ତ ଭକ୍ତ ମୋର । ପୂଜି ତୁ କର ନମସ୍କାର ॥
ଏ ରୂପେ ଆତ୍ମଯୁକ୍ତ ହୁଅ । ମୋ ଆଶ୍ରୀକରି ମୋତେ ପାଅ ॥୯ ।୩୪ ।୩୭୨॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ରାଜବିଦ୍ୟା - ରାଜଗୁହ୍ୟ ଯୋଗ' ନାମକ ନବମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଦଶମୋଽଧ୍ୟାୟଃ

ବିଭୂତିୟୋଗଃ

ଶ୍ରୀଭଗବାନୁବାଚ

ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ ।
ୟତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥୧୦।୧।୩୭୩॥

ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।
ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ॥୧୦।୨।୩୭୪॥

ୟୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।
ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ॥୧୦।୩।୩୭୫॥

ବୁଦ୍ଧିର୍ଜ୍ଞାନମସଂମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।
ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ॥୧୦।୪।୩୭୬॥

ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ୟଶୋଽୟଶଃ ।
ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ॥୧୦।୫।୩୭୭॥

ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମାନବସ୍ତଥା ।
ମଦ୍‌ଭାବା ମାନସା ଜାତା ୟେଷାଂ ଲୋକ ଇମାଃ ପ୍ରଜାଃ ॥୧୦।୬।୩୭୮॥

ଏତାଂ ବିଭୂତିଂ ୟୋଗଂ ଚ ମମ ୟୋ ବେତ୍ତି ତତ୍ତ୍ୱତଃ ।
ସୋଽବିକମ୍ପେନ ୟୋଗେନ ୟୁଜ୍ୟତେ ନାତ୍ର ସଂଶୟଃ ॥୧୦।୭।୩୭୯॥

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ ।
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ॥୧୦।୮।୩୮୦॥

ଓଁ ଶ୍ରୀ ପରମାତ୍ମନେ ନମଃ

ଦଶମ ଅଧ୍ୟାୟ

ବିଭୂତି ଯୋଗ

ଶ୍ରୀ ଭଗବାନ କହିଲେ

ତୋ ହିତ ପାଇଁ ହେ ଅର୍ଜୁନ । ଏ ମୋର ପରମ ବଚନ ॥
କହିବି ଆଉଥରେ ଶୁଣ । ଯେଣୁ ତୁ ମୋ ପ୍ରିୟଭାଜନ ॥୧୦।୧।୩୭୩॥

ମହର୍ଷି ଅବା ଦେବଗଣ । ମୋ ଜନ୍ମ ବିଷୟେ ଅଜ୍ଞାନ ॥
କାରଣ ସର୍ବ ଭାବେ ମୁହିଁ । ତାଙ୍କର ଆଦି କାରଣୀ ହିଁ ॥୧୦।୨।୩୭୪॥

ଅଜନ୍ମା, ଅନାଦି, ଈଶ୍ୱର । ମୋତେ ଜାଣଇ ଯେଉଁ ନର ॥
ମନୁଷ୍ୟେ ସେହି ଜ୍ଞାନବାନ । ସର୍ବ ପାପରୁ ମୁକ୍ତ ଜାଣ ॥୧୦।୩।୩୭୫॥

ଅସଂମୂଢ଼ତା, ବୁଦ୍ଧି , ଜ୍ଞାନ । କ୍ଷମା, ସତ୍ୟ ଓ ଶମ, ଦମ ॥
ଅଭୟ, ଭୟ ଆଉ ଦୁଃଖ । ଉତ୍ପତ୍ତି, ପ୍ରଳୟ ଓ ସୁଖ ॥୧୦।୪।୩୭୬॥

ଅହିଂସା, ତୁଷ୍ଟି, ତପ, ଯଶ । ସମତା, ଦାନ, ଅପଯଶ ॥
ପ୍ରାଣୀଙ୍କ ବିବିଧ ଏ ଭାବ । ମୋଠାରୁ ହୁଅଇ ଉଦ୍‌ଭବ ॥୧୦।୫।୩୭୭॥

ସପ୍ତ ମହର୍ଷି, ମନୁଗଣ । ଚାରି ମହର୍ଷି ପୁରାତନ ॥
ମୋଭାବୁ, ମୋ ମାନସୁ ଜାତ । ତାଙ୍କଠୁ ଭବେ ପ୍ରଜାସୃଷ୍ଟ ॥୧୦।୬।୩୭୮॥

ମୋର ବିଭୂତି, ଯୋଗଶକ୍ତି । ତତ୍ତ୍ୱରେ ଜାଣେ ଯେଉଁ ବ୍ୟକ୍ତି ॥
ନିଶ୍ଚଳ ଯୋଗେ ହୁଏ ଯୁକ୍ତ । ଏ କଥା ସଂଶୟ ରହିତ ॥୧୦।୭।୩୭୯॥

ମୁଁ ସାରା ସଂସାର କାରଣ । ମୋ ଠାରୁ ସମସ୍ତ ଉତ୍ପନ୍ନ ॥
ଏକଥା ଜାଣି ଜ୍ଞାନୀ ଜନ । କରନ୍ତି ମୋହର ଭଜନ ॥୧୦।୮।୩୮୦॥

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ॥୧୦।୯।ଶ୍ଲୋ ୨ ॥

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପୟାନ୍ତି ତେ ॥୧୦।୧୦।ଶ୍ଲୋ ୨॥

ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥୧୦।୧୧।ଶ୍ଲୋ ୩॥

ଅର୍ଜୁନ ଉବାଚ

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥୧୦।୧୨।ଶ୍ଲୋ ୪॥

ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥୧୦।୧୩।ଶ୍ଲୋ ୫॥

ସର୍ବମେତଦୃତଂ ମନ୍ୟେ ୟନ୍ମାଂ ବଦସି କେଶବ
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ॥୧୦।୧୪।ଶ୍ଲୋ ୬॥

ସ୍ୱୟମେବାତ୍ମନାତ୍ମାନଂ ବେତ୍‌ଥ ତ୍ୱଂ ପୁରୁଷୋତ୍ତମ ।
ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ ॥୧୦।୧୫।ଶ୍ଲୋ ୭॥

ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।
ୟାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୦।୧୬।ଶ୍ଲୋ ୮॥

କଥଂ ବିଦ୍ୟାମହଂ ୟୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ॥୧୦।୧୭।ଶ୍ଲୋ ୯॥

ମୋତେ ହିଁ ମନ ପ୍ରାଣ ଦେଇ । ପରସ୍ପରେ ମୋ କଥା ହୋଇ ॥
ସଦା କରି ମୋ ଗୁଣ ଗାନ । ସନ୍ତୁଷ୍ଟ, ଆନନ୍ଦିତମନ ॥୧୦।୯।ଶ୍ଲୋ ୨॥

ମୋ ଧ୍ୟାନେ ରହି ନିରନ୍ତର । ଶ୍ରଦ୍ଧାରେ ଭଜେ ଯେଉଁ ନର ॥
ତାକୁ ମୁଁ ବୁଦ୍ଧି-ଯୋଗ ଦିଏ । ଯା' ବଳେ ମୋତେ ପ୍ରାପ୍ତ ହୁଏ ॥୧୦।୧୦।ଶ୍ଲୋ ୨॥

ସେପରି ଭକ୍ତ ହୃଦେ ରହି । ତାହାଙ୍କୁ ମୁଁ ଦୟା ଦେଖାଇ ॥
ଅଜ୍ଞାନ-ତମ ନାଶ କରେ । ଜ୍ଞାନ-ଦୀପର ଆଲୋକରେ ॥୧୦।୧୧।ଶ୍ଲୋ ୩॥

ଅର୍ଜୁନ କହିଲେ

ପରମ ଧାମ ପରଂ ବ୍ରହ୍ମ । ଆପଣ ପବିତ୍ର ପରମ ॥
ପୁରୁଷ, ଶାଶ୍ୱତ ଓ ଦିବ୍ୟ । ଅଜନ୍ମା, ବିଭୁ, ଆଦିଦେବ ॥୧୦।୧୨।ଶ୍ଲୋ ୪॥

ଦେବର୍ଷି ନାରଦ, ଦେବଳ । ବ୍ୟାସ ଓ ଅସିତ ସକଳ ॥
ଏହି କଥାକୁ କହିଛନ୍ତି । ଆପଣ ମଧ୍ୟ ତା' କହନ୍ତି ॥୧୦।୧୩।ଶ୍ଲୋ ୫॥

ମୋତେ ଯା' କହୁଛ କେଶବ । ସତ୍ୟ ମାନୁଛି ତାହା ସର୍ବ ॥
ସ୍ୱରୂପ ଭଗବାନ ତୋର । ଦେବ ଦାନବେ ଅଗୋଚର ॥୧୦।୧୪।ଶ୍ଲୋ ୬॥

ହେ ଦେବ ଦେବ ଜଗତ୍ ପତି । ଭୂତଭାବନ, ଭୂତପତି ॥
ତୁମ୍ଭେ ଯେ ପୁରୁଷ ଉତ୍ତମ । ନିଜ ସ୍ୱରୂପ ନିଜେ ଜାଣ ॥୧୦।୧୫।ଶ୍ଲୋ ୭॥

ଯେ ସବୁ ବିଭୂତିରେ ଯୁକ୍ତ । ହୋଇ ବ୍ରହ୍ମାଣ୍ଡେ ଅଛ ବ୍ୟାପ୍ତ ॥
ସେ ଆତ୍ମ ବିଭୂତି ବର୍ଣ୍ଣନେ । ସମର୍ଥ ଆପଣ ହିଁ ଜଣେ ॥୧୦।୧୬।ଶ୍ଲୋ ୮॥

କିପରି ତୁମ୍ଭଙ୍କୁ ଈଶ୍ୱର । ଜାଣିବି ଚିନ୍ତି ନିରନ୍ତର ॥
କେଉଁ ଭାବରେ ଭଗବାନ । କରିବି ତୁମ୍ଭର ଚିନ୍ତନ ॥୧୦।୧୭।ଶ୍ଲୋ ୯॥

ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥୧୦।୧୮।ଶ୍ଲୋ୧୦॥

ଶ୍ରୀଭଗବାନୁବାଚ

ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।
ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥୧୦।୧୯।ଶ୍ଲୋ୧୨॥

ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବଚ ॥୧୦।୨୦।ଶ୍ଲୋ୨୦॥

ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ॥୧୦।୨୧।ଶ୍ଲୋ୨୩॥

ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ॥୧୦।୨୨।ଶ୍ଲୋ୨୪॥

ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।
ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ॥୧୦।୨୩।ଶ୍ଲୋ୨୫॥

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ॥୧୦।୨୪।ଶ୍ଲୋ୨୬॥

ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।
ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଲୟଃ ॥୧୦।୨୫।ଶ୍ଲୋ୨୭॥

ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଲୋ ମୁନିଃ ॥୧୦।୨୬।ଶ୍ଲୋ୨୮॥

ବିଭୂତି, ଯୋଗଶକ୍ତି ତବ । ବିସ୍ତାରି ପୁଣି କୁହ ଦେବ ॥
ଶୁଣି ତୁମ୍ଭର କଥାମୃତ । ଆତ୍ମା ମୋ' ହୋଇନାହିଁ ତୃପ୍ତ ॥୧୦।୧୮।ଶ୍ଲୋ୧୦॥

ଶ୍ରୀ ଭଗବାନ କହିଲେ

ଏବେ ମୋ ବିଭୂତିରୁ କିଛି । କହିବି,ଶୁଣ, ବାଛି ବାଛି ॥
ଯେହେତୁ ମୋ ଆତ୍ମ ବିଭୂତି । ଅନନ୍ତ ଅଟେ ତା ବିସ୍ତୃତି ॥୧୦।୧୯।ଶ୍ଲୋ୧୨॥

ସକଳ ପ୍ରାଣୀ ହୃଦେ ମୁହିଁ । ଆତ୍ମା ରୂପରେ ବସିଥାଇ ॥
ପ୍ରାଣୀଙ୍କ ଆଦି, ମଧ୍ୟ, ଶେଷ । ମୁଁ ଅଟେ, ଆହେ ଗୁଡ଼ାକେଶ ॥୧୦।୨୦।ଶ୍ଲୋ୨୦॥

ବିଷ୍ଣୁ ମୁଁ ଆଦିତ୍ୟ ଗଣର । ଜ୍ୟୋତିଷ୍କ ମଧ୍ୟେ ମୁଁ ଭାସ୍କର ॥
ମରୀଚି ମରୁତ ମଧ୍ୟରେ । ଶଶୀ ମୁଁ ନକ୍ଷତ୍ର ଗଣରେ ॥୧୦।୨୧।ଶ୍ଲୋ୨୩॥

ବେଦ ମଧ୍ୟରେ ସାମବେଦ । ଦେବ ଗଣରେ ମୁଁ ବାସବ ॥
ଇନ୍ଦ୍ରିୟ ମଧ୍ୟେ ମୁହିଁ ମନ । ପ୍ରାଣୀଙ୍କ ମଧ୍ୟେ ମୁଁ ଚେତନ ॥୧୦।୨୨।ଶ୍ଲୋ୨୪॥

ରୁଦ୍ର ଗଣରେ ମୁଁ ଶଙ୍କର । ଯକ୍ଷ ରାକ୍ଷସେ ମୁଁ କୁବେର ॥
ଅଗ୍ନି ମୁଁ ବସୁଙ୍କ ଗଣରେ । ମେରୁ ମୁଁ ଶିଖରୀ ମଧ୍ୟରେ ॥୧୦।୨୩।ଶ୍ଲୋ୨୫॥

ପୁରୋହିତଙ୍କ ମଧ୍ୟେ ଶ୍ରେଷ୍ଠ । ବୃହସ୍ପତି ମୁଁ ଜାଣ ପାର୍ଥ ॥
ସ୍କନ୍ଦ ମୁଁ ସେନାପତି ମଧ୍ୟେ । ସାଗର ଜଳାଶୟ ମଧ୍ୟେ ॥୧୦।୨୪।ଶ୍ଲୋ୨୬॥

ଭୃଗୁ ମୁଁ ମହର୍ଷି ଗଣରେ । ଓଁକାର ବଚନ ମଧ୍ୟରେ ॥
ଯଜ୍ଞେ ମୁଁ ଜପଯଜ୍ଞ ଧେୟ । ସ୍ଥାବର ମଧ୍ୟେ ହିମାଳୟ ॥୧୦।୨୫।ଶ୍ଲୋ୨୭॥

ସମସ୍ତ ବୃକ୍ଷେ ମୁଁ ଅଶ୍ୱତ୍ଥ । ଗନ୍ଧର୍ବ ମଧ୍ୟେ ଚିତ୍ରରଥ ॥
ନାରଦ ଦେବଋଷିଗଣେ । କପିଳ ମୁନି ସିଦ୍ଧଗଣେ ॥୧୦।୨୬।ଶ୍ଲୋ୨୮॥

ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ॥୧୦।୨୭।୩୯॥

ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।
ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ॥୧୦।୨୮।୪୦୦॥

ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।
ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ॥୧୦।୨୯।୪୦୧॥

ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଲଃ କଲୟତାମହମ୍ ।
ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ॥୧୦।୩୦।୪୦୨॥

ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥୧୦।୩୧।୪୦୩॥

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ॥୧୦।୩୨।୪୦୪॥

ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।
ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ॥୧୦।୩୩।୪୦୫॥

ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ॥୧୦।୩୪।୪୦୬॥

ବୃହତ୍‌ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ॥୧୦।୩୫।୪୦୭॥

ଦ୍ୟୂତଂ ଛଲୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ॥୧୦।୩୬।୪୦୮॥

ଅମୃତ ସହିତ ଉଦ୍‌ଭବ । ଅଶ୍ୱ ମଧ୍ୟେ ମୁଁ ଉଚ୍ଚୈଃଶ୍ରବ ॥
ଗଜେନ୍ଦ୍ର ମଧ୍ୟେ ଐରାବତ । ଜାଣ, ମୁଁ ନରେ ନରନାଥ ॥୧୦।୨୭।୩୯॥

ଆୟୁଧ ମଧ୍ୟରେ ବଜ୍ର ମୁଁ । ଧେନୁଙ୍କ ମଧ୍ୟେ କାମଧେନୁ ॥
ପ୍ରାଣୀଙ୍କ ଉତ୍ପତ୍ତି ମୁଁ କାମ । ବାସୁକୀ, ସର୍ପ ମଧ୍ୟେ ଜାଣ ॥୧୦।୨୮।୪୦୦॥

ଜଳ-ଜନ୍ତୁରେ ମୁଁ ବରୁଣ । ଅନନ୍ତ ନାଗ ମଧ୍ୟେ ଜାଣ ॥
ଅର୍ଯ୍ୟମା ପିତୃ ଗହଣରେ । ଯମ ମୁଁ ଶାସକ ମଧ୍ୟରେ ॥୧୦।୨୯।୪୦୧॥

ପ୍ରହ୍ଲାଦ ଦୈତ୍ୟଗଣେ ମୁହିଁ । ଗଣକ ମଧ୍ୟେ କାଳ ମୁହିଁ ॥
ପଶୁଙ୍କ ମଧ୍ୟେ ସିଂହ ମୁହିଁ । ପକ୍ଷୀଙ୍କ ମଧ୍ୟେ ଗରୁଡ ହିଁ ॥୧୦।୩୦।୪୦୨॥

ପାବନକାରୀ ମୁଁ ପବନ । ଶସ୍ତ୍ରଧାରୀଙ୍କ ମଧ୍ୟେ ରାମ ॥
ମୁହିଁ ମକର ମତ୍ସ୍ୟଗଣେ । ଜାହ୍ନବୀ ସ୍ରୋତଙ୍କ ଗହଣେ ॥୧୦।୩୧।୪୦୩॥

ସୃଷ୍ଟିର ଆଦି, ମଧ୍ୟ, ଶେଷ । ମୁହିଁ ଅଟେ ହେ ଗୁଡାକେଶ ॥
ବ୍ରହ୍ମବିଦ୍ୟା ମୁଁ ବିଦ୍ୟାମଧ୍ୟେ । ବାଦ ମୁଁ ତାର୍କିକଙ୍କ ମଧ୍ୟେ ॥୧୦।୩୨।୪୦୪॥

ଅକ୍ଷର ମଧ୍ୟେ ମୁଁ 'ଅ'କାର । 'ଦ୍ୱନ୍ଦ୍ୱ' ମୁଁ ସମାସ ମଧ୍ୟର ॥
ମୁହିଁ ଅକ୍ଷୟକାଳ କର୍ତ୍ତା । ସର୍ବତୋମୁଖୀ ମୁହିଁ ଧାତା ॥୧୦।୩୩।୪୦୫॥

ସରବହାରୀ ମୁଁ ମରଣ । ଭବିଷ୍ୟ ଉତ୍ପତ୍ତି କାରଣ ॥
ନାରୀଙ୍କ ମଧ୍ୟେ ବାକ୍, ଶ୍ରୀ, କୀର୍ତ୍ତି । ସ୍ମୃତି, ମେଧା ଓ କ୍ଷମା, ଧୃତି ॥୧୦।୩୪।୪୦୬॥

ଶ୍ରୁତି ମଧ୍ୟରେ ବୃହତ୍ ସାମ । ଗାୟତ୍ରୀ ମୁହିଁ ଛନ୍ଦେ ଜାଣ ॥
ମାସ ମଧ୍ୟେ ମୁଁ ମାର୍ଗଶୀର । ବସନ୍ତ ଋତୁଙ୍କର ସାର ॥୧୦।୩୫।୪୦୭॥

ବଞ୍ଚକ ମଧ୍ୟେ ଦ୍ୟୁତ ମୁହିଁ । ତେଜ ମୁଁ ତେଜସ୍ୱୀଙ୍କ ପାଇଁ ॥
ଅଧ୍ୟବସାୟ ଜୟ ପୁଣ । ସାତ୍ତ୍ୱିକେ ମୁହିଁ ସତ୍ତ୍ୱଗୁଣ ॥୧୦।୩୬।୪୦୮॥

ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ॥୧୦।୩୭।୪୦୯॥

ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥୧୦।୩୮।୪୧୦॥

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।
ନ ତଦସ୍ତି ବିନା ଯତ୍‌ସ୍ୟାନ୍‌ମୟା ଭୂତଂ ଚରାଚରମ୍ ॥୧୦।୩୯।୪୧୧॥

ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥୧୦।୪୦।୪୧୨॥

ୟଦ୍ ୟଦ୍ ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦ୍‌ଜିତମୋବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ॥୧୦।୪୧।୪୧୩॥

ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।
ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ॥୧୦।୪୨।୪୧୪॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ
ବିଭୂତିଯୋଗୋ ନାମ
ଦଶମୋଽଧ୍ୟାୟଃ ॥

❑◆❑

ବୃଷ୍ଣିଙ୍କ ମଧ୍ୟେ ବାସୁଦେବ । ପାଣ୍ଡବେ ମଧ୍ୟମ ପାଣ୍ଡବ ॥
ଋଷିଗଣେ ମୁଁ ବ୍ୟାସ ପୁଣି । କବି ମଣ୍ଡଳେ ଶୁକ୍ର ମୁନି ॥୧୦।୩୭।୪୦୯॥

ଦଣ୍ଡ ମୁଁ ଶାସକ ଗଣର । ନୀତି ଜୟେଚ୍ଛୁମାନଙ୍କର ॥
ଗୋପନ ବିଷୟେ ମୁଁ ମୌନ । ଜ୍ଞାନୀଙ୍କଗଣେ ମୁହିଁ ଜ୍ଞାନ ॥୧୦।୩୮।୪୧୦॥

ପ୍ରାଣୀଙ୍କ ଯେ ମୂଳକାରଣ । ତାହା ମୁଁ ଜାଣ ହେ ଅର୍ଜୁନ ॥
ଚର ଅଚର ପ୍ରାଣୀ କେହି । ମୋ ବିନା ତିଷ୍ଠି ପାରେ ନାହିଁ ॥୧୦।୩୯।୪୧୧॥

ମୋ ଦିବ୍ୟ ବିଭୂତିର ଅନ୍ତ । ନାହିଁ ଯେହେତୁ ତେଣୁ ପାର୍ଥ ॥
ତୋତେ ମୋ ବିଭୂତି ସମସ୍ତ । ସଂକ୍ଷେପ ଭାବେ କଲି ବ୍ୟକ୍ତ ॥୧୦।୪୦।୪୧୨॥

ଐଶ୍ୱର୍ଯ୍ୟବନ୍ତ, ଶକ୍ତିବନ୍ତ, । ଶ୍ରୀମନ୍ତ, ଯା ବସ୍ତୁ ସମସ୍ତ ॥
ମୋ ତେଜ ଅଂଶରୁ ଉତ୍ପନ୍ନ । ସେ ସବୁ ହୋଇଛନ୍ତି ଜାଣ ॥୧୦।୪୧।୪୧୩॥

ବିସ୍ତୃତ ଏ ବିଭୂତି ମୋର । ଜାଣିବା କିବା ଦରକାର ॥
ଏକାଂଶେ ଏ ସାରା ଜଗତ । ଧରି ରହିଛି ହେ ଭାରତ ॥୧୦।୪୨।୪୧୪॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ବିଭୂତି ଯୋଗ' ନାମକ ଦଶମ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀପରମାତ୍ମନେ ନମଃ

ଅଥ ଏକାଦଶୋଽଧ୍ୟାୟଃ

ବିଶ୍ୱରୂପଦର୍ଶନଯୋଗଃ

ଅର୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।
ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ॥୧୧।୧।୪୧୫॥

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।
ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ॥୧୧।୨।୪୧୬॥

ଏବମେତଦ୍‌ଯଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର ।
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ॥୧୧।୩।୪୧୭॥

ମନ୍ୟସେ ୟଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।
ୟୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ॥୧୧।୪।୪୧୮॥

ଶ୍ରୀଭଗବାନୁବାଚ

ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ॥୧୧।୫।୪୧୯॥

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।
ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ୟାଣି ଭାରତ ॥୧୧।୬।୪୨୦॥

ଇହୈକସ୍ଥଂ ଜଗତ୍‌କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।
ମମ ଦେହେ ଗୁଡ଼ାକେଶ ୟଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି ॥୧୧।୭।୪୨୧॥

ଓଁ ଶ୍ରୀ ପରମାତ୍ମନେ ନମଃ

ଏକାଦଶ ଅଧ୍ୟାୟ

ବିଶ୍ୱରୂପ ଦର୍ଶନ ଯୋଗ

ଅର୍ଜୁନ କହିଲେ

ଦୟା କରିଣ ଭଗବାନ । ଯେ ଗୁଢ଼ ଅଧ୍ୟାତ୍ମ ବଚନ ॥
କହିଲ, ଯାହା ଶୁଣି କରି । ମୋହ ମୋ ଗଲା ଅପସରି ॥୧୧।୧।୪୧୫॥

ପ୍ରାଣୀଙ୍କ ଉତ୍ପତ୍ତି ପ୍ରଳୟ । ତୁମ୍ଭର ମାହାତ୍ମ୍ୟ ଅକ୍ଷୟ ॥
ବିସ୍ତୃତେ ତୁମ୍ଭଠୁଁ ଶ୍ରବଣ । କଲି ହେ କମଳ ନୟନ ॥୧୧।୨।୪୧୬॥

ହେ ପ୍ରଭୁ, ଯେ ଆତ୍ମ ବର୍ଣ୍ଣନ । କରିଲ, ସେହିପରି ଜାଣ ॥
ଚାହେଁ ମୁଁ ଦେଖିବାକୁ ତବ । ଈଶ୍ୱର-ରୂପ ଆହେ ଦେବ ॥୧୧।୩।୪୧୭॥

ସେ ରୂପ ଦରଶନେ ତବ । ସମ୍ଭବ ବୋଲି ଯଦି ଭାବ ॥
ଦେଖାଅ ମୋତେ ଯୋଗେଶ୍ୱର । ଅବ୍ୟୟ ସ୍ୱରୂପ ତୁମ୍ଭର ॥୧୧ ।୪।୪୧୮॥

ଶ୍ରୀ ଭଗବାନ କହିଲେ

ପାର୍ଥ ମୋହର ରୂପ ଦେଖ । ଶତ ସହସ୍ର ଅଲୌକିକ ॥
ନାନା ବର୍ଣ୍ଣ ଓ ଆକୃତିର । ପୁଣି ସେ ନାନା ପ୍ରକାରର ॥୧୧ ।୫।୪୧୯॥

ଦେଖ ଏ ବସୁ, ରୁଦ୍ରାଦିତ୍ୟ । ଅଶ୍ୱିନୀ କୁମାର, ମରୁତ ॥
ଅଦୃଷ୍ଟ ପୂର୍ବ ପୁଣି ଦେଖ । ଆଶ୍ଚର୍ଯ୍ୟମୟ ମୋର ରୂପ ॥୧୧ ।୬ ।୪୨୦॥

ଏକତ୍ର ମୋ ଶରୀରେ ପାର୍ଥ । ଦେଖ ଏ ସମ୍ପୂର୍ଣ୍ଣ ଜଗତ ॥
ଅନ୍ୟକିଛିରେ ଯଦି ମନ । ତା' ଆଜିକର ଦରଶନ ॥୧୧।୭ ।୪୨୧॥

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ॥୧୧।୮।୪୨୨॥

ସଞ୍ଜୟଉବାଚ

ଏବମୁକ୍ତ୍ୱା ତତୋ ରାଜନ୍‌ମହାଯୋଗେଶ୍ୱରୋ ହରିଃ ।
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥୧୧।୯।୪୨୩॥

ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍ ।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ॥୧୧।୧୦।୪୨୪॥

ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥୧୧।୧୧।୪୨୫॥

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍‌ଯୁଗପଦୁତ୍‌ଥିତା ।
ଯଦି ଭାଃ ସଦୃଶୀ ସା ସ୍ୟାଦ୍‌ଭାସସ୍ତସ୍ୟ ମହାତ୍ମନଃ ॥୧୧।୧୨।୪୨୬॥

ତତ୍ରୈକସ୍ଥଂ ଜଗତ୍‌କୃତ୍ସ୍ନଂ ପ୍ରବିଭକ୍ତମନେକଧା ।
ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ॥୧୧।୧୩।୪୨୭॥

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଲିରଭାଷତ ॥୧୧।୧୪।୪୨୮॥

ଅର୍ଜୁନ ଉବାଚ

ପଶ୍ୟାମି ଦେବାଂସ୍ତବ ଦେବ ଦେହେ
ସର୍ବାଂସ୍ତଥା ଭୂତବିଶେଷସଂଘାନ୍ ।
ବ୍ରହ୍ମାଣମୀଶଂ କମଲାସନସ୍ଥ-
ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ॥୧୧।୧୫।୪୨୯॥

ତୋ ନିଜ ଚକ୍ଷୁଦ୍ୱାରା ପାର୍ଥ । ନୁହ ମୋ ଦର୍ଶନେ ସମର୍ଥ ॥
ଦେବି ମୁଁ ଦିବ୍ୟ ଚକ୍ଷୁ ତୋତେ । ଦେଖ ମୋ ଯୋଗଶକ୍ତି ଯେତେ ॥୧୧୮ ।୪୨୨॥

ସଞ୍ଜୟ କହିଲେ

ଏପରି କହି ହେ ରାଜନ । ସେ ମହା ଯୋଗେଶ୍ୱର କୃଷ୍ଣ ॥
ନିଜର ବିଶ୍ୱରୂପ ଭଲେ । ଅରଜୁନଙ୍କୁ ଦେଖାଇଲେ ॥୧୧।୯।୪୨୩॥

ଅନେକ ମୁଖ ଓ ନୟନ । ବହୁ ଅଦ୍ଭୁତ ଦୃଶ୍ୟମାନ ॥
ଅନେକ ଦିବ୍ୟ ଆଭୂଷଣ । ଉଦ୍ୟତ ଦିବ୍ୟ ଅସ୍ତ୍ରମାନ ॥୧୧।୧୦।୪୨୪॥

ଦିବ୍ୟ ବସନ ମାଲ୍ୟଯୁକ୍ତ । ଦିବ୍ୟଗନ୍ଧରେ ବିଲେପିତ ॥
ଆଶ୍ଚର୍ଯ୍ୟମୟ ତେଜୋଦୀପ୍ତ । ସର୍ବତ୍ର ମୁଖ ପରିବ୍ୟାପ୍ତ ॥୧୧।୧୧।୪୨୫॥

ସହସ୍ର ସୂର୍ଯ୍ୟ ଆକାଶରେ । ଏକତ୍ର ଉଦୟ ହୋଇଲେ ॥
ତା ଜ୍ୟୋତି ବିଶ୍ୱରୂପ ତୁଲ୍ୟ । ସମାନ ଅବା ହୋଇପାରେ ॥୧୧।୧୨।୪୨୬॥

ଅନେକ ଭାଗରେ ବିଭକ୍ତ । ସକଳ ଜଗତ, ଏକତ୍ର ॥
ଦେବ ଦେବଙ୍କ ଶରୀରରେ । ଅର୍ଜୁନ, ସେଠାରେ ଦେଖିଲେ ॥୧୧।୧୩।୪୨୭॥

ହୋଇଣ ବିସ୍ମୟ ବିଭୋର । ରୋମାଞ୍ଚ ଅର୍ଜୁନ ଶରୀର ॥
ନତ ମସ୍ତକେ ନମସ୍କାର । କରି କହିଲେ ଯୋଡି କର ॥୧୧।୧୪।୪୨୮॥

ଅର୍ଜୁନ କହିଲେ

ଦେଖିଲି ଦେବ ଦେହେ ତବ । ସକଳ ଭୂତ, ସର୍ବ ଦେବ ॥
କମଳାସନ ବ୍ରହ୍ମା, ଶିବ । ସକଳ ଋଷି, ସର୍ପ ଦିବ୍ୟ ॥୧୧।୧୫।୪୨୯॥

ଅନେକବାହୂଦରବକ୍ତ୍ରନେତ୍ରଂ
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ
ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥୧୧।୧୬।୪ଗ।୦॥

କିରୀଟିନଂ ଗଦିନଂ ଚକ୍ରିଣଂ ଚ
ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।
ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତା-
ଦ୍ଦୀପ୍ତାନଲାର୍କଦ୍ୟୁତିମପ୍ରମେୟମ୍ ॥୧୧।୧୭।୪ଗ।୧॥

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା
ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥୧୧।୧୮।୪ଗ।୨॥

ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟ -
ମନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।
ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ
ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥୧୧।୧୯।୪ଗ।୩॥

ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।
ଦୃଷ୍ଟ୍ୱାଦ୍‌ଭୁତଂ ରୂପମୁଗ୍ରଂ ତବେଦଂ
ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥୧୧।୨୦।୪ଗ।୪॥

ଅନେକ ବାହୁ, ନେତ୍ର, ମୁଖ । ଉଦର ଦେଖେ ବିଶ୍ୱରୂପ ॥
ଆଦି, ମଧ୍ୟ ଓ ଅନ୍ତ ତୋର । ଦେଖି ନ ପାରେ ବିଶ୍ୱେଶ୍ୱର ॥୧୧।୧୬।୪ଗ।୦॥

ମୁକୁଟ, ଗଦା, ଚକ୍ର ଯୁକ୍ତ । ସର୍ବତ୍ର ତେଜୋରାଶି ଦୀପ୍ତ ॥
ଅର୍କ, ଅନଳ ତେଜୋମୟ । ଦେଖେ ସର୍ବତ୍ର, ଅପ୍ରମେୟ ॥୧୧।୧୭।୪ଗ।୧॥

ପରମ ବ୍ରହ୍ମ ତୁମ୍ଭେ ଜ୍ଞେୟ । ଅବ୍ୟୟ, ଜଗତ-ଆଶ୍ରୟ ॥
ଧର୍ମରକ୍ଷକ ସନାତନ । ପୁରୁଷ ମୋର ମତେ ଜାଣ ॥୧୧।୧୮।୪ଗ।୨॥

ଆଦି, ମଧ୍ୟ ଓ ଅନ୍ତହୀନ । ଅନନ୍ତ ବାହୁ ବୀର୍ଯ୍ୟବାନ ॥
ଚନ୍ଦ୍ର ଓ ସୂର୍ଯ୍ୟ ତୁମ୍ଭ ନେତ୍ର । ଜ୍ୱଳନ୍ତ ଅଗ୍ନି ପରି ବକ୍ତ୍ର ॥
ନିଜ ତେଜରେ ଏ ଜଗତ । ଦେଖେ ମୁଁ କରୁଛ ସନ୍ତପ୍ତ ॥୧୧ ।୧୯।୪ଗ।୩॥

ପୃଥିବୀ,ସ୍ୱର୍ଗ ଓ ଆକାଶ । ତୁମ୍ଭେ ହିଁ ବ୍ୟାପ୍ତ ସର୍ବଦିଶ ॥
ଭୀଷଣ ରୂପ ଏ ଅଦ୍‌ଭୁତ । ଦେଖି ତ୍ରିଲୋକ ଭୟଭୀତ ॥୧୧ ।୨୦।୪ଗ।୪॥

ଅମୀ ହି ତ୍ୱାଂ ସୁରସଂଘା ବିଶନ୍ତି
କେଚିଦ୍ଭୀତାଃ ପ୍ରାଞ୍ଜଲୟୋ ଗୃଣନ୍ତି ।
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଂଘାଃ
ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଲାଭିଃ ॥୧୧।୨୧।୪୩୯॥

ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା
ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।
ଗନ୍ଧର୍ବଯକ୍ଷାସୁରସିଦ୍ଧସଂଘା
ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ॥୧୧।୨୨।୪୩୬॥

ରୂପଂ ମହତ୍ତେ ବହ୍ୱବକ୍ତ୍ରନେତ୍ରଂ
ମହାବାହୋ ବହୁବାହୂରୁପାଦମ୍ ।
ବହୂଦରଂ ବହୁଦଂଷ୍ଟ୍ରାକରାଳଂ
ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ॥୧୧।୨୩।୪୩୭॥

ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ
ବ୍ୟାତ୍ତାନନଂ ଦୀପ୍ତବିଶାଲନେତ୍ରମ୍ ।
ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା
ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ॥୧୧।୨୪।୪୩୮॥

ଦଂଷ୍ଟ୍ରାକରାଲାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଲାନଲସନ୍ନିଭାନି ।
ଦିଶୋ ନ ଜାନେ ନ ଲଭେ ଚ ଶର୍ମ
ପ୍ରସୀଦ ଦେବେଶ ଜଗନ୍ନିବାସ ॥୧୧।୨୫।୪୩୯॥

ଏ ଯେତେ ସବୁ ଦେବଗଣ । ପଶନ୍ତି ତୁମ୍ଭରି ଶରଣ ॥
କେତେକ ଅବା ଭୟେ ପଡି । ସ୍ତବ କରନ୍ତି କର ଯୋଡି ॥
ମହର୍ଷି, ସିଦ୍ଧ ସସ୍ତି କହି । ସ୍ତୁତି କରନ୍ତି ତୁମ୍ଭରି ହିଁ ॥୧୧।୨୧।୪୩୯॥

ରୁଦ୍ର, ଆଦିତ୍ୟ, ବସୁ, ସାଧ୍ୟ । ଯକ୍ଷ, ଅସୁର ଯେତେ ସିଦ୍ଧ ॥
ଅଶ୍ୱିନୀ କୁମାର, ଗନ୍ଧର୍ବ । ମରୁତ, ପିତୃ, ବିଶ୍ୱଦେବ ॥
ସକଳେ ତୁମ୍ଭଙ୍କୁ ଦେଖନ୍ତି । ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅତି ॥୧୧।୨୨।୪୩୬॥

ବହୁ ଉଦର, ହସ୍ତ, ନେତ୍ର । ଅନେକ ପାଦ, ଉରୁ, ବକ୍ତ୍ର ॥
ଅନେକ ଦନ୍ତ ଭୟଙ୍କର । ଭୀଷଣ ରୂପକୁ ତୁମ୍ଭର ॥
ଦେଖି ସମସ୍ତ ଲୋକ ଭୀତ । ମୁଁ ମଧ୍ୟ ଅତ୍ୟନ୍ତ ବ୍ୟଥିତ ॥୧୧।୨୩।୪୩୭॥

ଅନେକ ନଭସ୍ପର୍ଶୀ ଦୀପ୍ତ । ବର୍ଣ୍ଣର ମୁଖ ବିସ୍ଫାରିତ ॥
ଦୀପ୍ତ ବିଶାଳ ନେତ୍ର ଯୁକ୍ତ । ତୁମ୍ଭଙ୍କୁ ଦେଖି ହେ ଅଚ୍ୟୁତ ॥
ଭୀତ ମୋ ଅନ୍ତରାତ୍ମା ଅତି । ନଗଣେ ମୋର ଧୈର୍ଯ୍ୟ ଶାନ୍ତି ॥୧୧।୨୪।୪୩୮॥

ତୁମ୍ଭର ଦଶନ କରାଳ । ଦେଖି ଏ ମୁଖ କାଳାନଳ ॥
ଦିଗହରା ମୁଁ ନାହିଁ ସୁଖ । ପ୍ରସନ୍ନ ହୁଅ ବିଶ୍ୱରୂପ ॥୧୧।୨୫।୪୩୯॥

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ
ସର୍ବେ ସହୈବାବନିପାଲସଂଘୈଃ ।
ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ
ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ॥୧୧।୨୬।୪୪୦॥

ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି
ଦଂଷ୍ଟ୍ରାକରାଲାନି ଭୟାନକାନି ।
କେଚିଦ୍‌ବିଲଗ୍ନା ଦଶନାନ୍ତରେଷୁ
ସଂଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ॥୧୧।୨୭।୪୪୧॥

ଯଥା ନଦୀନାଂ ବହବୋଽମ୍ବୁବେଗାଃ
ସମୁଦ୍ରମେବାଭିମୁଖା ଦ୍ରବନ୍ତି ।
ତଥା ତବାମୀ ନରଲୋକବୀରା
ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଲନ୍ତି ॥୧୧।୨୮।୪୪୨॥

ଯଥା ପ୍ରଦୀପ୍ତଂ ଜ୍ୱଲନଂ ପତଙ୍ଗା
ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।
ତଥୈବ ନାଶାୟ ବିଶନ୍ତି ଲୋକା -
ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ॥୧୧।୨୯।୪୪୩॥

ଲେଲିହ୍ୟସେ ଗ୍ରସମାନଃ ସମନ୍ତା -
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଲଦ୍‌ଭିଃ ।
ତେଜୋଭିରାପୂର୍ଯ୍ୟ ଜଗତ୍‌ସମଗ୍ରଂ
ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ॥୧୧।୩୦।୪୪୪॥

ଧୃତରାଷ୍ଟ୍ରଙ୍କ ପୁତ୍ର ଗଣ । ସହ ଏ ସର୍ବ ନରରାଣ ॥
ଆହୁରି ଭୀଷ୍ମ, ଦ୍ରୋଣ, କର୍ଣ୍ଣ । ଆମ୍ଭର ମୁଖ୍ୟ ଯୋଦ୍ଧାଗଣ ॥୧୧।୨୬।୪୪୦॥

ଚଞ୍ଚଳେ ସେ ମୁଖେ ପଶନ୍ତି । ତୁମ୍ଭ କରାଳ ଦନ୍ତ ପଂକ୍ତି ॥
ମଧ୍ୟେ ବିଚୂର୍ଣ୍ଣକା'ର ଶିର । ମୁଁ ଦେଖେ ତା' ଲାଗିଥିବାର ॥୧୧।୨୭।୪୪୧॥

ଯଥା ନଦୀଙ୍କ ଜଳସ୍ରୋତ । ସମୁଦ୍ର ଦିଗେ ପ୍ରବାହିତ ॥
ତଥା ପଶନ୍ତି ବୀରନରେ । ତୁମ୍ଭର ଜ୍ୱଳନ୍ତ ମୁଖରେ ॥୧୧।୨୮।୪୪୨॥

ଯେପରି ଜ୍ୱଳନ୍ତ ଅଗ୍ନିରେ । ପତଙ୍ଗ ପ୍ରଚଣ୍ଡ ବେଗରେ ॥
ପଶନ୍ତି ନିଜ ନାଶ ପାଇଁ । ତଥା ଏ ସର୍ବ ପ୍ରାଣୀ ଯାଇ ॥
ପଶନ୍ତି ତୁମ୍ଭରି ମୁଖରେ । ସନାଶ ପାଇଁ ଅତି ଖରେ ॥୧୧।୨୯।୪୪୩॥

ଜ୍ୱଳନ୍ତ ମୁଖେ ଗ୍ରାସି ସବୁ । - ଲୋକକୁ, ଚାଟ ସର୍ବଦିଗୁ ॥
ଉଗ୍ର ତେଜରେ ବିଶ୍ୱ ଭରି । ଜାଳି ଦେଉଛ ଆହେ ହରି ॥୧୧।୩୦।୪୪୪॥

ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ
ନମୋଽସ୍ତୁ ତେ ଦେବବର ପ୍ରସୀଦ ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ
ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ॥୧୧।୩୧।୪୪॥

ଶ୍ରୀଭଗବାନୁବାଚ

କାଲୋଽସ୍ମି ଲୋକକ୍ଷୟକୃତ୍‌ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ॥୧୧।୩୨।୪୪॥

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ॥୧୧।୩୩।୪୪॥

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ
କର୍ଣଂ ତଥାନ୍ୟାନପି ଯୋଧବୀରାନ୍ ।
ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା
ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ॥୧୧।୩୪।୪୪॥

କେ ତୁମ୍ଭେ ରୂପ ଭୟଙ୍କର । କୁହ, ତୁମ୍ଭଙ୍କୁ ନମସ୍କାର ॥
ପ୍ରସନ୍ନ ହୁଅ ବିଶ୍ୱରୂପ । ତୁମ୍ଭର ଯେ ଆଦି ସ୍ୱରୂପ ॥
ତତ୍ତ୍ୱେ ଜାଣିବା ଇଚ୍ଛା ମୋର । ନ ଜାଣେ ପ୍ରବୃତ୍ତି ତୁମ୍ଭର ॥୧୧।୩୧।୪୪॥

ଶ୍ରୀ ଭଗବାନ କହିଲେ

ସକଳ ଲୋକ କ୍ଷୟକାରୀ । ପ୍ରବୃଦ୍ଧ କାଳ ମୁଁ ସବୁରି ॥
ସଂହାରେ ପ୍ରବୃତ୍ତ ମୁଁ ଏବେ । ଏ ଯୋଦ୍ଧାଗଣ ନ ରହିବେ ॥
ଅଛନ୍ତି ଯେ' ତୋ ଶତ୍ରୁ ଦଳେ । ତୁ ତାଙ୍କୁ ମଧ୍ୟ ନ ମାରିଲେ ॥୧୧।୩୨।୪୪॥

ତେଣୁ ଅର୍ଜୁନ ତୁମ୍ଭେ ଉଠି । ଯଶକୁ ଲଭ ଶତ୍ରୁ ଜିତି ॥
ସମୃଦ୍ଧ ରାଜ୍ୟ ଭୋଗ କର । ଏ ଯେତେସବୁ ଶତ୍ରୁତୋର ॥
ପୂର୍ବରୁ ମୋ ଦ୍ୱାରା ନିହତ । ନିମିତ୍ତ ମାତ୍ର ହୁଅ ପାର୍ଥ ॥୧୧।୩୩।୪୪॥

ଦ୍ରୋଣ, ଭୀଷ୍ମ ଓ ଜୟଦ୍ରଥ । ଆବର ଯୋଦ୍ଧା, ସୂତପୁତ୍ର ॥
ମାର ତୁ ନ ହୋଇ ବ୍ୟଥିତ । ଏ ସର୍ବେ ମୋହ ଦ୍ୱାରା ହତ ॥
ଯୁଦ୍ଧରେ ବିଜୟ ତୋହର । ତେଣୁ ନିର୍ଭୟେ ଯୁଦ୍ଧ କର ॥୧୧।୩୪।୪୪॥

ସଞ୍ଜୟ ଉବାଚ

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ
କୃତାଞ୍ଜଲିର୍ବେପମାନଃ କିରୀଟୀ ।
ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ
ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ॥୧୧।୩୫।୪୪୯॥

ଅର୍ଜୁନ ଉବାଚ

ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା
ଜଗତ୍‌ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି
ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ ॥୧୧।୩୬।୪୫୦॥

କସ୍ମାଚ୍ଚ ତେ ନ ନମେରନ୍‌ମହାତ୍ମନ୍
ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ ।
ଅନନ୍ତ ଦେବେଶ ଜଗନ୍ନିବାସ
ତ୍ୱମକ୍ଷରଂ ସଦସତ୍ତତ୍‌ପରଂ ୟତ୍ ॥୧୧।୩୭।୪୫୧॥

ତ୍ୱମାଦିଦେବଃ ପୁରୁଷଃ ପୁରାଣ -
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୟା ତତଂ ବିଶ୍ୱମନନ୍ତରୂପ ॥୧୧।୩୮।୪୫୨॥

ବାୟୁର୍ୟମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ॥୧୧।୩୯।୪୫୩॥

ସଞ୍ଜୟ କହିଲେ

ଏପରି କେଶବ ବଚନ । ଶୁଣି ଅର୍ଜୁନ, କମ୍ପମାନ ॥
ଯୋଡ ହସ୍ତରେ ନମସ୍କାର । ଭୟେ ପ୍ରଣମି ପୁନର୍ବାର ॥
ଗଦ୍‌ଗଦ କଣ୍ଠରେ ଅର୍ଜୁନ । କହିଲେ ଏପରି ବଚନ ॥୧୧।୩୫।୪୪୯॥

ଅର୍ଜୁନ କହିଲେ

ତୁମ୍ଭରି କୀର୍ତ୍ତନେ ଜଗତ । ଅତି ହର୍ଷିତ, ଅନୁରକ୍ତ ॥
ରାକ୍ଷସଗଣ ଭୟଭୀତ । ହୋଇ ପଳାନ୍ତି ଇତସ୍ତତ ॥
ସିଦ୍ଧ ସକଳେ ପ୍ରଣମନ୍ତି । ଏସବୁ ଯୁକ୍ତିଯୁକ୍ତ ଅତି ॥୧୧।୩୬।୪୫୦॥

ବ୍ରହ୍ମାଙ୍କଠାରୁ ଶ୍ରେଷ୍ଠ ତବ । ପଦେ ବା କେ ନ ପ୍ରଣମିବ ॥
ମହାତ୍ମା, ଅନନ୍ତ, ଦେବେଶ । ହେ ଆଦିକର୍ତ୍ତା, ହୃଷୀକେଶ ॥
ସତ, ଅସତ ଉର୍ଦ୍ଧ୍ୱେ ଯାହା । ଅକ୍ଷର ବ୍ରହ୍ମ ତୁମ୍ଭେ ତାହା ॥୧୧।୩୭।୪୫୧॥

ତୁମ୍ଭେ ହିଁ ଆଦିଦେବ ପୁଣ । ତୁମ୍ଭେହିଁ ପୁରୁଷ, ପୁରାଣ ॥
ବିଶ୍ୱର ପରମ ନିଧାନ । ଜ୍ଞାତା, ଜ୍ଞେୟ ଓ ପରଂଧାମ ॥
ଅନନ୍ତ ରୂପ ତୁମ ଦେବ । ବ୍ୟାପି ରହିଛି ବିଶ୍ୱସର୍ବ ॥୧୧।୩୮।୪୫୨॥

ବରୁଣ, ବାୟୁ, ଯମ, ଅଗ୍ନି । ଶଶାଙ୍କ, ପ୍ରଜାପତି ପୁଣି ॥
ତୁମ୍ଭେ ପ୍ରପିତାମହ, ମୋର । ଘେନ ସହସ୍ର ନମସ୍କାର ॥
ପୁଣି ମୁଁ କରେ ନମସ୍କାର । ତୁମ୍ଭଙ୍କୁ ପ୍ରଭୁ ବାରମ୍ବାର ॥୧୧।୩୯।୪୫୩॥

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ॥୧୧।୪୦।୪୫୪॥

ସଖେତି ମତ୍ୱା ପ୍ରସଭଂ ୟଦୁକ୍ତଂ
ହେ କୃଷ୍ଣ ହେ ୟାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ
ମୟା ପ୍ରମାଦାତ୍ ପ୍ରଣୟେନ ବାପି ॥୧୧।୪୧।୪୫୫॥

ୟଚ୍ଚାବହାସାର୍ଥମସତ୍‌କୃତୋଽସି
ବିହାରଶୟ୍ୟାସନଭୋଜନେଷୁ ।
ଏକୋଽଥବାପ୍ୟଚ୍ୟୁତ ତତ୍‌ସମକ୍ଷଂ
ତତ୍‌କ୍ଷାମୟେ ତ୍ୱାମହମପ୍ରମେୟମ୍ ॥୧୧।୪୨।୪୫୬॥

ପିତାସି ଲୋକସ୍ୟ ଚରାଚରସ୍ୟ
ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।
ନ ତ୍ୱତ୍‌ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ
ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥୧୧।୪୩।୪୫୭॥

ତସ୍ମାତ୍‌ପ୍ରଣମ୍ୟ ପ୍ରଣିଧାୟ କାୟଂ
ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।
ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ॥୧୧।୪୪।୪୫୮॥

ହେ ସର୍ବ ଆତ୍ମା ନମସ୍କାର । ସମ୍ମୁଖେ, ପଶ୍ଚାତେ ତୁମ୍ଭର ॥
ସକଳ ଦିଗରୁ ପ୍ରଣାମ । କରେ ମୁଁ ଅମିତ ବିକ୍ରମ ॥
ଅନନ୍ତବୀର୍ଯ୍ୟ, ବିଶ୍ୱସର୍ବ । ବ୍ୟାପିଛ ସର୍ବ ରୂପେ ଦେବ ॥ ୧୧।୪୦।୪୫୪॥

ତୁମ୍ଭ ଏ ମହିମା ନ ଜାଣି । ସ୍ନେହେ ବା ମୋହେ ସଖା ମଣି ॥
କୃଷ୍ଣ, ଯାଦବ, ସଖା ବୋଲି । ପରିହାସେ ମୁଁ ଯା' କହିଲି ॥୧୧।୪୧।୪୫୫॥

ବିହାର, ଶଯ୍ୟା ଓ ଆସନ । ଭୋଜନେ ହେ ମଧୁସୂଦନ ॥
ଏକାକୀ ଅବା ବନ୍ଧୁ ମେଳେ । ଯେ ସବୁ ପରିହାସ ଛଳେ ॥
କରିଛି ତୁମ୍ଭ ଅପମାନ । ତା' ଲାଗି କ୍ଷମା ଚାହେଁ କୃଷ୍ଣ ॥୧୧।୪୨।୪୫୬॥

ପିତା ତ ତୁମ୍ଭେ ସଂସାରର । ପୂଜ୍ୟ ଓ ଗୁରୁ, ଗୁରୁଙ୍କର ॥
ତ୍ରିଲୋକେ ତୁମ୍ଭ ସମକକ୍ଷ । ନାହିଁ କେ ଆନ କମଳାକ୍ଷ ॥
ତହୁଁ ବା, ଅସୀମ ପ୍ରଭାବ । ଅଧିକ କିପରି ସମ୍ଭବ ॥୧୧।୪୩।୪୫୭॥

ତେଣୁ ହେ ପ୍ରଭୁ ତୋ ପଯରେ । ସାଷ୍ଟାଙ୍ଗେ ପ୍ରଣିପାତ କରେ ॥
ପ୍ରସନ୍ନ ହୁଅ ସର୍ବେଶ୍ୱର । ଏତିକି ପ୍ରାର୍ଥନା ମୋହର ॥
ପୁତ୍ରକୁ ପିତା ଯେ ରୂପରେ । ସଖାକୁ ସଖା କ୍ଷମା କରେ ॥
କ୍ଷମା କର ହେ ଦୟାକରି । ପ୍ରିୟାକୁ ପ୍ରିୟ କଲାପରି ॥୧୧।୪୪।୪୫୮॥

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।
ତଦେବ ମେ ଦର୍ଶୟ ଦେବରୂପଂ
ପ୍ରସୀଦ ଦେବେଶ ଜଗନ୍ନିବାସ ॥୧୧।୪୫।୪୫ୟ॥

କିରୀଟିନଂ ଗଦିନଂ ଚକ୍ରହସ୍ତ -
ମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।
ତେନୈବ ରୂପେଣ ଚତୁର୍ଭୁଜେନ
ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥୧୧।୪୬।୪୬୦॥

ଶ୍ରୀଭଗବାନୁବାଚ

ମୟା ପ୍ରସନ୍ନେନ ତବାର୍ଜୁନେଦଂ
ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ
ୟନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥୧୧।୪୭।୪୭୧॥

ନ ବେଦୟଜ୍ଞାଧ୍ୟୟନୈର୍ନ ଦାନୈ -
ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।
ଏବଂରୂପଃ ଶକ୍ୟ ଅହଂ ନୃଲୋକେ
ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ॥୧୧।୪୮।୪୭୨॥

ମା ତେ ବ୍ୟଥା ମା ଚ ବିମୂଢଭାବୋ
ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ମମେଦମ୍ ।
ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ
ତଦେବ ମେ ରୂପମିଦଂ ପ୍ରପଶ୍ୟ ॥୧୧।୪୯।୪୭୩॥

ଅଦେଖା ରୂପ ଦେଖି ତବ । ହର୍ଷିତ ମନ ମୋ କେଶବ ॥
ତଥାପି ମନେ ଭୟ, କ୍ଲେଶ । ଜାତ ହେଉଛି ହୃଷୀକେଶ ॥
ଦେଖାଅ ଚତୁର୍ଭୁଜ ବେଶ । ପ୍ରସନ୍ନ ହୋଇ ହେ ଦେବେଶ ॥୧୧।୪୫।୪୫୯॥

ମସ୍ତକ ମୁକୁଟ ମଣ୍ଡିତ । ହସ୍ତ ଯେ ଗଦା ଚକ୍ରଯୁକ୍ତ ॥
ସେପରି ଦେଖିବାକୁ ଆଶ । ତୁମ୍ଭ ସେ ଚତୁର୍ଭୁଜ ବେଶ ॥
ଦେଖାଅ ତୁମ୍ଭେ ସେହି ରୂପ । ସହସ୍ର ବାହୁ, ବିଶ୍ୱରୂପ ॥୧୧।୪୬।୪୬୦॥

ଶ୍ରୀ ଭଗବାନ କହିଲେ

ପରମ ରୂପ ମୋ ଅନନ୍ତ । ବିରାଟ, ଆଦି, ତେଜୋଦୀପ୍ତ ॥
ମୁହିଁ ପ୍ରସନ୍ନ ହୋଇକରି । ଏ ରୂପ ତୋତେ ଦେଖାଇଲି ॥
ମୋ ଯୋଗଶକ୍ତିବଳରେ ହିଁ । ଆନ କେ ତାହା ଦେଖି ନାହିଁ ॥୧୧।୪୭।୪୭୧॥

ଯଜ୍ଞ ବା ବେଦ ଅଧ୍ୟୟନ । ବିହିତ କର୍ମ ଅବା ଦାନ ॥
ଅଥବା କରି ଉଗ୍ର ତପ । ଜଗତେ ଏ ମୋ ବିଶ୍ୱରୂପ ॥
ତୋ ବିନୁ ଅନ୍ୟ କେହି ପାର୍ଥ । ଦର୍ଶନେ ନୋହିଛି ସମର୍ଥ ॥୧୧।୪୮।୪୭୨॥

ଦେଖି ଏ ରୂପ ମୋ କରାଳ । ନ ହୁଅ ବିମୂଢ, ବ୍ୟାକୁଳ ॥
ନିର୍ଭୟ, ପ୍ରୀତମନା ହୋଇ । ଦେଖ ମୋ ପୂର୍ବ ରୂପ ତୁହି ॥୧୧।୪୯।୪୭୩॥

ସଞ୍ଜୟ ଉବାଚ

ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା
ସକଂ ରୂପଂ ଦର୍ଶୟାମାସ ଭୂୟଃ ।
ଆଶ୍ୱାସୟାମାସ ଚ ଭୀତମେନଂ
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ॥୧୧।୫୦।୪୬୪॥

ଅର୍ଜୁନ ଉବାଚ

ଦୃଷ୍ଟ୍ୱେ ଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ ।
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ॥୧୧।୫୧।୪୬୫॥

ଶ୍ରୀଭଗବାନୁବାଚ

ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ୟନ୍‌ମମ ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ ॥୧୧।୫୨।୪୬୬॥

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ୟଥା ॥୧୧।୫୩।୪୬୭॥

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥୧୧।୫୪।୪୬୮॥

ମତ୍‌କର୍ମକୃନ୍‌ମତ୍‌ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।
ନିର୍ବୈରଃ ସର୍ବଭୂତେଷୁ ୟଃ ସ ମାମେତି ପାଣ୍ଡବ ॥୧୧।୫୫।୪୬୯॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ବିଶ୍ୱରୂପ ଦର୍ଶନ ୟୋଗୋ ନାମ
ଏକାଦଶୋଽଧ୍ୟାୟଃ ॥

❑◆❑

ସଞ୍ଜୟ କହିଲେ

ଏପରି କହି ଅର୍ଜୁନଙ୍କୁ । ପୁଣି ସେ ନିଜର ରୂପକୁ ॥
ବାସୁଦେବ ଯେ ଦେଖାଇଲେ । ତାପରେ ସୌମ୍ୟମୂର୍ତ୍ତି ହେଲେ ॥
ଅର୍ଜୁନ ଥିଲେ ଭୀତତ୍ରସ୍ତ । ତାଙ୍କୁ ସେ କରିଲେ ଆଶ୍ୱସ୍ତ ॥୧୧।୫୦।୪୬୪॥

ଅର୍ଜୁନ କହିଲେ

ଏ ସୌମ୍ୟ ନରରୂପ ତବ । ବିଲୋକି ଆହେ ଦେବ ଦେବ ॥
ପ୍ରଶାନ୍ତ ହେଲା ମୋର ଚିତ୍ତ । ଏବେ ମୁଁ ହେଲି ପ୍ରକୃତିସ୍ଥ ॥୧୧।୫୧।୪୬୫॥

ଶ୍ରୀ ଭଗବାନ କହିଲେ

ଏ ରୂପ ଦୁର୍ଲ୍ଲଭ ମୋହର । ଯା ତୁମ୍ଭେ ଦର୍ଶନ କରିଲ ॥
ଦେବତାଗଣ ମଧ୍ୟ ନିତି । ଏ ରୂପ ଦର୍ଶନ ଇଚ୍ଛନ୍ତି ॥୧୧।୫୨।୪୬୬॥

ବେଦ, ତପସ୍ୟା, ଯଜ୍ଞ, ଦାନ । ଯାହା ବି କଲେ ଅରଜୁନ ॥
ନମିଳେ ଦର୍ଶନ ମୋହର । ଯେ ରୂପ ତୁମ୍ଭେ ହିଁ ଦେଖିଲ ॥୧୧।୫୩।୪୬୭॥

ଅନନ୍ୟ ଭକ୍ତି ଦ୍ୱାରା ମୋତେ । ଏପରି ଦେଖି, ଜାଣି ତତ୍ତ୍ୱେ ॥
ହୋଇବା ପାଇଁ ମୋତେ ପ୍ରାପ୍ତ । ଅଟେ ସମ୍ଭବ ଆହେ ପାର୍ଥ ॥୧୧।୫୪।୪୬୮॥

ମୋ କର୍ମକରେ ଯେ ମୋ ଭକ୍ତ । ମତ୍ପର, ଆସକ୍ତି ରହିତ ॥
ଯେହୁ ନବୈଁର ସର୍ବଭୂତେ । ଅର୍ଜୁନ, ପ୍ରାପ୍ତ ହୁଏ ମୋତେ ॥୧୧।୫୫।୪୬୯॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ବିଶ୍ୱରୂପ ଦର୍ଶନ ଯୋଗ' ନାମକ ଏକାଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀପରମାତ୍ମନେ ନମଃ

ଅଥ ଦ୍ୱାଦଶୋଽଧ୍ୟାୟଃ

ଭକ୍ତିଯୋଗଃ

ଅର୍ଜୁନ ଉବାଚ

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥୧୨।୧।୪୭୦॥

ଶ୍ରୀଭଗବାନୁବାଚ

ମଯ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥୧୨।୨।୪୭୧॥

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଲଂ ଧ୍ରୁବମ୍ ॥ ୧୨।୩।୪୭୨॥

ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥୧୨।୪।୪୭୩॥

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥୧୨।୫।୪୭୪॥

ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରାଃ ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥୧୨।୬।୪୭୫॥

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍‌ପାର୍ଥ ମଯ୍ୟାବେଶିତଚେତସାମ୍ ॥୧୨।୭।୪୭୬॥

ଓଁ ଶ୍ରୀ ପରମାତ୍ମନେ ନମଃ

ଦ୍ୱାଦଶ ଅଧ୍ୟାୟ

ଭକ୍ତି ଯୋଗ

ଅର୍ଜୁନ କହିଲେ

ସତତ ଯୁକ୍ତ ଯେଉଁ ଭକ୍ତ । ତୁମ୍ଭଙ୍କୁ ଭଜେ ଅବିରତ ॥
ଯେ ଭଜେ ଅବ୍ୟକ୍ତ ଅକ୍ଷର । ଏ ମଧ୍ୟେ କିଏ ଶ୍ରେଷ୍ଠତର ॥୧୨।୧ ।୪୭୦॥

ଶ୍ରୀ ଭଗବାନ କହିଲେ

ଯେ ମନ ନିବେଶି ମୋଠାରେ । ସତତ ପରମ ଶ୍ରଦ୍ଧାରେ ॥
ମୋର ହିଁ ଉପାସନା କରେ । ସେ ଯୋଗୀ ଶ୍ରେଷ୍ଠ ମୋ ମତରେ ॥୧୨।୨ ।୪୭୧॥

କିନ୍ତୁ ଯେ ଅବ୍ୟକ୍ତ, ଅକ୍ଷୟ । ସର୍ବଗ, ଅନିର୍ବଚନୀୟ ॥
ଅଚିନ୍ତ୍ୟ, ଅଚଳ, କୂଟସ୍ଥ । ତତ୍‌ପରେ ପୂଜିଣ ଶାଶ୍ୱତ ॥୧୨।୩ ।୪୭୨॥

ସଂଯମି ଇନ୍ଦ୍ରିୟ ସକଳ । ସର୍ବତ୍ର ସମବୁଦ୍ଧି-ଶୀଳ ॥
ସକଳ ଭୂତ ହିତେ ରତ । ମୋତେ ହିଁ ହୁଅନ୍ତି ପ୍ରାପତ ॥୧୨।୪ ।୪୭୩॥

ଯା ଚିତ୍ତ ଅବ୍ୟକ୍ତ ଆସକ୍ତ । ସେ ଯୋଗୀ ପାଏ ବଡ କଷ୍ଟ ॥
ଦେହଧାରୀର ବ୍ରହ୍ମ ଗତି । ଅତି କଷ୍ଟରେ ହୁଏ ପ୍ରାପ୍ତି ॥୧୨।୫ ।୪୭୪॥

କିନ୍ତୁ ଯେ ମୋତେ ସର୍ବ କର୍ମ । ସମର୍ପି, ପଶନ୍ତି ଶରଣ ॥
ଏକାଗ୍ରଚିତ୍ତେ ମୋତେ ଚିନ୍ତି । ଭକ୍ତିରେ ମୋ ପୂଜା କରନ୍ତି ॥୧୨।୬ ।୪୭୫॥

ମୋଠାରେ ଯୁକ୍ତ ଯାର ଚିତ୍ତ । ଉଦ୍ଧରେ ତାଙ୍କୁ ମୁହିଁ, ପାର୍ଥ ॥
ମରଣଶୀଳ ଏ ସଂସାର । ସାଗର ମଧ୍ୟରୁ ଚଞ୍ଚଳ ॥୧୨।୭ ।୪୭୬॥

ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ॥୧୨।୮।୪୭୭॥

ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।
ଅଭ୍ୟାସୟୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ॥୧୨।୯।୪୭୮॥

ଅଭ୍ୟାସେଽପ୍ୟସମର୍ଥୋଽସି ମତ୍‌କର୍ମପରମୋ ଭବ ।
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ॥୧୨।୧୦।୪୭୯॥

ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍‌ୟୋଗମାଶ୍ରିତଃ ।
ସର୍ବକର୍ମଫଲତ୍ୟାଗଂ ତତଃ କୁରୁ ୟତାତ୍ମବାନ୍ ॥୧୨।୧୧।୪୮୦॥

ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍‌ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍‌କର୍ମଫଲତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥୧୨।୧୨।୪୮୧॥

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।
ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ ॥୧୨।୧୩।୪୮୨॥

ସନ୍ତୁଷ୍ଟଃ ସତତଂ ୟୋଗୀ ୟତାତ୍ମା ଦୃଢନିଶ୍ଚୟଃ ।
ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ ॥୧୨।୧୪।୪୮୩॥

ୟସ୍ମାନ୍ନୋଦ୍‌ବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ୟଃ ।
ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ୟଃ ସ ଚ ମେ ପ୍ରିୟଃ ॥୧୨।୧୫।୪୮୪॥

ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।
ସର୍ବାରମ୍ଭପରିତ୍ୟାଗୀ ୟୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ ॥୧୨।୧୬।୪୮୫॥

ୟୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି ।
ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ୟଃ ସ ମେ ପ୍ରିୟଃ ॥୧୨।୧୭।୪୮୬॥

ମୋଠାରେ ଲଗାଅ ତୋ ମନ । ବୁଦ୍ଧିକୁ ନିବେଶ, ଅର୍ଜୁନ ॥
ନିଃସନ୍ଦେହେ ତୁ ଏହାପରେ । ବାସ କରିବୁ ମୋ ଭିତରେ ॥୧୨।୮।୪୭୭॥

ମୋ'ଠାରେ ଯଦି ତୋର ମନ । ସ୍ଥାପନେ ଅକ୍ଷମ ଅର୍ଜୁନ ॥
ଅଭ୍ୟାସ-ଯୋଗ ବଳେ ବୀର । ମୋତେ ପାଇବା ଇଚ୍ଛାକର ॥୧୨।୯।୪୭୮॥

ଅଭ୍ୟାସେ ଯଦି ଅସମର୍ଥ । ମୋ ପାଇଁ କର୍ମ କର ପାର୍ଥ ॥
ମୋ ପାଇଁ କଲେ କର୍ମମାନ । ସିଦ୍ଧିକୁ ଲଭିବ, ଅର୍ଜୁନ ॥୧୨।୧୦।୪୭୯॥

ଏହାକୁ ଯଦି ମଧ୍ୟ ପାର୍ଥ । କରିବା ପାଇଁ ଅସମର୍ଥ ॥
ମନ ସଂଯମି, ଯୋଗ ମୋର । ଆଶ୍ରି ତୁ, ତ୍ୟଜ କର୍ମଫଳ ॥୧୨।୧୧।୪୮୦॥

ଅଭ୍ୟାସଠାରୁ ଶ୍ରେୟ ଜ୍ଞାନ । ଜ୍ଞାନଠୁ ଶ୍ରେୟ ଅଟେ ଧ୍ୟାନ ॥
ଧ୍ୟାନରୁ କର୍ମଫଳ ତ୍ୟାଗ । ତହୁଁ ଅଚିରେ ଶାନ୍ତି ଲାଭ ॥୧୨।୧୨।୪୮୧॥

ସର୍ବ ଭୂତେ ଯେ ଦ୍ୱେଷହୀନ । ମଇତ୍ର, ଦୟାଳୁ, ନିର୍ମମ ॥
ନିରହଂକାରୀ, କ୍ଷମାବନ୍ତ । ସୁଖ ଦୁଃଖରେ ସମଚିତ୍ତ ॥୧୨।୧୩।୪୮୨॥

ସଦା ସନ୍ତୁଷ୍ଟ ଯେ ସଂଯତ । ଯା' ମନୋବୁଦ୍ଧି ମଦର୍ପିତ ॥
ସେ ଯୋଗୀ ଯେ ଦୃଢ ନିଶ୍ଚୟ । ମୋହର ଭକ୍ତ ସେ ମୋ ପ୍ରିୟ ॥୧୨।୧୪।୪୮୩॥

ଉଦ୍‌ବେଗ ପ୍ରାଣୀକୁ ନ ଦିଏ । ଉଦ୍‌ବେଗ ପ୍ରାଣୀଠୁ ନ ପାଏ ॥
ଉଦ୍‌ବେଗ, ହର୍ଷାମର୍ଷ, ଭୟ । -ମୁକ୍ତ ଯେ ଭକ୍ତ, ମୋର ପ୍ରିୟ ॥୧୨।୧୫।୪୮୪॥

ନିଃସ୍ପୃହ, ଦକ୍ଷ, ଶୁଚିବନ୍ତ । ଯେ ଉଦାସୀନ, ବ୍ୟଥାମୁକ୍ତ ॥
ତ୍ୟାଗୀ ଯେ ଜଗତା ଭାବର । ସେହି ମୋ ଭକ୍ତ ପ୍ରିୟ ମୋର ॥୧୨।୧୬।୪୮୫॥

ଯେ ନୁହେଁ ହୃଷ୍ଟ, ଦ୍ୱେଷହୀନ । ଶୋକ ବର୍ଜିତ, କାମଶୂନ୍ୟ ॥
ତ୍ୟାଗୀ ଯେ ଶୁଭ ଅଶୁଭର । ସେ ଭକ୍ତିମାନ ପ୍ରିୟ ମୋର ॥୧୨।୧୭।୪୮୬॥

ସମଃ ଶତ୍ରୌ ଚ ମିତ୍ରେ ଚ ତଥାମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥୧୨।୧୮।୪୮୭॥

ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ୟେନ କେନଚିତ୍ ।
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍‌ମେ ପ୍ରିୟୋ ନରଃ ॥୧୨।୧୯।୪୮୮॥

ୟେ ତୁ ଧର୍ମ୍ୟାମୃତମିଦଂ ୟଥୋକ୍ତଂ ପର୍ଯ୍ୟୁପାସତେ ।
ଶ୍ରଦ୍ଦଧାନା ମତ୍‌ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥୧୨।୨୦।୪୮୯॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ଭକ୍ତିୟୋଗୋ ନାମ
ଦ୍ୱାଦଶୋଽଧ୍ୟାୟଃ ॥

❑◆❑

ଶୀତୋଷ୍ଣ, ମାନ, ଅପମାନ । ଶତ୍ରୁ ମିତ୍ରେ ଯେ ଭାବେ ସମ ॥
ସୁଖ ଦୁଃଖକୁ ମଣେ ସମ । ଆସକ୍ତି ରହିତ, ଅର୍ଜୁନ ॥୧୨।୧୮।୪୮୭॥

ନିନ୍ଦାସ୍ତୁତିରେ ସମାଜ୍ଞାନ । ସଦାସନ୍ତୁଷ୍ଟ ରହେ ମୌନ ॥
ଯେ ଗୃହଶୂନ୍ୟ, ସ୍ଥିରମତି । ଭକ୍ତିମାନ, ମୋ ପ୍ରିୟ ଅତି ॥୧୨।୧୯।୪୮୮॥

ମତ୍‌ପରାୟଣ ଶ୍ରଦ୍ଧାବନ୍ତ । ଏ ମୋ କଥିତ ଧର୍ମାମୃତ ॥
ଭକ୍ତ ଯେ ପାଳନ କରଇ । ଅତୀବ ପ୍ରିୟ ମୋର ସେହି ॥୧୨।୨୦।୪୮୯॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଭକ୍ତି ଯୋଗ' ନାମକ ଦ୍ୱାଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ତ୍ରୟୋଦଶୋଽଧ୍ୟାୟଃ

କ୍ଷେତ୍ର କ୍ଷେତ୍ରଜ୍ଞବିଭାଗଯୋଗଃ

ଅର୍ଜୁନ ଉବାଚ

ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।
ଏତଦ୍ ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ॥

ଶ୍ରୀଭଗବାନୁବାଚ

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।
ଏତଦ୍‌ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍‌ବିଦଃ ॥୧୩।୧।୪୯୦॥

କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥୧୩।୨।୪୯୧॥

ତତ୍ କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍‌ବିକାରି ଯତଶ୍ଚ ଯତ୍ ।
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ ॥୧୩।୩।୪୯୨॥

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ ॥୧୩।୪।୪୯୩॥

ମହାଭୂତାନ୍ୟହଙ୍କାରୋ ବୁଦ୍ଧିରବ୍ୟକ୍ତମେବ ଚ ।
ଇନ୍ଦ୍ରିୟାଣି ଦଶୈକଂଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ॥୧୩।୫।୪୯୪॥

ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ॥୧୩।୬।୪୯୫॥

ଓଁ ଶ୍ରୀ ପରମାତ୍ମନେ ନମଃ

ତ୍ରୟୋଦଶ ଅଧ୍ୟାୟ

କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ

ଅର୍ଜୁନ କହିଲେ

ପ୍ରକୃତି, ପୁରୁଷ; କେଶବ । କ୍ଷେତ୍ର, କ୍ଷେତ୍ରଜ୍ଞ; ହେ ମାଧବ ॥
ଜ୍ଞାନ ଓ ଜ୍ଞେୟ ଏ ସମସ୍ତ । ଜାଣିବା ଇଚ୍ଛା ହୁଏ ଜାତ ॥

ଶ୍ରୀ ଭଗବାନ କହିଲେ

ଏହି ଶରୀର, ହେ ଅର୍ଜୁନ । ତାହାକୁ କ୍ଷେତ୍ର ବୋଲି ଜାଣ ॥
ଏହି କ୍ଷେତ୍ରକୁ ଯେ ଜାଣଇ । ଜ୍ଞାନୀ, କ୍ଷେତ୍ରଜ୍ଞ ତାକୁ କହି ॥୧୩।୧।୪୯୦॥

ସର୍ବ କ୍ଷେତ୍ରରେ ହେ ଅର୍ଜୁନ । କ୍ଷେତ୍ରଜ୍ଞ ବୋଲି ମୋତେ ଜାଣ ॥
କ୍ଷେତ୍ର କ୍ଷେତ୍ରଜ୍ଞ ଯେଉଁ ଜ୍ଞାନ । ମୋ ମତେ ସେ ଜ୍ଞାନ ହିଁ ଜ୍ଞାନ ॥୧୩।୨।୪୯୧॥

ସେ କ୍ଷେତ୍ର ସ୍ୱରୂପ, ସ୍ୱଭାବ । ବିକାର, ଯା' ଠାରୁ ଉଦ୍‌ଭବ ॥
କିପରି ତାହାର ପ୍ରଭାବ । ସଂକ୍ଷେପେ କହେ ଶୁଣ ସର୍ବ ॥୧୩।୩।୪୯୨॥

ବେଦମନ୍ତ୍ରେ ଓ ଋଷିଗଣ । କରନ୍ତି ଏହାର ବର୍ଣ୍ଣନ ॥
ବ୍ରହ୍ମ ସୂତ୍ରରେ ତା' କଥିତ । ଯାହା ନିଶ୍ଚିତ, ଯୁକ୍ତିଯୁକ୍ତ ॥୧୩।୪।୪୯୩॥

ବୁଦ୍ଧି ଓ ପଞ୍ଚ ମହାଭୂତ । ଅବ୍ୟକ୍ତ, ଅହଂକାର ପାର୍ଥ ॥
ଏକାଇ ମନ ଦଶେନ୍ଦ୍ରିୟ । ପଞ୍ଚ ଯେ ଇନ୍ଦ୍ରିୟ ବିଷୟ ॥୧୩।୫।୪୯୪॥

ଆକାଂକ୍ଷା, ସୁଖ, ଦୁଃଖ, ଘୃଣା । ଧୈର୍ଯ୍ୟ, ଶରୀର ଓ ଚେତନା ॥
ଏ ସର୍ବ ବିକାର ସହିତ । କ୍ଷେତ୍ର ଏ ସଂକ୍ଷେପେ କଥିତ ॥୧୩।୬।୪୯୫॥

ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।
ଆଚାର୍ଯୋପାସନଂ ଶୌଚଂ ସ୍ଥୈର୍ଯମାତ୍ମବିନିଗ୍ରହଃ ॥୧୩।୭।୪୯॥

ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଙ୍କାର ଏବ ଚ ।
ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖ ଦୋଷାନୁଦର୍ଶନମ୍ ॥୧୩।୮।୪୯॥

ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।
ନିତ୍ୟଂଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ॥୧୩।୯।୪୯॥

ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।
ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି ॥୧୩।୧୦।୪୯॥

ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।
ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥୧୩।୧୧।୫୦॥

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱାମୃତମଶ୍ନୁତେ ।
ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ॥୧୩।୧୨।୫୦୧॥

ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥୧୩।୧୩।୫୦୨॥

ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।
ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥୧୩।୧୪।୫୦୩॥

ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥୧୩।୧୫।୫୦୪॥

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।
ଭୂତଭର୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ॥୧୩।୧୬।୫୦୫॥

ବିନୟୀ ସ୍ୱଭାବ, ନମ୍ରତା । ଅହିଂସା, କ୍ଷମା, ସରଳତା ॥
ଗୁରୁଙ୍କ ସେବା ଓ ଶୁଦ୍ଧତା । ଆତ୍ମାର ସଂଯମ, ସ୍ଥିରତା ॥୧୩।୭।୪୯॥

ଇନ୍ଦ୍ରିୟ ଭୋଗେ ଅନାସକ୍ତ । ନିରହଙ୍କାର ଆହେ ପାର୍ଥ ॥
ଜରା, ମରଣ, ବ୍ୟାଧି, ଜନ୍ମ । ଦୁଃଖେ ଦର୍ଶନ ଦୋଷମାନ ॥୧୩।୮।୪୯॥

କଳତ୍ର, ଗୃହ, ପୁତ୍ରପ୍ରତି । ଅନାତ୍ମଭାବ, ଅନାସକ୍ତି ॥
ପ୍ରିୟ, ଅପ୍ରିୟ ଯାହା ପ୍ରାପ୍ତ । ସର୍ବଦା ତହିଁ ସମଚିତ୍ତ ॥୧୩।୯।୪୯॥

ଅନନ୍ୟ ଯୋଗେ ଦେଇ ମତି । ମୋଠାରେ ଐକାନ୍ତିକ ଭକ୍ତି ॥
ଏକାନ୍ତ ସ୍ଥାନେ ଅବସ୍ଥାନ । ଜନସମାଜେ ରୁଚିହୀନ ॥୧୩।୧୦।୪୯॥

ଆତ୍ମଜ୍ଞାନରେ ସଦାସ୍ଥିତ । ବ୍ରହ୍ମଙ୍କ ଦର୍ଶନ ସବତ୍ର ॥
ଏସବୁ ଜ୍ଞାନ ବୋଲି ଉକ୍ତ । ଅଜ୍ଞାନ ଏହା ବିପରୀତ ॥୧୩।୧୧।୫୦॥

କହିବି ତୋତେ ଜ୍ଞେୟ ଯାହା । ମୋକ୍ଷ ମିଳଇ ଜାଣି ତାହା ॥
ଅନାଦି ପରଂବ୍ରହ୍ମ ସେହି । ସତ ବା ଅସତ ନୁହଇ ॥୧୩।୧୨।୫୦୧॥

ସର୍ବତ୍ର ଯା କର ଚରଣ । ମସ୍ତକ, ମୁଖ, ଚକ୍ଷୁ, କର୍ଣ୍ଣ ॥
ଏହି ସଂସାରେ ସେ ହିଁ ପାର୍ଥ । ସର୍ବତ୍ର ବ୍ୟାପୀ ଅବସ୍ଥିତ ॥୧୩।୧୩।୫୦୨॥

ସର୍ବ ଇନ୍ଦ୍ରିୟ- ଜ୍ଞାନବନ୍ତ । ମାତ୍ର ସେ ଇନ୍ଦ୍ରିୟ ରହିତ ॥
ଅସକ୍ତ ପୁଣି ସର୍ବାଧାର । ନିର୍ଗୁଣ, ଭୋକ୍ତା ସେ ଗୁଣର ॥୧୩।୧୪।୫୦୩॥

ପ୍ରାଣୀର ଭିତର ବାହାର । ସେ ପୁଣି ଚର ଓ ଅଚର ॥
ଦୂରେ ସେ, ପାଶେ ଅତିଶୟ । ସୂକ୍ଷ୍ମତା ହେତୁ ଅବିଜ୍ଞେୟ ॥୧୩।୧୫।୫୦୪॥

ସେ ପରମାତ୍ମା ଅବିଭକ୍ତ । ବିଭକ୍ତ ପ୍ରାୟେ ଭୂତେ ସ୍ଥିତ ॥
ଜ୍ଞେୟ ସେ, ସ୍ରଷ୍ଟା ପ୍ରାଣୀଙ୍କର । ପାଳଇ, କରଇ ସଂହାର ॥୧୩।୧୬।୫୦୫॥

ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ॥୧୩।୧୭।୫୦୬॥

ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।
ମଦ୍‌ଭକ୍ତ ଏତଦ୍‌ବିଜ୍ଞାୟ ମଦ୍‌ଭାବାୟୋପପଦ୍ୟତେ ॥୧୩।୧୮।୫୦୭॥

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।
ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସମ୍ଭବାନ୍ ॥୧୩।୧୯।୫୦୮॥

କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥୧୩।୨୦।୫୦୯॥

ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍‌କ୍ତେ ପ୍ରକୃତିଜାନ୍ ଗୁଣାନ୍ ।
କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ୟୋନିଜନ୍ମସୁ ॥୧୩।୨୧।୫୧୦॥

ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।
ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍‌ପୁରୁଷଃ ପରଃ ॥୧୩।୨୨।୫୧୧॥

ୟ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ॥୧୩।୨୩।୫୧୨॥

ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।
ଅନ୍ୟେ ସାଂଖ୍ୟେନ ୟୋଗେନ କର୍ମୟୋଗେନ ଚାପରେ ॥୧୩।୨୪।୫୧୩॥

ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥୧୩।୨୫।୫୧୪॥

ୟାବତ୍ ସଂଜାୟତେ କିଞ୍ଚିତ୍‌ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।
କ୍ଷେତ୍ରକ୍ଷେତ୍ରଜ୍ଞସଂୟୋଗାତ୍ତଦ୍‌ବିଦ୍ଧି ଭରତର୍ଷଭ ॥୧୩।୨୬।୫୧୫॥

ଜ୍ୟୋତିଙ୍କ ଜ୍ୟୋତି ଅଟେ ସେ ତ । ସେ ପୁଣି ତମସୁଁ ଅତୀତ ॥
ଜ୍ଞାନ ସେ ଜ୍ଞାନଗମ୍ୟ, ଜ୍ଞେୟ । ବିରାଜି ସକଳ ହୃଦୟ ॥୧୩॥୧୭।୫୦୬॥

ଏରୂପେ କ୍ଷେତ୍ର, ଜ୍ଞେୟ, ଜ୍ଞାନ । ସଂକ୍ଷେପେ କହିଲି ଅର୍ଜୁନ ॥
ଏକଥା ବୁଝି ମୋର ଭକ୍ତ । ମୋର ସ୍ୱରୂପ ହୁଏ ପ୍ରାପ୍ତ ॥୧୩।୧୮।୫୦୭॥

ଉଭୟ ପ୍ରକୃତି ପୁରୁଷ । ଅନାଦି, ଜାଣ ଗୁଡାକେଶ ॥
ଯେତେ ବିକାର ଆଉ ଗୁଣ । ପ୍ରକୃତି ଠାରୁ ହିଁ ଉତ୍ପନ୍ନ ॥୧୩।୧୯।୫୦୮॥

କାର୍ଯ୍ୟ ଓ ଇନ୍ଦ୍ରିୟ ଉତ୍ପନ୍ନ । ପ୍ରକୃତି ଏହାର କାରଣ ॥
ସୁଖ ଦୁଃଖର ଭୋଗ ପାଇଁ । ପୁରୁଷ କାରଣ ଅଟଇ ॥୧୩।୨୦।୫୦୯॥

ପୁରୁଷ ପ୍ରକୃତିରେ ଥାଇ । ପ୍ରକୃତି-ଗୁଣକୁ ଭୁଞ୍ଜଇ ॥
ହେବାରୁ ଗୁଣାସକ୍ତ ପୁଣି । ଜନ୍ମଇ ଉଚ୍ଚ-ନୀଚ ଯୋନି ॥୧୩।୨୧।୫୧୦॥

ପରମ ପୁରୁଷ ଏ ଦେହେ । ଅନୁମୋଦକ ରୂପେ ରହେ ॥
ମହେଶ୍ୱର ସେ ସାକ୍ଷୀ, ଭର୍ତ୍ତା । ସେ ପରମାତ୍ମା ପୁଣି ଭୋକ୍ତା ॥୧୩।୨୨।୫୧୧॥

ଏପରି ଭାବେ ପୁରୁଷକୁ । ଗୁଣ ସହିତ ପ୍ରକୃତିକୁ ॥
ଯେ ଜାଣେ, ସେ ଯେପରି ଥାଉ । ପୁନର୍ଜନ୍ମ ତା ନାହିଁ ଆଉ ॥୧୩।୨୩।୫୧୨॥

ଧ୍ୟାନ ବଳରେ ଅବା କେହି । ଆତ୍ମାକୁ ଅନ୍ତରେ ଦେଖଇ ॥
କେ ଜ୍ଞାନ, କର୍ମଯୋଗେ ଜନ । ଆତ୍ମାର କରନ୍ତି ଦର୍ଶନ ॥୧୩।୨୪।୫୧୩॥

ଆନ କେ ଏ ସବୁ ନ ଜାଣି । ପୂଜନ୍ତି ଅନ୍ୟଠାରୁ ଶୁଣି ॥
ଏପରି ଶୁଣି ଯେ ପୂଜନ୍ତି । ସେ ମଧ୍ୟ ମୃତ୍ୟୁରୁ ତରନ୍ତି ॥୧୩।୨୫।୫୧୪॥

ଯା ପ୍ରାଣୀ ହୁଅନ୍ତି ଜନମ । ସ୍ଥାବର ଅଥବା ଜଙ୍ଗମ ॥
ଜାଣ ସେ କ୍ଷେତ୍ର କ୍ଷେତ୍ରଜ୍ଞର । ମିଳନୁ ଜାତ, କୁରୁବୀର ॥୧୩।୨୬।୫୧୫॥

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ସୁ ବିନଶ୍ୟନ୍ତଂ ୟଃ ପଶ୍ୟତି ସ ପଶ୍ୟତି ॥୧୩।୨୭।୫୧୬॥

ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ୟାତି ପରାଂ ଗତିମ୍ ॥୧୩।୨୮।୫୧୭॥

ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।
ୟଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥୧୩।୨୯।୫୧୮॥

ୟଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି ।
ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥୧୩।୩୦।୫୧୯॥

ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।
ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ॥୧୩।୩୧।୫୨୦॥

ୟଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥୧୩।୩୨।୫୨୧॥

ୟଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ॥୧୩।୩୩।୫୨୨॥

କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।
ଭୂତପ୍ରକୃତିମୋକ୍ଷଂ ଚ ୟେ ବିଦୁର୍ୟାନ୍ତି ତେ ପରମ୍ ॥୧୩।୩୪।୫୨୩॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ
କ୍ଷେତ୍ରକ୍ଷେତ୍ରଜ୍ଞବିଭାଗୟୋଗୋ ନାମ
ତ୍ରୟୋଦଶୋଽଧ୍ୟାୟଃ ॥

❑◆❑

ନଶ୍ୱର ପ୍ରାଣୀଙ୍କ ଭିତରେ । ବ୍ରହ୍ମଙ୍କୁ ସମାନ ଭାବରେ ॥
ନାଶ ରହିତ ଯେ ଦେଖଇ । ତାର ଦେଖିବା ଯଥାର୍ଥ ହିଁ ॥୧୩।୨୭।୫୧୬॥

ସର୍ବତ୍ର ସମଭାବେ ସ୍ଥିତ । ପରମାତ୍ମାକୁ ଦେଖି ସେ'ତ ॥
ହେୟ ନ କରେ ସେ ଆତ୍ମାର । ପରମ ଗତି ହୁଏ ତା'ର ॥୧୩।୨୮।୫୧୭॥

ପ୍ରକୃତି ଦ୍ୱାରା ସର୍ବ କର୍ମ । ନିୟତେ ହୁଅଇ ସମ୍ପନ୍ନ ॥
ଅକର୍ତ୍ତା ଭାବେ ଆତ୍ମାକୁ ହିଁ । ଯେ ଦେଖେ ଯଥାର୍ଥ ଦେଖଇ ॥୧୩।୨୯।୫୧୮॥

ଯେବେ ସକଳ ପ୍ରାଣୀ ଗଣ । ଏକସ୍ଥ କରେ ସେ ଦର୍ଶନ ॥
ଏକରୁ ବହୁର ଉତ୍ପତ୍ତି । ଦେଖି ହୁଏ ତା' ବ୍ରହ୍ମ ପ୍ରାପ୍ତି ॥୧୩।୩୦।୫୧୯॥

ଅନାଦି, ଅବ୍ୟୟ, ନିର୍ଗୁଣ । ପରମାତ୍ମା ଏ, ଅରଜୁନ ॥
ଶରୀରେ ମଧ୍ୟ ଥିଲେ ସ୍ଥିତ । କିଛି ନ କରେ, ନୁହେଁ ଲିପ୍ତ ॥୧୩।୩୧।୫୨୦॥

ଯଥା ଆକାଶ ସର୍ବବ୍ୟାପ୍ତ । ସୂକ୍ଷ୍ମତା ହେତୁ ନୁହେଁ ଲିପ୍ତ ॥
ତଥା ସକଳ ଦେହେ ଥାଇ । ଲିପ୍ତ ନ ହୁଏ ଆତ୍ମା କାହିଁ ॥୧୩।୩୨।୫୨୧॥

ଏକ ହିଁ ସୂର୍ଯ୍ୟ ଏ ଜଗତ । ଯେପରି କରେ ଆଲୋକିତ ॥
ତଥା କ୍ଷେତ୍ରଜ୍ଞ ଆଲୋକିତ । କରଇ କ୍ଷେତ୍ର ଯେ ସମସ୍ତ ॥୧୩।୩୩।୫୨୨॥

ଭେଦ ଏ କ୍ଷେତ୍ର କ୍ଷେତ୍ରଜ୍ଞର । ମିଥ୍ୟାତ୍ୱ ଭୂତ ପ୍ରକୃତିର ॥
ଯେ ଦେଖେ ସଜ୍ଞାନ ଚକ୍ଷୁରେ । ବ୍ରହ୍ମକୁ ସେହିଁ ଲାଭକରେ ॥୧୩।୩୪।୫୨୩॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'କ୍ଷେତ୍ର କ୍ଷେତ୍ରଜ୍ଞ ବିଭାଗ ଯୋଗ' ନାମକ ତ୍ରୟୋଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଚତୁର୍ଦ୍ଦଶୋଽଧ୍ୟାୟଃ

ଗୁଣତ୍ରୟବିଭାଗଯୋଗଃ

ଶ୍ରୀଭଗବାନୁବାଚ

ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।
ୟଜ୍‌ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ॥୧୪।୧।୫୨୪॥

ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।
ସର୍ଗେଽପି ନୋପଜାୟନ୍ତେ ପ୍ରଲୟେ ନ ବ୍ୟଥନ୍ତି ଚ ॥୧୪।୨।୫୨୫॥

ମମ ୟୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍‌ଗର୍ଭଂ ଦଧାମ୍ୟହମ୍ ।
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ॥୧୪।୩।୫୨୬॥

ସର୍ବୟୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ୟାଃ ।
ତାସାଂ ବ୍ରହ୍ମ ମହଦ୍‌ୟୋନିରହଂ ବୀଜପ୍ରଦଃ ପିତା ॥୧୪।୪।୫୨୭॥

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ॥୧୪।୫।୫୨୮॥

ତତ୍ର ସତ୍ତ୍ୱଂ ନିର୍ମଲତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ॥୧୪।୬।୫୨୯॥

ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍‌ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ॥୧୪।୭।୫୩୦॥

ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ॥୧୪।୮।୫୩୧॥

ଓଁ ଶ୍ରୀ ପରମାତ୍ମନେ ନମଃ

ଚତୁର୍ଦ୍ଦଶ ଅଧ୍ୟାୟ

ଗୁଣତ୍ରୟ ବିଭାଗ ଯୋଗ

ଶ୍ରୀ ଭଗବାନ କହିଲେ

ଜ୍ଞାନ ମଧ୍ୟେ ଯେ ଶ୍ରେଷ୍ଠ ଜ୍ଞାନ । ତାହା କହିବି ଅରଜୁନ ॥
ଯା ଜାଣି ସର୍ବ ମୁନି ଶେଷେ । ପରମ ସିଦ୍ଧି ଲଭନ୍ତି ସେ ॥୧୪।୧।୫୨୪॥

ଏ ଜ୍ଞାନ ଆଶ୍ରା କରି ନର । ସ୍ୱରୂପ ଲଭନ୍ତି ମୋହର ॥
ସୃଷ୍ଟି କାଳରେ ନ ଜନ୍ମନ୍ତି । ପ୍ରଳୟେ ବ୍ୟଥିତ ନୁହଁନ୍ତି ॥୧୪।୨।୫୨୫॥

ମୋ ଗର୍ଭାଧାନ ମହତ୍‌ବ୍ରହ୍ମ । ତହିଁ ମୁଁ କରଇ ସ୍ଥାପନ ॥
ସୃଷ୍ଟିର ବୀଜ ଯେତେ ପାର୍ଥ । ଏ ସର୍ବଭୂତ ତହୁଁ ଜାତ ॥୧୪।୩।୫୨୬॥

ଶରୀରଧାରୀ ଯେତେ ଭୂତ । ଯେ ଯେଉଁ ଯୋନିରେ ସମ୍ଭୂତ ॥
ପ୍ରକୃତି ତାର ଅଟେ ମାତା । ବୀଜ ପ୍ରଦାୟୀ ମୁହିଁ ପିତା ॥୧୪।୪।୫୨୭॥

ସତ୍ତ୍ୱ, ରଜ ଓ ତମ ଗୁଣ । ପ୍ରକୃତି ଠାରୁ ହୋଇ ଜନ୍ମ ॥
ଆତ୍ମାକୁ ଶରୀରେ ବନ୍ଧନ । କରନ୍ତି, ଜାଣ ହେ ଅର୍ଜୁନ ॥୧୪।୫।୫୨୮॥

ନିର୍ମଳ ହେତୁ ସତ୍ତ୍ୱଗୁଣ । ଜୋତିର୍ମୟ ଓ ଶାନ୍ତ ଜାଣ ॥
ସୁଖ ଓ ଜ୍ଞାନ ଆସକ୍ତିରେ । ଆତ୍ମାକୁ ରଖେ ବନ୍ଧନରେ ॥୧୪।୬।୫୨୯॥

'କାମ' ସ୍ୱରୂପ ରଜ ଜାଣ । ଆସକ୍ତି, ତୃଷ୍ଣାରୁ ଉତ୍ପନ୍ନ ॥
ସେ ରଜ, କର୍ମ ଆସକ୍ତିରେ । ଦେହୀକୁ ରଖେ ବନ୍ଧନରେ ॥୧୪।୭।୫୩୦॥

ଅଜ୍ଞାନୁ ଜାତ ତମ ଜାଣ । ମୋହିତ କରି ଭୂତଗଣ ॥
ଆଳସ୍ୟ, ନିଦ୍ରା, ପ୍ରମାଦରେ । ବାନ୍ଧେ ଆତ୍ମାକୁ ଶରୀରରେ ॥୧୪।୮।୫୩୧॥

ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।
ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ॥ ୧୪।୯।ଝଗ୩୨॥

ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।
ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ॥୧୪।୧୦।ଝଗ୩୩॥

ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ ।
ଜ୍ଞାନଂ ୟଦା ତଦା ବିଦ୍ୟାଦ୍ ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ॥୧୪।୧୧।ଝଗ୩୪॥

ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା ।
ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ॥୧୪।୧୨।ଝଗ୩୫॥

ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।
ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ॥୧୪।୧୩।ଝଗ୩୬॥

ୟଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଲୟଂ ୟାତି ଦେହଭୃତ୍ ।
ତଦୋତ୍ତମବିଦାଂ ଲୋକାନମଲାନ୍ ପ୍ରତିପଦ୍ୟତେ ॥୧୪।୧୪।ଝଗ୩୭॥

ରଜସି ପ୍ରଲୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।
ତଥା ପ୍ରଲୀନସ୍ତମସି ମୂଢ଼ୟୋନିଷୁ ଜାୟତେ ॥୧୪।୧୫।ଝଗ୩୮॥

କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଲଂ ଫଲମ୍ ।
ରଜସସ୍ତୁ ଫଲଂ ଦୁଃଖମଜ୍ଞାନଂ ତମସଃ ଫଲମ୍ ॥୧୪।୧୬।ଝଗ୩୯॥

ସତ୍ତ୍ୱାତ୍‌ସଂଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।
ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ॥୧୪।୧୭।ଝ୪୦॥

ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥୧୪।୧୮।ଝ୪୧॥

ସତ୍ତ୍ୱ ସୁଖରେ, ରଜ କର୍ମେ । ଦେହୀକୁ ରଖନ୍ତି ବନ୍ଧନେ ॥
ତମ ଆବୃତ କରି ଜ୍ଞାନ । ପ୍ରମାଦେ ବାନ୍ଧେ ହେ ଅର୍ଜୁନ ॥୧୪।୯।ଝଗ୩୨॥

ରଜ, ତମକୁ ସତ୍ତ୍ୱ ଜିଣି । ତମ, ସତ୍ତ୍ୱକୁ ରଜ ଜିଣି ॥
ସତ୍ତ୍ୱ, ରଜକୁ ତମ ଜିଣି । ବର୍ଦ୍ଧିତ ହୁଅଇ ଫାଲ୍ଗୁନି ॥୧୪।୧୦।ଝଗ୩୩॥

ଶରୀର ସର୍ବଦ୍ୱାରେ ଜ୍ଞାନ । -ଆଲୋକ ହେଲେ ବିକିରଣ ॥
ତେବେ ଜାଣିବ, ଆହେ ପାର୍ଥ । ବୃଦ୍ଧି ହୋଇଛି ଦେହେ ସତ୍ତ୍ୱ ॥୧୪।୧୧।ଝଗ୩୪॥

କର୍ମରେ ପ୍ରବୃତ୍ତି, ଉଦ୍ୟମ । ଲୋଭ, ଅଶାନ୍ତି ଭୋଗେ ମନ ॥
ଜନ୍ମିଲେ ଜାଣିବ ଅର୍ଜୁନ । ବୃଦ୍ଧି ହୋଇଛି ରଜୋଗୁଣ ॥୧୪।୧୨।ଝଗ୩୫॥

ଅବିବେକିତା, ଅନୁଦ୍ୟମ । ପ୍ରମାଦ ଆଉ ମୋହ ପୁଣ ॥
ବୃଦ୍ଧି ପାଇଲେ ତମୋଗୁଣ । ଏ ସର୍ବେ ହୁଅନ୍ତି ଜନମ ॥୧୪।୧୩।ଝଗ୩୬॥

ସତ୍ତ୍ୱର ପ୍ରବୃଦ୍ଧି କାଳରେ । ଦେହ ଧାରୀର ମୃତ୍ୟୁ ହେଲେ ॥
ସ୍ୱର୍ଗାଦି ଲୋକ ଲାଭକରେ । ଯହିଁ ସତ୍‌କର୍ମୀ ବାସକରେ ॥୧୪।୧୪।ଝଗ୩୭॥

ରଜ ବୃଦ୍ଧିରେ ମୃତ୍ୟୁ ହେଲେ । ଜନ୍ମେ ସେ କର୍ମାସକ୍ତ ମେଳେ ॥
ମରଣ ହେଲେ ତମୋଗୁଣେ । ମୂଢ଼ ଯୋନିରେ ସେହୁ ଜନ୍ମେ ॥୧୪।୧୫।ଝଗ୩୮॥

ଭଲ କର୍ମର ଯେତେ ଫଳ । କହନ୍ତି ସାତ୍ତ୍ୱିକ, ନିର୍ମଳ ॥
ରାଜସ କର୍ମଫଳ ଦୁଃଖ । ଅଜ୍ଞାନ, କର୍ମ ତାମସିକ ॥୧୪।୧୬।ଝଗ୩୯॥

ସତ୍ତ୍ୱ ଗୁଣରୁ ଜାତ ଜ୍ଞାନ । ରଜରୁ ଲୋଭ ନିଏ ଜନ୍ମ ॥
ତମରୁ ହୁଅଇ ଉତ୍ପନ୍ନ । ପ୍ରମାଦ, ମୋହ ଓ ଅଜ୍ଞାନ ॥୧୪।୧୭।ଝ୪୦॥

ସାତ୍ତ୍ୱିକ ଯା'ନ୍ତି ଊର୍ଦ୍ଧ୍ୱଲୋକ । ରାଜସିକ ଯେ 'ନର'ଲୋକ ॥
ଆଶ୍ରି ଜଘନ୍ୟ ଗୁଣ ବୃତ୍ତି । ତାମସ ପାଏ ଅଧୋଗତି ॥୧୪।୧୮।ଝ୪୧॥

ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍‌ଭାବଂ ସୋଽଧିଗଚ୍ଛତି ॥୧୪।୧୯।୫୪୨॥

ଗୁଣାନେତାନତୀତ୍ୟ ତ୍ରୀନ୍‌ଦେହୀ ଦେହସମୁଦ୍‌ଭବାନ୍ ।
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥୧୪।୨୦।୫୪୩॥

ଅର୍ଜୁନ ଉବାଚ

କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍‌ଗୁଣାନତିବର୍ତ୍ତତେ ॥୧୪।୨୧।୫୪୪॥

ଶ୍ରୀଭଗବାନୁବାଚ

ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।
ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଙ୍କ୍ଷତି ॥୧୪।୨୨।୫୪୫॥

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ॥୧୪।୨୩।୫୪୬॥

ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ॥୧୪।୨୪।୫୪୭॥

ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ॥୧୪।୨୫।୫୪୮॥

ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଲ୍ପତେ ॥୧୪।୨୬।୫୪୯॥

ଗୁଣ ହିଁ ସର୍ବ କର୍ମ କର୍ତ୍ତା । ଏ କଥା ଜାଣେ ଯେଉଁ ଦ୍ରଷ୍ଟା ॥
ଜାଣି ସେ ଆତ୍ମା ଗୁଣାତୀତ । ମୋର ସ୍ୱରୂପ ହୁଏ ପ୍ରାପ୍ତ ॥୧୪।୧୯।୫୪୨॥

ଦେହୀ ତ୍ରିଗୁଣ ଅତିକ୍ରମି । ଯହୁଁ ଏ ଦେହ ଥାଏ ଜନ୍ମି ॥
ଜନ୍ମ, ମରଣ, ଜରା, ଦୁଃଖ । ବିମୁକ୍ତ ହୋଇ ଲଭେ ମୋକ୍ଷ ॥୧୪।୨୦।୫୪୩॥

ଅର୍ଜୁନ କହିଲେ

ଗୁଣାତୀତର କି ଲକ୍ଷଣ । କିପରି ତାର ଆଚରଣ ॥
ତ୍ରିଗୁଣ କେଉଁ ଉପାୟରେ । ପ୍ରଭୋ, ସେ ଅତିକ୍ରମ କରେ ॥୧୪।୨୧।୫୪୪॥

ଶ୍ରୀ ଭଗବାନ କହିଲେ

ପ୍ରବୃତ୍ତି, ମୋହ ବା ପ୍ରକାଶ । ସ୍ଥିତେ ନ କରେ ଘୃଣା ଲେଶ ॥
ଅଥବା ତା'ର ବିଗତିରେ । ପୁଣି ସେ ଆକାଂକ୍ଷା ନ କରେ ॥୧୪।୨୨।୫୪୫॥

ତ୍ରିଗୁଣେ ନୋହି ବିଚଳିତ । ରହେ ଯେ ଉଦାସୀନବତ ॥
ତ୍ରିଗୁଣ ନିଜ କାର୍ଯ୍ୟେ ରତ । ଜାଣି, ନ ହୁଏ ବିଭ୍ରମିତ ॥୧୪।୨୩।୫୪୬॥

ଆତ୍ମସ୍ଥ, ସୁଖ, ଦୁଃଖ, ସର୍ଷ । ଶିଳା, ମୃତ୍ତିକା ସମଜ୍ଞାନ ॥
ପ୍ରିୟ, ଅପ୍ରିୟ, ନିନ୍ଦା, ସ୍ତୁତି । ସମାନ ଦେଖେ ଧୀରମତି ॥୧୪।୨୪।୫୪୭॥

ସମାନ ମାନ ଅପମାନ । ଶତ୍ରୁ ମିତ୍ରରେ ସମଜ୍ଞାନ ॥
ଅକର୍ତ୍ତା ଭାବ କର୍ମେ ସର୍ବ । ସେ ଗୁଣାତୀତ ବୋଲି ଭାବ ॥୧୪।୨୫।୫୪୮॥

ଅବ୍ୟଭିଚାରୀ ଭକ୍ତିଯୋଗେ । ଯେହୁ ସର୍ବଦା ମୋରେ ସେବେ ॥
ତ୍ରିଗୁଣ କରି ଅତିକ୍ରମ । ମୋକ୍ଷ ପାଇଁ ସେ ହୁଏ କ୍ଷମ ॥୧୪।୨୬।୫୪୯॥

ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।
ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସୈ୍ୟକାନ୍ତିକସ୍ୟ ଚ ॥୧୪।୨୭।୫୫୦॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ
ଗୁଣତ୍ରୟବିଭାଗଯୋଗୋ ନାମ
ଚତୁର୍ଦ୍ଦଶୋଽଧ୍ୟାୟଃ ॥

❑◆❑

କାରଣ ମୁଁ ସେହି ବ୍ରହ୍ମର । ସେ ଅବିନାଶୀ, ଅମୃତର ॥
ତଥା ସେ ଶାଶ୍ୱତ ଧର୍ମର । ଆଶ୍ରୟ, ଅଖଣ୍ଡ ସୁଖର ॥୧୪।୨୭।୫୫୦॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଗୁଣତ୍ରୟ ବିଭାଗ ଯୋଗ' ନାମକ ଚତୁର୍ଦ୍ଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ପଞ୍ଚଦଶୋଽଧ୍ୟାୟଃ

ପୁରୁଷୋତ୍ତମଯୋଗଃ

ଶ୍ରୀଭଗବାନୁବାଚ

ଊର୍ଦ୍ଧ୍ୱମୂଲମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।
ଛନ୍ଦାଂସି ଯସ୍ୟ ପର୍ଣାନି ଯସ୍ତଂ ବେଦ ସ ବେଦବିତ୍ ॥୧୫।୧।୫୫୧॥

ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା
ଗୁଣପ୍ରବୃଦ୍ଧା ବିଷୟପ୍ରବାଲାଃ ।
ଅଧଶ୍ଚ ମୂଲାନ୍ୟନୁସନ୍ତତାନି
କର୍ମାନୁବନ୍ଧୀନି ମନୁଷ୍ୟଲୋକେ ॥୧୫।୨।୫୫୨॥

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା ।
ଅଶ୍ୱତ୍ଥମେନଂ ସୁବିରୂଢମୂଲ -
ମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ॥୧୫।୩।୫୫୩ ॥

ତତଃ ପଦଂ ତତ୍‌ପରିମାର୍ଗିତବ୍ୟଂ
ଯସ୍ମିନ୍‌ଗତା ନ ନିବର୍ତ୍ତନ୍ତି ଭୂୟଃ ।
ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ॥୧୫।୪।୫୫୪॥

ନିର୍ମାନମୋହା ଜିତସଙ୍ଗଦୋଷା
ଅଧ୍ୟାତ୍ମନିତ୍ୟା ବିନିବୃତ୍ତିକାମାଃ ।
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ -
ର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ ॥୧୫।୫।୫୫୫॥

ଓଁ ଶ୍ରୀ ପରମାତ୍ମନେ ନମଃ

ପଞ୍ଚଦଶ ଅଧ୍ୟାୟ

ପୁରୁଷୋତ୍ତମ ଯୋଗ

ଶ୍ରୀ ଭଗବାନ କହିଲେ

ନିମ୍ନକୁ ଡ଼ାଳ,ଊର୍ଦ୍ଧ୍ୱେ ମୂଳ । ଅବ୍ୟୟ ବୃକ୍ଷ ଅଶ୍ୱତ୍‌ଥର ॥
ଛନ୍ଦ ସକଳ ପତ୍ର ତା'ର । ଯେ ଜାଣେ ବେଦଜ୍ଞ ସେ ନର ॥୧୫।୧।୫୫୧॥

ତ୍ରିଗୁଣ ପୁଷ୍ଟ ଶାଖା ତା'ର । ଅନେକ ବିଷୟ - ମୁକୁଳ ॥
ଅଧ ଊର୍ଦ୍ଧ୍ୱରେ ପରିବ୍ୟାପ୍ତ । ନିମ୍ନେ ସଂସାରେ ପ୍ରସାରିତ ॥
କର୍ମାନୁରୂପ ନରଲୋକେ । ମୂଳ ବିସ୍ତୃତ ସର୍ବଲୋକେ ॥୧୫।୨।୫୫୨॥

ବୃକ୍ଷର ସ୍ୱରୂପ ଏପରି । କେବେହେଁ ନଦିଶେ ସେପରି ॥
ଏହାର ଆଦି, ଅନ୍ତ, ସ୍ଥିତି । ସହଜେ ନ ହୁଏ ପ୍ରତୀତି ॥
ଏ ଦୃଢମୂଳ ଅଶ୍ୱତ୍‌ଥକୁ । ଅସଂଗ ଶସ୍ତ୍ରେ ଛେଦି ତାକୁ ॥୧୫।୩।୫୫୩॥

ସେ ଲକ୍ଷ୍ୟ କର ଅନ୍ୱେଷଣ । ଯା' ଲାଭେ ନାହିଁ ପୁନର୍ଜନ୍ମ ॥
ଅନାଦି ଏ ସଂସାର ସ୍ରୋତ । ଯହୁଁ ହେଉଛି ପ୍ରବାହିତ ॥
ସେ ଆଦି ପୁରୁଷ ଚରଣ । ତଳେ ମୁଁ ପଶୁଛି ଶରଣ ॥୧୫।୪।୫୫୪॥

ନାହିଁ ଯାହାର ମୋହ, ମାନ । ବାସନା, ଆସକ୍ତି ବିହୀନ ॥
ଯେ ନିତ୍ୟ ପରମାତ୍ମନିଷ୍ଠ । ସୁଖ-ବିଷାଦ ଦ୍ୱନ୍ଦ୍ୱମୁକ୍ତ ॥
ସେହି ବିବେକୀ ଜ୍ଞାନବନ୍ତ । ପରମପଦ ହୁଏ ପ୍ରାପ୍ତ ॥୧୫।୫।୫୫୫॥

ନ ତଦ୍‌ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।
ୟଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥୧୫।୬।୫୫୬॥

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୧୫।୭।୫୫୭॥

ଶରୀରଂ ୟଦବାପ୍ନୋତି ୟଚ୍ଚାପ୍ୟୁତ୍‌କ୍ରାମତୀଶ୍ୱରଃ ।
ଗୃହୀତ୍ୱୈତାନି ସଂୟାତି ବାୟୁର୍ଗନ୍ଧାନିବାଶୟାତ୍ ॥୧୫।୮।୫୫୮॥

ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥୧୫।୯।୫୫୯॥

ଉତ୍‌କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।
ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ॥୧୫।୧୦।୫୬୦॥

ୟତନ୍ତୋ ୟୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।
ୟତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ॥୧୫।୧୧।୫୬୧॥

ୟଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଲମ୍ ।
ୟଚ୍ଚନ୍ଦ୍ରମସି ୟଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥୧୫।୧୨।୫୬୨॥

ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ॥୧୫।୧୩।୫୬୩॥

ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।
ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥୧୫।୧୪।୫୬୪॥

ଅନଳ, ଭାସ୍କର ଓ ସୋମ । ଯାହାର ପ୍ରକାଶେ ଅକ୍ଷମ ॥
ଜୀବ ନ ଫେରେ ଯହିଁ ଯାଇ । ପରମଧାମ ମୋର ସେହି ॥୧୫।୬।୫୫୬॥

ଦେହେ ଜୀବାତ୍ମା ସନାତନ । ମୋର ଅଂଶ ହିଁ ବୋଲି ଜାଣ ॥
ନିଜର ଭାବେ, ମାୟାଧୀନ । ପଞ୍ଚ ଇନ୍ଦ୍ରିୟ ଆଉ ମନ ॥୧୫।୭।୫୫୭॥

ଜୀବ ଶରୀର ତ୍ୟାଗ କରି । ତା'ର ସକଳ ଗୁଣଧରି ॥
ପ୍ରବେଶେ ଅନ୍ୟ ଶରୀରରେ । ବାୟୁ ଯେପରି ଗନ୍ଧ ହରେ ॥୧୫।୮।୫୫୮॥

ଜୀବ ଆଶ୍ରୟ କରି ମନ । ଜିହ୍ୱା, ନାସିକା, ଚକ୍ଷୁ, କର୍ଣ୍ଣ ॥
ଚର୍ମଦ୍ୱାରା ସେ ଭୋଗ କରେ । ସକଳ ବିଷୟ ସଂସାରେ ॥୧୫।୯।୫୫୯॥

ଶରୀର ତ୍ୟାଗୀ, ଭୋଗୀ, ସ୍ଥିତ । ଅବା ସେ ଜୀବ ଗୁଣଯୁକ୍ତ ॥
ତାର ସ୍ୱରୂପ ମୂଢ଼ ପ୍ରାଣୀ । ଜାଣିନ ପାରେ, ଜାଣେ ଜ୍ଞାନୀ ॥୧୫।୧୦।୫୬୦॥

ଅନ୍ତରେ ଆତ୍ମାର ଦର୍ଶନ । କରଇ ଯୋଗୀ ଯତ୍ନବାନ ॥
ଅଶୁଦ୍ଧ, ଅଜ୍ଞାନ ଯତନ । କଲେହେଁ ନ ପାଏ ଦର୍ଶନ ॥୧୫।୧୧।୫୬୧॥

ଯେଉଁ ତେଜରେ ସୂର୍ଯ୍ୟଙ୍କର । ଆଲୋକମୟ ଏ ସଂସାର ॥
ଯେ ତେଜ ଅଗ୍ନି ଚନ୍ଦ୍ରଙ୍କର । ସେ ସବୁ ତେଜ ଜାଣ ମୋର ॥୧୫।୧୨।୫୬୨॥

ପ୍ରାଣୀଙ୍କୁ ନିଜ ଶକ୍ତି ବଳେ । ଧରେ ମୁଁ ପ୍ରବେଶି ଧରାରେ ॥
ଔଷଧି ପୁଷ୍ଟ କରେ ମୁହିଁ । ଚନ୍ଦ୍ରମା ରସମୟ ହୋଇ ॥୧୫।୧୩।୫୬୩॥

ମୁଁ ବୈଶ୍ୱାନର ଅଗ୍ନି ହୋଇ । ପ୍ରାଣୀଙ୍କ ଦେହ ମଧ୍ୟେ ଥାଇ ॥
ପ୍ରାଣରେ ମିଶାଇ ଅପାନ । ଜୀର୍ଣ୍ଣ କରେ ମୁଁ ଚାରିଅନ୍ନ ॥୧୫।୧୪।୫୬୪॥

ସର୍ବସ୍ୟ ଚାହଂ ହୃଦି ସଂନିବିଷ୍ଟୋ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ
ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ॥୧୫।୧୫॥୫୬୩॥

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥୧୫।୧୬॥୫୬୬॥

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ॥୧୫।୧୭॥୫୬୭॥

ଯସ୍ମାତ୍‌କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥୧୫।୧୮॥୫୬୮॥

ଯୋ ମାମେବମସଂମୂଢୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ ॥୧୫।୧୯॥୫୬୯॥

ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।
ଏତଦ୍ ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ॥୧୫।୨୦॥୫୭୦॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ପୁରୁଷୋତ୍ତମଯୋଗୋ ନାମ
ପଞ୍ଚଦଶୋଽଧ୍ୟାୟଃ ॥

❑◆❑

ମୋହରି ଠାରୁ ସ୍ମୃତି, ଜ୍ଞାନ । ଲୟ ହୁଅନ୍ତି, ନେଇ ଜନ୍ମ ॥
ବିରାଜେ ସବୁରି ହୃଦୟ । ସକଳ ବେଦେ ମୁହିଁ ଜ୍ଞେୟ ॥
ମୁଁ ଅଟେ ବେଦାନ୍ତର କର୍ତ୍ତା । ମୁଁମଧ୍ୟ ଅଟେ ବେଦବେତ୍ତା ॥୧୫।୧୫॥୫୬୩॥

ଲୋକେ ପୁରୁଷ ଦିପ୍ରକାର । ଏକ ଅକ୍ଷର, ଏକ କ୍ଷର ॥
ସମସ୍ତ ପ୍ରାଣୀ କହି କ୍ଷର । କେବଳ ଜୀବାତ୍ମା ଅକ୍ଷର ॥୧୫।୧୬॥୫୬୬॥

ଉତ୍ତମ ପୁରୁଷ ତ ଅନ୍ୟ । ଯାହାକୁ ପରମାତ୍ମା ଜାଣ ॥
ତିନି ଲୋକରେ ବ୍ୟାପ୍ତ ହୋଇ । ସଭିଙ୍କ ପାଳନ କରଇ ॥୧୫।୧୭॥୫୬୭॥

ଯେଣୁ ମୁଁ କ୍ଷରଠାରୁ ଭିନ୍ନ । ଅକ୍ଷରଠାରୁ ବି ଉତ୍ତମ ॥
ଏଣୁସଂସାରେ, ବେଦେ ଖ୍ୟାତ । ପୁରୁଷୋତ୍ତମ ରୂପେ ପାର୍ଥ ॥୧୫।୧୮॥୫୬୮॥

ଏପରି ମୋତେ ଯେଉଁ ଜ୍ଞାନୀ । ପୁରୁଷୋତ୍ତମ ରୂପେ ଜାଣି ॥
ସେହି ସର୍ବଜ୍ଞ ନିରନ୍ତର । ଭଜନ କରଇ ମୋହର ॥୧୫।୧୯॥୫୬୯॥

ଏ ଯେଉଁ ଶାସ୍ତ୍ର ଗୁହ୍ୟତମ । କହିଲି, ନିଷ୍ପାପ ଅର୍ଜୁନ ॥
ଏହାକୁ ଜାଣେ ଯେଉଁ ଜନ । ହୁଏ ସେ ଧନ୍ୟ, ବୁଦ୍ଧିମାନ ॥୧୫।୨୦॥୫୭୦॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ପୁରୁଷୋତ୍ତମ ଯୋଗ' ନାମକ ପଞ୍ଚଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଷୋଡଶୋଽଧ୍ୟାୟଃ

ଦୈବାସୁରସମ୍ପଦ୍‌ବିଭାଗଯୋଗଃ

ଶ୍ରୀଭଗବାନୁବାଚ

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ॥୧୬।୧।୫୭୧॥

ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ ॥୧୬।୨।୫୭୨॥

ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ॥୧୬।୩।୫୭୩॥

ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।
ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ॥୧୬।୪।୫୭୪॥

ଦୈବୀ ସମ୍ପଦ୍ ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।
ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ॥୧୬।୫।୫୭୫॥

ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।
ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ॥୧୬।୬।୫୭୬॥

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।
ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ॥୧୬।୭।୫୭୭॥

ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।
ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ॥୧୬।୮।୫୭୮॥

ଓଁ ଶ୍ରୀ ପରମାତ୍ମନେ ନମଃ

ଷୋଡ଼ଶ ଅଧ୍ୟାୟ

ଦୈବାସୁର ସଂପଦ ବିଭାଗ ଯୋଗ

ଶ୍ରୀ ଭଗବାନ କହିଲେ

ଅଭୟ, ଚିତ୍ତ ପ୍ରସନ୍ନତା । ଜ୍ଞାନ-ଯୋଗରେ ଦୃଢ଼ନିଷ୍ଠା ॥
ତପ, ଆର୍ଜବ, ଯଜ୍ଞ, ଦାନ । ସ୍ୱାଧ୍ୟାୟ, ଇନ୍ଦ୍ରିୟ ଦମନ ॥୧୬।୧।୫୭୧॥

ଅହିଂସା, ସତ୍ୟ, ଶାନ୍ତି, ତ୍ୟାଗ । ଅକ୍ରୋଧ, ପରନିନ୍ଦା ତ୍ୟାଗ ॥
ନିର୍ଲୋଭ, ଲଜ୍ଜା, ଅଚଞ୍ଚଳ । କୋମଳ, ଭୂତେ ଦୟାଶୀଳ ॥୧୬।୨।୫୭୨॥

ଅଦ୍ରୋହ, ଶୌଚ, କ୍ଷମା, ଧୈର୍ଯ୍ୟ । ଗର୍ବହୀନତା ଆଉ ତେଜ ॥
ଦୈବୀ ସମ୍ପଦେ ଜାତ ଜନ । -ମାନଙ୍କ ଏ ସବୁ ଲକ୍ଷଣ ॥୧୬।୩।୫୭୩॥

ଦମ୍ଭ ଓ ଦର୍ପ, ଅଭିମାନ । କଠୋର, କ୍ରୋଧ, ଜ୍ଞାନହୀନ ॥
ଆସୁରୀ ସମ୍ପଦ, ଅର୍ଜୁନ, । ଅଭିଜାତର ଏ ଲକ୍ଷଣ ॥୧୬।୪।୫୭୪॥

ଦୈବୀସମ୍ପଦ ମୁକ୍ତିଦାୟୀ । ଆସୁରୀ ବଦ୍ଧ ଯୋଗ କହି ॥
ଚିନ୍ତା ନ କର ହେ ଅର୍ଜୁନ । ଦୈବୀ ସମ୍ପଦେ ତୁମ୍ଭ ଜନ୍ମ ॥୧୬।୫।୫୭୫॥

ସଂସାରେ ସୃଷ୍ଟ ପ୍ରାଣୀଙ୍କର । ସ୍ୱଭାବ ଦେବ ବା ଅସୁର ॥
ବିସ୍ତୃତେ ଉକ୍ତ ଦେବଗୁଣ । ଏବେ ଅସୁର ଗୁଣ ଶୁଣ ॥୧୬।୬।୫୭୬॥

ଜ୍ଞାନ ପ୍ରବୃତ୍ତି ନିବୃତ୍ତିର । ଅସୁର ଜନେ ଅଗୋଚର ॥
ଶୁଦ୍ଧତା, ସତ୍ୟ, ସଦାଚାର । ନ ଥାଏ ଅସୁର ଜନର ॥୧୬।୭।୫୭୭॥

ତାହାଙ୍କ ମତେ ଏହି ଭବ । କାମୁକ ସଙ୍ଗମେ ସମ୍ଭବ ॥
ବିଶ୍ୱ ଅସତ୍ୟ, ଅନୀଶ୍ୱର । ନାହିଁ ତା' ନୈତିକ ଆଧାର ॥୧୬।୮।୫୭୮॥

ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ ।
ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ॥୧୬।୯।୫୭୯॥

କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।
ମୋହାଦ୍ ଗୃହୀତ୍ୱା ସଦ୍‌ଗ୍ରାହାନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ॥୧୬।୧୦।୫୮୦॥

ଚିନ୍ତାମପରିମେୟାଂ ଚ ପ୍ରଲୟାନ୍ତାମୁପାଶ୍ରିତାଃ ।
କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ॥୧୬।୧୧।୫୮୧॥

ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।
ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ॥୧୬।୧୨।୫୮୨॥

ଇଦମଦ୍ୟ ମୟା ଲବ୍‌ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍ ।
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥୧୬।୧୩।୫୮୩॥

ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।
ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଲବାନ୍ ସୁଖୀ ॥୧୬।୧୪।୫୮୪॥

ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।
ୟକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ॥୧୬।୧୫।୫୮୫॥

ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ॥୧୬।୧୬।୫୮୬॥

ଆତ୍ମସମ୍ଭାବିତାଃ ସ୍ତବ୍‌ଧା ଧନମାନମଦାନ୍ୱିତାଃ ।
ୟଜନ୍ତେ ନାମୟଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ॥୧୬।୧୭।୫୮୭॥

ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ॥୧୬।୧୮।୫୮୮॥

ଆଗ୍ରି ଏପରି ମିଥ୍ୟା ଜ୍ଞାନ | ଅଳପବୁଦ୍ଧି, ନଷ୍ଟାତ୍ମାନ ॥
ଉଗ୍ରକର୍ମା ଯେ ଶତ୍ରୁ ହୋଇ | ଜନ୍ମନ୍ତି ବିଶ୍ୱ ନାଶ ପାଇଁ ॥୧୬।୯।୫୭୯॥

ଅତୃପ୍ତ କାମନା ଆଶ୍ରିତ | ଦମ୍ଭ, ମାନ ଓ ଗର୍ବଯୁକ୍ତ ॥
ମିଥ୍ୟା ସିଦ୍ଧାନ୍ତ ମୋହେ ଧରି | ଦୁଷ୍କର୍ମେ ରତ ଭ୍ରଷ୍ଟାଚାରୀ ॥୧୬।୧୦।୫୮୦॥

ଅନନ୍ତ ଚିନ୍ତା ମୃତ୍ୟୁଯାଏ | ଆଶ୍ରୟ କରି ରହିଥାଏ ॥
ବିଷୟ ଭୋଗେ ତତପର | ଭାବେ ଏ ଶ୍ରେଷ୍ଠ ସୁଖ ତା'ର ॥୧୬।୧୧।୫୮୧॥

ଅସଂଖ୍ୟ ଆଶା ଫାଶେ ପଡ଼ି | କାମ କ୍ରୋଧରେ ଥାଏ ଜଡ଼ି ॥
ବିଷୟ ଭୋଗ ପାଇଁ ମନ | ଅନ୍ୟାୟ ମାର୍ଗେ ଅର୍ଜେ ଧନ ॥୧୬।୧୨।୫୮୨॥

ଆଜି ମୁଁ ଏହା କଲି ଲାଭ | ମନୋରଥ ମୋ' ପୂର୍ଣ୍ଣ ହେବ ॥
ଏବେ ଅଛି ମୋ ଏତେ ଧନ | ଆହୁରି ବଢ଼ିବ ମୋ ଧନ ॥୧୬।୧୩।୫୮୩॥

ସେ ଶତ୍ରୁ ମୋହ ଦ୍ୱାରା ହତ | ଅନ୍ୟ ଶତ୍ରୁ ବି ହେବେ ହତ ॥
ମୁହିଁ ଈଶ୍ୱର, ଭୋଗୀ ଜାଣ | ମୁଁ ସିଦ୍ଧ, ସୁଖୀ, ବଳବାନ ॥୧୬।୧୪।୫୮୪॥

ମୁଁ ଧନୀ, ଉଚ୍ଚବଂଶେ ଜନ୍ମ | ଅନ୍ୟ କେ ଅଛି ମୋ ସମାନ ॥
ଆନନ୍ଦ, ଯଜ୍ଞ, ଦାନେ ଦିନ | ବିତିବ ଭାବେ ସେ ଅଜ୍ଞାନ ॥୧୬।୧୫।୫୮୫॥

ମନ ଅତୀବ ବିଭ୍ରମିତ | ମୋହ ଜାଲରେ ଆବଦ୍ଧିତ ॥
ଭୋଗରେ ଅତ୍ୟନ୍ତ ଆସକ୍ତି | ଘୋର ନରକେ ସେ ପଡନ୍ତି ॥୧୬।୧୬।୫୮୬॥

ଅନମ୍ର, ଆତ୍ମ ଅଭିମାନେ | ପ୍ରମତ୍ତ ହୋଇ ଧନମାନେ ॥
ଦମ୍ଭେ ବିଧିକୁ ତ୍ୟାଗ କରି | ନାମକୁ ମାତ୍ର ଯଜ୍ଞ କରି ॥୧୬।୧୭।୫୮୭॥

ବଳ, ଦର୍ପ ଓ କାମ, କ୍ରୋଧ | ଅହଂକାରରେ ହୋଇ ଅନ୍ଧ ॥
ସ୍ୱଦେହେ, ଅନ୍ୟ ଶରୀରରେ | ନିଯୁକ୍ତ ମୋତେ ଘୃଣା କରେ ॥୧୬।୧୮।୫୮୮॥

ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନରାଧମାନ୍ ।
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ॥୧୬।୧୯।୫୮॥

ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।
ମାମପ୍ରାପ୍ୟୈବ କୌନ୍ତେୟ ତତୋ ୟାନ୍ତ୍ୟଧମାଂ ଗତିମ୍ ॥୧୬।୨୦।୫୯୦॥

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥୧୬।୨୧।୫୯୧॥

ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ୟାତି ପରାଂ ଗତିମ୍ ॥୧୬।୨୨।୫୯୨॥

ୟଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।
ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ॥୧୬।୨୩।୫୯୩॥

ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ୟାକାର୍ୟ ବ୍ୟବସ୍ଥିତୌ ।
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ॥୧୬।୨୪।୫୯୪॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀ କୃଷ୍ଣାର୍ଜୁନସଂବାଦେ
ଦୈବାସୁରସମ୍ପଦ୍‌ବିଭାଗଯୋଗୋ ନାମ
ଷୋଡ଼ଶୋଽଧ୍ୟାୟଃ ॥

❑◆❑

ବିଦ୍ୱେଷୀ ପାପାଚାରୀ ଗଣ । କ୍ରୂର-ସ୍ୱଭାବୀ, ନରାଧମ ॥
ସଂସାରେ ଆସୁରୀ ଯୋନିରେ । ନିକ୍ଷେପେ ତାଙ୍କୁ ନିରନ୍ତରେ ॥୧୬।୧୯।୫୮୯॥

ସେ ମୂଢ଼ ଜନ୍ମ ଜନ୍ମାନ୍ତରେ । ଜନମି ଆସୁରୀ ଯୋନିରେ ॥
କଦାପି ମୋତେ ନ ପାଆନ୍ତି । ଲଭନ୍ତି ଅତି ନୀଚଗତି ॥୧୬।୨୦।୫୯୦॥

କାମ ଓ ଲୋଭ ତଥା କ୍ରୋଧ । ନରକ ଦ୍ୱାର ଏ ତ୍ରିବିଧ ॥
ଏ ତ୍ରୟ ଘାତକ ଆତ୍ମାର । ତେଣୁ କରିବ ପରିହାର ॥୧୬।୨୧।୫୯୧॥

ଏ ତିନି ନରକର ଦ୍ୱାର । -ମୁକ୍ତ ହୋଇଣ ଯେଉଁ ନର ॥
ଆତ୍ମ କଲ୍ୟାଣେ ରହେ ରତ । ପରମ ଗତି ହୁଏ ପ୍ରାପ୍ତ ॥୧୬।୨୨।୫୯୨॥

ଯେ ଶାସ୍ତ୍ର ବିଧି ତ୍ୟାଗ କରି । ଆଚରେ ହୋଇ ସ୍ୱେଚ୍ଛାଚାରୀ ॥
ସିଦ୍ଧି,ସୁଖ ବା ଶ୍ରେଷ୍ଠ ଗତି । କଦାପି ହୁଏ ନାହିଁ ପ୍ରାପ୍ତି ॥୧୬।୨୩।୫୯୩॥

କାର୍ଯ୍ୟ ଅକାର୍ଯ୍ୟ ନିର୍ଣ୍ଣୟରେ । ଶାସ୍ତ୍ର ହିଁ ପ୍ରମାଣ ତହିଁରେ ॥
ଶାସ୍ତ୍ର ବିହିତ କର୍ମ ଜାଣି । କରିବା ଉଚିତ, ଫାଲ୍‌ଗୁନି ॥୧୬।୨୪।୫୯୪॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଦୈବାସୁର ସମ୍ପଦ ବିଭାଗ ଯୋଗ' ନାମକ ଷୋଡଶ ଅଧ୍ୟାୟ
ପୂର୍ଣ୍ଣ ହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ସପ୍ତଦଶୋଽଧ୍ୟାୟଃ

ଶ୍ରଦ୍ଧାତ୍ରୟବିଭାଗଯୋଗଃ

ଅର୍ଜୁନ ଉବାଚ

ଯେ ଶାସ୍ତ୍ରବିଧିମୁତ୍‌ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ॥୧୭।୧।୫୯୫॥

ଶ୍ରୀଭଗବାନୁବାଚ

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।
ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥୧୭।୨।୫୯୬॥

ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।
ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ॥୧୭।୩।୫୯୭॥

ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।
ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ॥୧୭।୪।୫୯୮॥

ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।
ଦମ୍ଭାହଙ୍କାରସଂଯୁକ୍ତାଃ କାମରାଗବଲାନ୍ୱିତାଃ ॥୧୭।୫।୫୯୯॥

କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।
ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ॥୧୭।୬।୬୦୦॥

ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।
ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ॥୧୭।୭।୬୦୧॥

ଓଁ ଶ୍ରୀ ପରମାତ୍ମନେ ନମଃ

ସପ୍ତଦଶ ଅଧ୍ୟାୟ

ଶ୍ରଦ୍ଧାତ୍ରୟ ବିଭାଗ ଯୋଗ

ଅର୍ଜୁନ କହିଲେ

ଉପେକ୍ଷି ଶାସ୍ତ୍ରର ବିଧାନ । ଶ୍ରଦ୍ଧାରେ ଯେ କରେ ପୂଜନ ॥
କିପରି ତାଙ୍କ ସ୍ଥିତି କୃଷ୍ଣ । ସତ୍ତ୍ୱ, ରାଜସ ଅବା ତମ ॥୧୭।୧।୫୯୫॥

ଶ୍ରୀ ଭଗବାନ କହିଲେ

ଶ୍ରଦ୍ଧା ଯେ ତିନି ପ୍ରକାରର । ସ୍ୱଭାବ ଜାତ ପ୍ରାଣୀଙ୍କର ॥
ସାତ୍ତ୍ୱିକ, ରାଜସ, ତାମସ । ଏବେ ତା ଶୁଣ ଗୁଡ଼ାକେଶ ॥୧୭।୨।୫୯୬॥

ଶ୍ରଦ୍ଧା ପ୍ରତ୍ୟେକ ମନୁଷ୍ୟର । ସ୍ୱଭାବ ଅନୁରୂପ ତା'ର ॥
ଯାହାର ଶ୍ରଦ୍ଧା ଯେଉଁପରି । ଶ୍ରଦ୍ଧାଯୁକ୍ତ ସେ ସେହିପରି ॥୧୭।୩।୫୯୭॥

ସାତ୍ତ୍ୱିକ ପୂଜନ୍ତି ଦେବଙ୍କୁ । ରାଜସ ଯକ୍ଷ ରାକ୍ଷସଙ୍କୁ ॥
ଯେତେକ ତାମସିକ ଜନ । ପୂଜନ୍ତି ଭୂତ, ପ୍ରେତଗଣ ॥୧୭।୪।୫୯୮॥

ଦମ୍ଭ ଓ ଅହଂକାର ଯୁକ୍ତ । କାମ, ଆସକ୍ତି ବଳାନ୍ୱିତ ॥
ଯେ କରେ ଶାସ୍ତ୍ର ବିଧିହୀନ । ଘୋର ତପକୁ ଆଚରଣ ॥୧୭।୫।୫୯୯॥

ଶରୀରେ ସ୍ଥିତ ପଞ୍ଚଭୂତ । ଅନ୍ତରେ ସ୍ଥିତ ମୋ ସହିତ ॥
ଯାତନା ଦିଏ ସେ ଅଜ୍ଞାନ । ଅସୁର ବୋଲି ତାକୁ ଜାଣ ॥୧୭।୬।୬୦୦॥

ପ୍ରିୟ ଆହାର ସଭିଙ୍କର । ଅଟଇ ତିନି ପ୍ରକାରର ॥
ତ୍ରିବିଧ ଯଜ୍ଞ, ତପ, ଦାନ । ତାହାର ଭେଦଜ୍ଞାନ ଶୁଣ ॥୧୭।୭।୬୦୧॥

ଆୟୁଃସତ୍ତ୍ୱବଲାରୋଗ୍ୟସୁଖପ୍ରୀତିବିବର୍ଦ୍ଧନାଃ ।
ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ॥୧୭।୮।୬୦୨॥

କଟ୍ୱମ୍ଲଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ ।
ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ॥୧୭।୯।୬୦ ୩॥

ୟାତୟାମଂ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ୟତ୍ ।
ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ ॥୧୭।୧୦।୬୦୪।

ଅଫଲାକାଙ୍କ୍ଷିଭିର୍ଯଜ୍ଞୋ ବିଧିଦୃଷ୍ଟୋ ୟ ଇଜ୍ୟତେ ।
ୟଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ॥୧୭।୧୧।୬୦୫।

ଅଭିସନ୍ଧାୟ ତୁ ଫଲଂ ଦମ୍ଭାର୍ଥମପି ଚୈବ ୟତ୍ ।
ଇଜ୍ୟତେ ଭରତଶ୍ରେଷ୍ଠ ତଂ ୟଜ୍ଞଂ ବିଦ୍ଧି ରାଜସମ୍ ॥୧୭।୧୨।୬୦୬।

ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।
ଶ୍ରଦ୍ଧାବିରହିତଂ ୟଜ୍ଞଂ ତାମସଂ ପରିଚକ୍ଷତେ ॥୧୭।୧୩।୬୦୭॥

ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।
ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ ॥୧୭।୧୪।୬୦୮॥

ଅନୁଦ୍‌ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ୟତ୍ ।
ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ॥୧୭।୧୫।୬୦୯।

ମନଃପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।
ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ ॥୧୭।୧୬।୬୧୦॥

ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ ।
ଅଫଲାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷ୍ୟତେ ॥୧୭।୧୭।୬୧୧॥

ନିରୋଗ, ସତ୍ତ୍ୱ, ବଳ, ସୁଖ । ଆୟୁଷ, ପ୍ରୀତି ବିବର୍ଦ୍ଧକ ॥
ସରସ, ସ୍ନିଗ୍ଧ, ପୁଷ୍ଟିକର । ପ୍ରିୟ ସେ ଖାଦ୍ୟ ସାତ୍ତ୍ୱିକର ॥୧୭।୮।୬୦୨॥

ନିରସ, ଖଟା, ପିତା, ଲୁଣ । ରାଗ, ପ୍ରଦାହୀ, ଅତି ଉଷ୍ଣ ॥
ଦୁଃଖ, ବିଷାଦ, ରୋଗକର । ଏ ଖାଦ୍ୟ ପ୍ରିୟ ରାଜସର ॥୧୭।୯।୬୦୩॥

ଅପକ୍ୱ, ବାସି, ରସହୀନ । ଦୁର୍ଗନ୍ଧମୟ ଖାଦ୍ୟମାନ ॥
ଉଚ୍ଛିଷ୍ଟ, ଅଭକ୍ଷ୍ୟ ଆଦର । ସେ ଖାଦ୍ୟ ପ୍ରିୟ ତାମସର ॥୧୭।୧୦।୬୦୪॥

କର୍ତ୍ତବ୍ୟ ଭାବି, ସ୍ଥିର କରି । ଫଳ ଆଶାକୁ ତ୍ୟାଗ କରି ॥
ଶାସ୍ତ୍ର ବିହିତ ଯଜ୍ଞ କଲେ । ସାତ୍ତ୍ୱିକ ଯଜ୍ଞ କହି ତା'ରେ ॥୧୭।୧୧।୬୦୫॥

ଉଦ୍ଦେଶ୍ୟ ରଖିଣା ଫଳରେ । ଯଜ୍ଞ କରେ ଯେ ଦମ୍ଭରେ ॥
ସେପରି ଯଜ୍ଞକୁ ଅର୍ଜୁନ । ରାଜସ ବୋଲି ନିଶ୍ଚେ ଜାଣ ॥୧୭।୧୨।୬୦୬॥

ଯେ ଯଜ୍ଞ ଶାସ୍ତ୍ରବିଧିହୀନ । ଦକ୍ଷିଣା, ଅନ୍ନ, ମନ୍ତ୍ରହୀନ ॥
ଆଦର ଯଦି ଶ୍ରଦ୍ଧାହୀନ । ସେ ଯଜ୍ଞ ତାମସିକ ଜାଣ ॥୧୭।୧୩।୬୦୭॥

ଦେବ, ବ୍ରାହ୍ମଣ , ଗୁରୁ, ଜ୍ଞାନୀ । -ପୂଜା, ଆର୍ଜବ, ଶୌଚ ପୁଣି ॥
ଅହିଂସା, ବ୍ରହ୍ମଚର୍ଯ୍ୟ ବ୍ରତ । ଶାରୀର ତପ ଏ ସମସ୍ତ ॥୧୭।୧୪।୬୦୮॥

ଉଦ୍‌ବେଗ ରହିତ ବଚନ । ସତ୍ୟ, ପ୍ରିୟ ଓ ହିତ ପୁଣ ॥
ଅଭ୍ୟାସ ଶାସ୍ତ୍ରର ପଠନ । ବାଚିକ ତପ ତା'ର ନାମ ॥୧୭।୧୫।୬୦୯॥

ପ୍ରସନ୍ନ ମନ, ଶାନ୍ତ ଭାବ । ମୌନ ଓ ପୁଣି ଶୁଦ୍ଧଭାବ ॥
ମନର ସଂଯମ ଆଦି ହିଁ । ମାନସ ତପ ତାକୁ କହି ॥୧୭।୧୬।୬୧୦॥

ଯେ ଯୋଗୀପୁରୁଷ ଶ୍ରଦ୍ଧାରେ । ତ୍ରିବିଧ ତପକୁ ଆଚରେ ॥
ଫଳରେ ଆଶା ରଖେ ନାହିଁ । ସାତ୍ତ୍ୱିକ ତପ ତାକୁ କହି ॥୧୭।୧୭।୬୧୧॥

ସତ୍‌କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।
କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଲମଧ୍ରୁବମ୍ ॥୧୭।୧୮।୬୧୨॥

ମୂଢ଼ଗ୍ରାହେଣାତ୍ମନୋ ଯତ୍ ପୀଡ଼ୟା କ୍ରିୟତେ ତପଃ ।
ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ॥୧୭।୧୯।୬୧୩।

ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।
ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥୧୭।୨୦।୬୧୪।

ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଲମୁଦ୍ଦିଶ୍ୟ ବା ପୁନଃ ।
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ॥୧୭।୨୧।୬୧୫।

ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।
ଅସତ୍‌କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ॥୧୭।୨୨।୬୧୬॥

ଓଁ ତତ୍‌ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।
ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥୧୭।୨୩।୬୧୭॥

ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।
ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ॥୧୭।୨୪।୬୧୮।

ତଦିତ୍ୟନଭିସନ୍ଧାୟ ଫଲଂ ଯଜ୍ଞତପଃକ୍ରିୟାଃ ।
ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ॥୧୭।୨୫।୬୧୯॥

ସଦ୍‌ଭାବେ ସାଧୁଭାବେ ଚ ସଦିତ୍ୟେତତ୍‌ପ୍ରଯୁଜ୍ୟତେ ।
ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ॥୧୭।୨୬।୬୨୦॥

ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।
କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ॥୧୭।୨୭।୬୨୧॥

ସତ୍‌କାର, ମାନ, ପୂଜା ପାଇଁ । ଦମ୍ଭେ ଯେ ତପ ଆଚରଇ ॥
ତାହା ବିନାଶୀ, କ୍ଷଣସ୍ଥାୟୀ । ରାଜସ ତପ ତାକୁ କହି ॥୧୭।୧୮।୬୧୨॥

ନିଜ ଆତ୍ମାକୁ କଷ୍ଟ ଦେଇ । ଅବା ଅନ୍ୟର ଧ୍ୱଂସ ପାଇଁ ॥
ମୂଢ଼ ଭାବରେ ତପ କଲେ । ତାମସ ତପ କହି ତାରେ ॥୧୭।୧୯।୬୧୩॥

ଉଚିତ କାଳେ, ପାତ୍ରେ, ସ୍ଥାନେ । ପ୍ରତ୍ୟୁପକାର ଶୂନ୍ୟ ମନେ ॥
କର୍ତ୍ତବ୍ୟ ଭାବି କଲେ ଦାନ । କହନ୍ତି ସାତ୍ତ୍ୱିକ ସେ ଦାନ ॥୧୭।୨୦।୬୧୪॥

ପ୍ରତ୍ୟୁପକାର ପାଇବାରେ । ଅଥବା ଫଳ ଉଦ୍ଦେଶ୍ୟରେ ॥
ମନ କଷ୍ଟରେ କଲେ ଦାନ । ସେ ଦାନ ରାଜସିକ ଜାଣ ॥୧୭।୨୧।୬୧୫॥

ଅନୁପଯୁକ୍ତ କାଳ, ସ୍ଥାନେ । ଅପାତ୍ରେ, ସତ୍‌କାର ବିହୀନେ ॥
ଅବଜ୍ଞା ସହ କଲେ ଦାନ । ସେ ଦାନ ତାମସିକ ଜାଣ ॥୧୭।୨୨।୬୧୬॥

ତ୍ରିବିଧ ବ୍ରହ୍ମଙ୍କର ନାମ । ଓଁ,ତତ୍,ସତ୍‌ବୋଲିତାହା ଜାଣ ॥
ବ୍ରହ୍ମରୁ ସୃଷ୍ଟ ହେଲେ ପୂର୍ବେ । ବ୍ରାହ୍ମଣ, ବେଦ, ଯଜ୍ଞ ସର୍ବେ ॥୧୭।୨୩।୬୧୭॥

ତେଣୁ ଓଁକାର ଉଚ୍ଚାରିଣ । ସତତ ବ୍ରହ୍ମବାଦୀଗଣ ॥
କରନ୍ତି ତପ, ଯଜ୍ଞ, ଦାନ । ଯା' ଶାସ୍ତ୍ର ସମ୍ମତ, ଅର୍ଜୁନ ॥୧୭।୨୪।୬୧୮॥

ମୁମୁକ୍ଷୁ, ଫଳ ଇଚ୍ଛାହୀନ । 'ତତ୍'ଶବ୍ଦ କରି ଉଚ୍ଚାରଣ ॥
ଯଜ୍ଞ, ତପସ୍ୟା ପୁଣି ଦାନ । କରନ୍ତି ନାନାବିଧ କର୍ମ ॥୧୭।୨୫।୬୧୯॥

ସତ୍ୟ ଓ ଶ୍ରେଷ୍ଠ ଭାବେ ପାର୍ଥ । 'ସତ୍' ଶବ୍ଦ ହୁଏ ଉଚ୍ଚାରିତ ॥
ଶୁଭ କର୍ମରେ ହେ ଭାରତ । ସତ୍ ଶବ୍ଦ ହୁଅଇ ପ୍ରଯୁକ୍ତ ॥୧୭।୨୬।୬୨୦॥

ଯଜ୍ଞ, ତପ ଓ ଦାନେ ସ୍ଥିତ । ନିଷ୍ଠାକୁ କୁହାଯାଏ ସତ ॥
ପରମେଶ୍ୱର ପାଇଁ କୃତ । କର୍ମକୁ ମଧ୍ୟ କହି ସତ ॥୧୭।୨୭।୬୨୧॥

ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ୟତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍‌ପ୍ରେତ୍ୟ ନୋ ଇହ ॥୧୭।୨୮।୬୨୨॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ଶ୍ରଦ୍ଧାତ୍ରୟବିଭାଗୟୋଗୋ ନାମ
ସପ୍ତଦଶୋଽଧ୍ୟାୟଃ ॥

❑◆❑

ଅସତ ହୋମ, ତପ, ଦାନ । ଯଦି ସେ କୃତ ଶ୍ରଦ୍ଧାହୀନ ॥
ତାହାର ଫଳ ଇହଲୋକେ । ନ ମିଳେ ମଧ୍ୟ ପରଲୋକେ ॥୧୭।୨୮।୬୨୨॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ଶ୍ରଦ୍ଧାତ୍ରୟ ବିଭାଗ ଯୋଗ' ନାମକ ସପ୍ତଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

❑◆❑

ଓଁ ଶ୍ରୀ ପରମାତ୍ମନେ ନମଃ

ଅଥ ଅଷ୍ଟାଦଶୋଽଧ୍ୟାୟଃ

ମୋକ୍ଷସନ୍ନ୍ୟାସଯୋଗଃ

ଅର୍ଜୁନ ଉବାଚ

ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।
ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍‌କେଶିନିଷୂଦନ ॥୧୮।୧।୬୨୩॥

ଶ୍ରୀଭଗବାନୁବାଚ

କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ ।
ସର୍ବକର୍ମଫଲତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ॥୧୮।୨।୬୨୪॥

ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।
ୟଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ ॥୧୮।୩।୬୨୫॥

ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।
ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସଂପ୍ରକୀର୍ତ୍ତିତଃ ॥୧୮।୪।୬୨୬॥

ୟଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ୟମେବ ତତ୍ ।
ୟଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥୧୮।୫।୬୨୭॥

ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଲାନି ଚ ।
କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ॥୧୮।୬।୬୨୮॥

ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ ।
ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ॥୧୮।୭।୬୨୯॥

ଓଁ ଶ୍ରୀ ପରମାତ୍ମନେ ନମଃ

ଅଷ୍ଟାଦଶ ଅଧ୍ୟାୟ

ମୋକ୍ଷସନ୍ନ୍ୟାସ ଯୋଗ

ଅର୍ଜୁନ କହିଲେ

ସନ୍ନ୍ୟାସ ପୁନଶ୍ଚ ତ୍ୟାଗର । ପୃଥକ ଭାବେ ତତ୍ତ୍ୱ ତା'ର ॥
ଜାଣିବା ପାଇଁ ଇଚ୍ଛା ମୋର । ହେଉଛି ଆହେ ଦାମୋଦର ॥୧୮।୧।୬୨୩॥

ଶ୍ରୀ ଭଗବାନ କହିଲେ

କାମ୍ୟକର୍ମର ତ୍ୟାଗକୁ ହିଁ । ସନ୍ନ୍ୟାସ ବୋଲି ଜ୍ଞାନୀ କହି ॥
ସର୍ବକର୍ମର ଫଳତ୍ୟାଗ । ଧୀମନ୍ତ କହେ ତାକୁ ତ୍ୟାଗ ॥୧୮।୨।୬୨୪॥

ସକଳ କର୍ମ ଦୋଷଯୁକ୍ତ । ତେଣୁ ତା ତ୍ୟାଜ୍ୟ, ଜ୍ଞାନୀ ମତ ॥
କିନ୍ତୁ ଯଜ୍ଞ ଓ ତପ, ଦାନ । ତ୍ୟାଗର ଅଯୋଗ୍ୟ ଅର୍ଜୁନ ॥୧୮।୩।୬୨୫॥

ତ୍ୟାଗ ବିଷୟେ ହେ ଅର୍ଜୁନ । ମୋର ଯେ ଦୃଢ଼ମତ ଶୁଣ ॥
ତ୍ୟାଗ ତ୍ରିବିଧ ବୋଲି ଜାଣ । ମମୁକ୍ଷୁ ଚିତ୍ତ କରେ ଶୁଦ୍ଧି ॥୧୮।୪।୬୨୬॥

କର୍ତ୍ତବ୍ୟ ଯଜ୍ଞ, ତପ, ଦାନ । କଦାପି ତ୍ୟାଜ୍ୟ ନୁହେଁ ଜାଣ ॥
ଯଜ୍ଞ, ତପ ଓ ଦାନ ଆଦି । ଜ୍ଞାନୀ ଜନଙ୍କୁ କରେ ଶୁଦ୍ଧି ॥୧୮।୫।୬୨୭॥

ଏହି ସକଳ କର୍ମମାନ । ଆସକ୍ତି, ଫଳାଶା ବର୍ଜିଣ ॥
କରିବା ସର୍ବାଦୌ ଉଚିତ । ନିଶ୍ଚିତ ଏ ମୋ ଶ୍ରେଷ୍ଠ ମତ ॥୧୮।୬।୬୨୮॥

କର୍ତ୍ତବ୍ୟ କର୍ମ ଯେତେ ପାର୍ଥ । ତ୍ୟାଗ କରିବା ଅନୁଚିତ ॥
ମୋହ ବଶରୁ କଲେ ତ୍ୟାଗ । ସେ ହୁଏ ତାମସିକ ତ୍ୟାଗ ॥୧୮।୭।୬୨୯॥

ଦୁଃଖମିତ୍ୟେବ ୟତ୍‌କର୍ମ କାୟକ୍ଲେଶଭୟାତ୍‌ତ୍ୟଜେତ୍ ।
ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଲଂ ଲଭେତ୍ ॥୧୮ ।୮ ।୬୩୦॥

କାର୍ୟମିତ୍ୟେବ ୟତ୍‌କର୍ମ ନିୟତଂ କ୍ରିୟତେଽର୍ଜୁନ ।
ସଙ୍ଗଂ ତ୍ୟକ୍ତ୍ୱା ଫଲଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥୧୮ ।୯ ।୬୩୧॥

ନ ଦ୍ୱେଷ୍ଟ୍ୟକୁଶଲଂ କର୍ମ କୁଶଲେ ନାନୁଷଜ୍ଜତେ ।
ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥୧୮ ।୧୦ ।୬୩୨॥

ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।
ୟସ୍ତୁ କର୍ମ ଫଲତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ॥୧୮ ।୧୧ ।୬୩୩॥

ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଲମ୍ ।
ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସନ୍ନ୍ୟାସିନାଂ କ୍ୱଚିତ୍ ॥୧୮ ।୧୨ ।୬୩୪ ।

ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।
ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ॥୧୮ ।୧୩ ।୬୩୫॥

ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।
ବିବିଧାଶ୍ଚ ପୃଥକ୍‌ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥୧୮ ।୧୪ ।୬୩୬॥
ଶରୀରବାଙ୍‌ମନୋଭିର୍ୟତ୍ କର୍ମ ପ୍ରାରଭତେ ନରଃ ।
ନ୍ୟାୟ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ॥୧୮ ।୧୫ ।୬୩୭॥

ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଲଂ ତୁ ୟଃ ।
ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ॥୧୮ ।୧୬ ।୬୩୮॥

ୟସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ୟସ୍ୟ ନ ଲିପ୍ୟତେ ।
ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ॥୧୮ ।୧୭ ।୬୩୯॥

କର୍ମ ଦୁଃଖଦ ଭାବି ଯେହୁ । ତେଜଇ କାୟକ୍ଲେଶ ଭୟୁ ॥
ସେ ତ୍ୟାଗ ରାଜସ କେବଳ । ନମିଳେ ସେ ତ୍ୟାଗର ଫଳ ॥୧୮ ।୮ ।୬୩୦॥

କର୍ତ୍ତବ୍ୟ ଭାବି ନିତ୍ୟ କର୍ମ । ଯେ କରେ ଫଳାଶା ତେଜିଣ ॥
ପୁଣି ତା ଆସକ୍ତି ରହିତ । ସେ ତ୍ୟାଗ ସାତ୍ତ୍ୱିକ ମୋ ମତ ॥୧୮ ।୯ ।୬୩୧॥

ଯେ ତ୍ୟାଗୀ ସତ୍ତ୍ୱଗୁଣ ଯୁକ୍ତ । ମେଧାବୀ, ସଂଶୟ ରହିତ ॥
ଅପ୍ରିୟ କର୍ମେ ଘୃଣାଶୂନ୍ୟ । ପ୍ରିୟେ ସେ ଆସକ୍ତି ବିହୀନ ॥୧୮ ।୧୦ ।୬୩୨॥

ସମ୍ପୂର୍ଣ୍ଣଭାବେ କର୍ମ ତ୍ୟାଗ । ଦେହୀ ପକ୍ଷରେ ଅସମ୍ଭବ ॥
ଯେ କର୍ମଫଳ ତ୍ୟାଗ କରେ । ତ୍ୟାଗୀ ସେକଥିତ ସଂସାରେ ॥୧୮ ।୧୧ ।୬୩୩ ॥

ଇଷ୍ଟ, ଅନିଷ୍ଟ, ମିଶ୍ରଫଳ । ତ୍ରିବିଧ ଅଟଇ କର୍ମର ॥
ସକାମୀ ଭୋଗେ ମୃତ୍ୟୁ ପରେ । ତ୍ୟାଗୀନ ଭୋଗେ କେବେହେଲେ ॥୧୮ ।୧୨ ।୬୩୪॥

ସକଳ କର୍ମ ସମ୍ପାଦନ । ନିମିତ୍ତ ଯେ ପଞ୍ଚକାରଣ ॥
କର୍ମର ଅନ୍ତେ ସାଂଖ୍ୟେ ଉକ୍ତ । ମୋ ଠାରୁ ଶୁଣ ତା ଭାରତ ॥୧୮ ।୧୩ ।୬୩୫॥

ଇନ୍ଦ୍ରିୟଗଣ, ଅହଂକାର । ବିବିଧ ଚେଷ୍ଟା ଓ ଶରୀର ॥
ସଂସ୍କାର ଯେତେ ପ୍ରାଣୀଙ୍କର । ଏପଞ୍ଚ କାରଣ କର୍ମର ॥୧୮ ।୧୪ ।୬୩୬॥

ଉଚିତ ଅନୁଚିତ କର୍ମ । ନର ଯା'କରେ ଆଚରଣ ॥
ଶରୀର, ବାକ୍ୟ ଦେଇ ମନ । ଏ ପଞ୍ଚ ତାହାର କାରଣ ॥୧୮ ।୧୫ ।୬୩୭॥

ତଥାପି ଆତ୍ମାକୁ କର୍ମର । କର୍ତ୍ତା ଭାବେଯେ ଦେଖେ ନର ॥
ଅଶୁଦ୍ଧ ବୁଦ୍ଧି ହେତୁ ଜାଣ । ଦେଖି ନ ବୁଝେ ସେ ଅଜ୍ଞାନ ॥୧୮ ।୧୬ ।୬୩୮॥

ଅକର୍ତ୍ତା ଭାବେ ଯେହୁ ସ୍ଥିତ । ବୁଦ୍ଧି ଯା ଅଟଇ ନିର୍ଲିପ୍ତ ॥
ପ୍ରାଣୀଙ୍କୁ ମାରି, ମାରେ ନାହିଁ । ବନ୍ଧନେ ମଧ୍ୟ ପଡ଼େ ନାହିଁ ॥୧୮ ।୧୭ ।୬୩୯॥

ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।
କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଂଗ୍ରହଃ ॥୧୮।୧୮।୬୪୦॥

ଜ୍ଞାନଂ କର୍ମ ଚ କର୍ତ୍ତା ଚ ତ୍ରିଧୈବ ବ ଗୁଣଭେଦତଃ ।
ପ୍ରୋଚ୍ୟତେ ଗୁଣସଂଖ୍ୟାନେ ୟଥାବଚ୍ଛୃଣୁ ତାନ୍ୟପି ॥୧୮।୧୯।୬୪୧॥

ସର୍ବଭୂତେଷୁ ୟେନୈକଂ ଭାବମବ୍ୟୟମୀକ୍ଷତେ ।
ଅବିଭକ୍ତଂ ବିଭକ୍ତେଷୁ ତଜ୍‌ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ॥୧୮।୨୦।୬୪୨॥

ପୃଥକ୍‌ତ୍ୱେନ ତୁ ୟଜ୍‌ଜ୍ଞାନଂ ନାନାଭାବାନ୍ ପୃଥଗ୍‌ବିଧାନ୍ ।
ବେତ୍ତି ସର୍ବେଷୁ ଭୂତେଷୁ ତଜ୍‌ଜ୍ଞାନଂ ବିଦ୍ଧି ରାଜସମ୍ ॥୧୮।୨୧।୬୪୩॥

ୟତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ୟେ ସକ୍ତମହୈତୁକମ୍ ।
ଅତତ୍ତ୍ୱାର୍ଥବଦଲ୍ପଂ ଚ ତତ୍ତାମସମୁଦାହୃତମ୍ ॥୧୮।୨୨।୬୪୪॥

ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।
ଅଫଲପ୍ରେପ୍ସୁନା କର୍ମ ୟତ୍ତତ୍ ସାତ୍ତ୍ୱିକମୁଚ୍ୟତେ ॥୧୮।୨୩।୬୪୫॥

ୟତ୍ତୁକାମେପ୍ସୁନା କର୍ମ ସାହଂକାରେଣ ବା ପୁନଃ ।
କ୍ରିୟତେ ବହୁଲାୟାସଂ ତଦ୍ରାଜସମୁଦାହୃତମ୍ ॥୧୮।୨୪।୬୪୬॥
ଅନୁବନ୍ଧଂ କ୍ଷୟଂ ହିଂସାମନବେକ୍ଷ୍ୟ ଚ ପୌରୁଷମ୍ ।
ମୋହାଦାରଭ୍ୟତେ କର୍ମ ୟତ୍ତତ୍ତାମସମୁଚ୍ୟତେ ॥୧୮।୨୫।୬୪୭॥

ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।
ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ॥୧୮।୨୬।୬୪୮॥

ରାଗୀ କର୍ମ ଫଲପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।
ହର୍ଷଶୋକାନ୍ୱିତଃ କର୍ତ୍ତା ରାଜସଃ ପରିକୀର୍ତ୍ତିତଃ ॥୧୮।୨୭।୬୪୯॥

ଜ୍ଞାନ, ଜ୍ଞାତବ୍ୟ, ଜ୍ଞାତା ପୁଣି । ପ୍ରେରଣା କର୍ମର ଏ ତିନି ॥
ଇନ୍ଦ୍ରିୟ, କ୍ରିୟା, କର୍ତ୍ତାଚୟ । ଏ ତିନି କର୍ମର ଆଶ୍ରୟ ॥୧୮।୧୮।୬୪୦॥

ଜ୍ଞାନ, କର୍ମ ଓ କର୍ତ୍ତା ତିନି । ତ୍ରିବିଧ ଗୁଣ ଭେଦେ ପୁଣି ॥
ସଂଖ୍ୟଶାସ୍ତ୍ରରେ ଯା' ବର୍ଣ୍ଣିତ । ମୋ ଠାରୁ ଶୁଣ ଦେଇ ଚିତ୍ତ ॥୧୮।୧୯।୬୪୧॥

ବିଭକ୍ତ ସର୍ବଭୂତେ ସ୍ଥିତ । ଅବ୍ୟୟ, ଏକ, ଅବିଭକ୍ତ ॥
ଯେ ଜ୍ଞାନ ବଳେ ଦେଖେ ଏହା । ସାତ୍ତ୍ୱିକ ଜ୍ଞାନ ଜାଣ ତାହା ॥୧୮।୨୦।୬୪୨॥

ଏକ ସତ୍ତାକୁ ଭିନ୍ନ ଭିନ୍ନ । ରୂପେ ଯେ କରଇ ଦର୍ଶନ ॥
ପ୍ରାଣୀଙ୍କ ଶରୀରେ ବିଭିନ୍ନ । ସେ ଜ୍ଞାନ ରାଜସିକ ଜାଣ ॥୧୮।୨୧।୬୪୩॥

ଏକ ଶରୀରେ ପୂର୍ଣ୍ଣ ତତ୍ତ୍ୱ । ଅକାରଣେ ଯେ ଦେଖେ ସ୍ଥିତ ॥
ଆସକ୍ତି ଯୁକ୍ତ, ଅର୍ଥହୀନ । ତୁଚ୍ଛ ସେ ତାମସିକ ଜ୍ଞାନ ॥୧୮।୨୨।୬୪୪॥

ଫଳାଶାଶୂନ୍ୟ, ଅନାସକ୍ତ । ରାଗ ଦ୍ୱେଷରୁ ହୋଇ ମୁକ୍ତ ॥
କର୍ତ୍ତବ୍ୟ କର୍ମ ଯାହାକୃତ । ସେ କର୍ମ ସାତ୍ତ୍ୱିକ କଥିତ ॥୧୮।୨୩।୬୪୫॥

ଯେ କର୍ମ ଫଳର ଆଶାରେ । ଅଥବା କରେ ଅହଂକାରେ ॥
କରେ ବହୁତ ପରିଶ୍ରମ । ସେ କର୍ମ ରାଜସିକ ଜାଣ ॥୧୮।୨୪।୬୪୬॥

ପରିଣାମ ଓ ହିଂସା, ହାନି । ସାମର୍ଥ୍ୟ ନିଜର ନ ଜାଣି ॥
ଅଜ୍ଞାନ ବଶେ କଲେ କର୍ମ । ସେ କର୍ମ ତାମସିକ ଜାଣ ॥୧୮।୨୫।୬୪୭॥

ଯେହୁ ଉତ୍ସାହୀ , ଅନାସକ୍ତ । ନିରହଂକାରୀ ଧୈର୍ଯ୍ୟବନ୍ତ ॥
ନିର୍ମୋହ ସିଦ୍ଧି - ଅସିଦ୍ଧିରେ । ସାତ୍ତ୍ୱିକ କର୍ତ୍ତା କହିତାରେ ॥୧୮।୨୬।୬୪୮॥

କର୍ମ ଫଳାଶୀ, ଯେ ଆସକ୍ତ । ଲୋଭୀ, ହିଂସ୍ରକ, ଅପବିତ୍ର ॥
ହର୍ଷ ଶୋକରେ ଯୁକ୍ତ ହେଲେ । ରାଜସ କର୍ତ୍ତା କହିତା'ରେ ॥୧୮।୨୭।୬୪୯॥

ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋନୈଷ୍କୃତିକୋଽଲସଃ ।
ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତ୍ତା ତାମସ ଉଚ୍ୟତେ ॥୧୮।୨୮।୬୫୦॥

ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।
ପ୍ରୋଚ୍ୟମାନମଶେଷେଣ ପୃଥକ୍‌ତ୍ୱେନ ଧନଞ୍ଜୟ ॥୧୮।୨୯।୬୫୧॥

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।
ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି ବୁଦ୍ଧିଃ ସା ପାର୍ଥସାତ୍ତ୍ୱିକୀ ॥୧୮।୩୦।୬୫୨॥

ୟୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚାକାର୍ଯ୍ୟମେବ ଚ ।
ଅୟଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ॥୧୮।୩୧।୬୫୩॥

ଅଧର୍ମଂ ଧର୍ମମିତି ୟା ମନ୍ୟତେ ତମସାବୃତା ।
ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ॥୧୮।୩୨।୬୫୪॥

ଧୃତ୍ୟା ୟୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।
ୟୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ ॥୧୮।୩୩।୬୫୫॥

ୟୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।
ପ୍ରସଙ୍ଗେନ ଫଲାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ ॥୧୮।୩୪।୬୫୬॥
ୟୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।
ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ॥୧୮।୩୫।୬୫୭॥

ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ।
ଅଭ୍ୟାସାଦ୍‌ରମତେ ୟତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି ॥୧୮।୩୬।୬୫୮॥

ୟତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।
ତତ୍‌ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ॥୧୮।୩୭।୬୫୯॥

ଅସ୍ଥିର, ଧୂର୍ତ୍ତ, ଅଶିକ୍ଷିତ । ବିଷାଦୀ, ଖଳ ଓ ଉଦ୍ଧତ ॥
ଆଳସୀ, ଦୀର୍ଘସୂତ୍ରୀ ସେହି । -କର୍ତ୍ତାକୁ ତାମସିକ କହି ॥୧୮।୨୮।୬୫୦॥

ବୁଦ୍ଧି ଓ ଧୃତିର ଯେ ଭେଦ । ଗୁଣାନୁସାରେ ସେ ତ୍ରିବିଧ ॥
ପୃଥକ ଭାବେ ମୋ'ଠୁଁ ଶୁଣ । ସମ୍ପୂର୍ଣ୍ଣ ରୂପେ ଅରଜୁନ ॥୧୮।୨୯।୬୫୧॥

ସେ ବୁଦ୍ଧି ସାତ୍ତ୍ୱିକ ଅର୍ଜୁନ । ଯା ଜାଣେ ମୋକ୍ଷ ଓ ବନ୍ଧନ ॥
ପ୍ରବୃତ୍ତି, ନିବୃତ୍ତି, ଅଭୟ । କାର୍ଯ୍ୟ, ଅକାର୍ଯ୍ୟ ତଥା ଭୟ ॥୧୮।୩୦।୬୫୨॥

ଯେ ବୁଦ୍ଧି କାର୍ଯ୍ୟ ଅକାର୍ଯ୍ୟରେ । ଧର୍ମ ଅଧର୍ମ ବିଷୟରେ ॥
ଭ୍ରାନ୍ତ ଧାରଣା ସୃଷ୍ଟି କରେ । ରାଜସୀ ବୁଦ୍ଧି କହି ତା'ରେ ॥୧୮।୩୧।୬୫୩॥

ଯେ ବୁଦ୍ଧି ତମୋଗୁଣାବୃତ । କଦର୍ଥ କରେ ସବୁ ଅର୍ଥ ॥
ଭାବଇ ଅଧର୍ମକୁ ଧର୍ମ । ସେ ବୁଦ୍ଧି ତାମସୀ ଅର୍ଜୁନ ॥୧୮।୩୨।୬୫୪॥

ଇନ୍ଦ୍ରିୟ, ମନ, ପ୍ରାଣ କର୍ମ । ଯେ ଧୃତି କରଇ ସଂଯମ ॥
ଅଚଳ ଏକାଗ୍ରତା ଯୁକ୍ତ । ସାତ୍ତ୍ୱିକୀ ସେହି ଧୃତି ପାର୍ଥ ॥୧୮।୩୩।୬୫୫॥

ଯେ ଧୃତିଦ୍ୱାରା ଧର୍ମ, ଅର୍ଥ । କାମରେ ଅତ୍ୟନ୍ତ ଆସକ୍ତ ॥
ରହିଣ ହୁଅଇ ଫଳାଶୀ । ଜାଣିବ ସେ ଧୃତି ରାଜସୀ ॥୧୮।୩୪।୬୫୬॥

ଯେ ଧୃତି ବଳେ ଅବିବେକ । ନ ତେଜେ, ନିଦ୍ରା, ଭୟ, ଶୋକ ॥
ବିଷାଦ ଆଉ ଗର୍ବମାନ । ତାମସୀ ଧୃତି ସେ ଅର୍ଜୁନ ॥୧୮।୩୫।୬୫୭॥

ତ୍ରିବିଧ ସୁଖ ବର୍ତ୍ତମାନ । ମୋ ଠାରୁ ଶୁଣ ହେ ଅର୍ଜୁନ ॥
ଅଭ୍ୟାସ ବଳେ ଯେଉଁ ସୁଖ । ମିଳେ, ତା' ଅନ୍ତ କରେ ଦୁଃଖ ॥୧୮।୩୬।୬୫୮॥

ପ୍ରଥମେ ଯାହା ବିଷବତ । ପରିଣାମରେ ତା' ଅମୃତ ॥
ଏପରି ଆତ୍ମବୁଦ୍ଧି ଜାତ । ସେ ସୁଖ ସାତ୍ତ୍ୱିକ ବିଦିତ ॥୧୮।୩୭।୬୫୯॥

ବିଷୟେନ୍ଦ୍ରିୟସଂଯୋଗାଦ୍‌ଯତ୍ତଦଗ୍ରେଽମୃତୋପମମ୍ ।
ପରିଣାମେ ବିଷମିବ ତତ୍‌ସୁଖଂ ରାଜସଂ ସ୍ମୃତମ୍ ॥୧୮।୩୮।୬୬୦॥

ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।
ନିଦ୍ରାଲସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ॥୧୮।୩୯।୬୬୧॥

ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।
ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ॥୧୮।୪୦।୬୬୨॥

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥୧୮।୪୧।୬୬୩॥

ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ॥୧୮।୪୨।୬୬୪॥

ଶୌର୍ଯଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।
ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥୧୮।୪୩।୬୬୫॥

କୃଷି ଗୌରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।
ପରିଚର୍ଯାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ॥୧୮।୪୪।୬୬୬॥

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।
ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ ॥୧୮।୪୫।୬୬୭॥

ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।
ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ॥୧୮।୪୬।୬୬୮॥

ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥୧୮।୪୭।୬୬୯॥

ବିଷୟ ଇନ୍ଦ୍ରିୟ ସଂଯୋଗେ । ଆଗେ ଅମୃତ ପରି ଲାଗେ ॥
ପରିଣାମରେ ଲାଗେ ବିଷ । ସେ ସୁଖ ଅଟଇ ରାଜସ ॥୧୮।୩୮।୬୬୦॥

ଯେ ସୁଖ ଆଦ୍ୟୁ ଶେଷଯାଏ । ଆତ୍ମାକୁ ମୋହେ ରଖିଥାଏ ॥
ପ୍ରମାଦ, ନିଦ୍ରା ଓ ଆଳସ୍ୟ । ଜନ୍ମିତ ସୁଖ ସେ ତାମସ ॥୧୮।୩୯।୬୬୧॥

ସ୍ୱର୍ଗେ ଦେବତା, ମର୍ତ୍ତ୍ୟେ ପ୍ରାଣୀ । ଏପରି ନାହିଁ କେ ଫାଲ୍‌ଗୁନି ॥
ପ୍ରକୃତି ଜାତ ଏ ତ୍ରିଗୁଣ । ପ୍ରଭାବୁ ମୁକ୍ତ ଯେ ସମ୍ପୂର୍ଣ୍ଣ ॥୧୮।୪୦।୬୬୨॥

କ୍ଷତ୍ରିୟ ବୈଶ୍ୟ ଓ ବ୍ରାହ୍ମଣ । ଶୂଦ୍ରଗଣଙ୍କ କର୍ମମାନ ॥
ବିଭକ୍ତ ବିଭିନ୍ନ ପ୍ରକାରେ । ସ୍ୱଭାବ ଗୁଣ ଅନୁସାରେ ॥୧୮।୪୧।୬୬୩॥

ତପସ୍ୟା, ଶୁଚି, ଶମ, ଦମ । କ୍ଷମା, ଆର୍ଜବ ପୁଣି ଜ୍ଞାନ ॥
ଈଶ୍ୱର ବିଶ୍ୱାସ, ବିଜ୍ଞାନ । ବ୍ରାହ୍ମଣ ସ୍ୱାଭାବିକ କର୍ମ ॥୧୮।୪୨।୬୬୪॥

ଶୌର୍ଯ୍ୟ, ଦକ୍ଷତା, ତେଜ, ଧୃତି । ଯୁଦ୍ଧୁଁ ନ ପଳାଇବା ନୀତି ॥
ଶାସକ ଭାବ ପୁଣି ଦାନ । କ୍ଷତ୍ରିୟ ସ୍ୱାଭାବିକ କର୍ମ ॥୧୮।୪୩।୬୬୫॥

ବାଣିଜ୍ୟ, କୃଷି, ଗୋପାଳନ । ବୈଶ୍ୟର ସ୍ୱାଭାବିକ କର୍ମ ॥
ଶୂଦ୍ରର ସ୍ୱାଭାବିକ କର୍ମ । ଅନ୍ୟର ଯେତେ ସେବା କର୍ମ ॥୧୮।୪୪।୬୬୬॥

ସ୍ୱକର୍ମେ ନର ରହି ରତ । ପରମ ସିଦ୍ଧି ହୁଏ ପ୍ରାପ୍ତ ॥
ସ୍ୱକର୍ମେ ରତ ରହି ଜନ । କିପରି ସିଦ୍ଧି ପାଏ ଶୁଣ ॥୧୮।୪୫।୬୬୭॥

ଯାଠାରୁ ସର୍ବ ପ୍ରାଣୀ ଜାତ । ଯା'ଦ୍ୱାରା ସର୍ବ ପରିବ୍ୟାପ୍ତ ॥
ସ୍ୱକର୍ମେ ତାହାଙ୍କୁ ପୂଜିଣ । ସିଦ୍ଧିକୁ ଲାଭ କରେ ଜନ ॥୧୮।୪୬।୬୬୮॥

ହେଲେ ହେଁ ଭଲ ପରଧର୍ମ । ଶ୍ରେୟ, ନିକୃଷ୍ଟ ନିଜ ଧର୍ମ ॥
ନିଜ ସ୍ୱଭାବ କର୍ମ କଲେ । ପାପନ ଲାଗେ କେବେହେଲେ ॥୧୮।୪୭।୬୬୯॥

ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।
ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ॥୧୮।୪୮।୬୭୦॥

ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।
ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସନ୍ନ୍ୟାସେନାଧିଗଚ୍ଛତି ॥୧୮।୪୯।୬୭୧॥

ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ ।
ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ॥୧୮।୫୦।୬୭୨॥

ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।
ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ।୧୮।୫୧।୬୭୩।

ବିବିକ୍ତସେବୀ ଲଘ୍ୱାଶୀ ୟତବାକ୍‌କାୟମାନସଃ ।
ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ॥୧୮।୫୨।୬୭୪॥

ଅହଙ୍କାରଂ ବଲଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।
ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଲ୍ପତେ ॥୧୮।୫୩।୬୭୫॥

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି ।
ସମଃ ସର୍ବେଷୁ ଭୂତେଷୁ ମଦ୍‌ଭକ୍ତିଂ ଲଭତେ ପରାମ୍ ॥୧୮।୫୪।୬୭୬॥

ଭକ୍ତ୍ୟା ମାମଭିଜାନାତି ୟାବାନ୍‌ୟଶ୍ଚାସ୍ମି ତତ୍ତ୍ୱତଃ ।
ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ।୧୮।୫୫।୬୭୭।

ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।
ମତ୍‌ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ॥୧୮।୫୬।୬୭୮॥

ଚେତସା ସର୍ବକର୍ମାଣି ମୟି ସନ୍ନ୍ୟସ୍ୟ ମତ୍‌ପରଃ ।
ବୁଦ୍ଧିୟୋଗମୁପାଶ୍ରିତ୍ୟ ମଚ୍ଚିତଃ ସତତଂ ଭବ ॥୧୮।୫୭।୬୭୯॥

ସଦୋଷ ହେଲେ ହେଁ ଅର୍ଜୁନ । ନ ତେଜ ସ୍ୱଭାବଜ କର୍ମ ॥
ସକଳ କର୍ମ ଦୋଷଯୁକ୍ତ । ଅନଳ ଯଥା ଧୂମାବୃତ ॥୧୮।୪୮।୬୭୦॥

ସର୍ବତ୍ର ବୁଦ୍ଧି ଅନାସକ୍ତ । ଜିତାତ୍ମା, ଯେ ସ୍ପୃହାରହିତ ॥
ମନୁଷ୍ୟ ସେହି ସାଂଖ୍ୟ ଯୋଗେ । ଶ୍ରେଷ୍ଠ ନୈଷ୍କର୍ମ୍ୟ ସିଦ୍ଧି ଲଭେ ॥୧୮।୪୯।୬୭୧॥

ନୈଷ୍କର୍ମ୍ୟ ସିଦ୍ଧି ପ୍ରାପ୍ତ ଜନ । ଯେପରି ଲଭେ ସେହି ବ୍ରହ୍ମ ॥
ମୋଠାରୁ ସଂକ୍ଷେପରେ ଶୁଣ । ଜ୍ଞାନ ଯୋଗର ଯା ପରମ ॥୧୮।୫୦।୬୭୨॥

ହୋଇ ବିଶୁଦ୍ଧ ବୁଦ୍ଧିଯୁକ୍ତ । ଆତ୍ମାକୁ କରି ବଶୀଭୂତ ॥
ବର୍ଜିଣ ବିଷୟ ଶବ୍ଦାଦି । ବିସର୍ଜି ରାଗ ଦ୍ୱେଷ ଆଦି ॥୧୮।୫୧।୬୭୩॥

ଶରୀର, ବାକ୍ୟ, ମନ କରି । ସଂଯତ ଆଉ ମିତାହାରୀ ॥
ଏକାନ୍ତ ବାସୀ, ଧ୍ୟାନଯୁକ୍ତ । ରହେ ଯେ ବୈରାଗ୍ୟ ଆଶ୍ରିତ ॥୧୮।୫୨।୬୭୪॥

ବିସର୍ଜି, କାମ, କ୍ରୋଧ, ବଳ । ସଂଗ୍ରହ, ଗର୍ବ, ଅହଂକାର ॥
ହେଲେ ସେ ନିର୍ମମ ଓ ଶାନ୍ତ । ବ୍ରହ୍ମ ପଦକୁ ଉପଯୁକ୍ତ ॥୧୮।୫୩।୬୭୫॥

ପ୍ରସନ୍ନମନା ବ୍ରହ୍ମେ ସ୍ଥିତ । ଶୋକ, ଆକାଂକ୍ଷା ବିବର୍ଜିତ ॥
ସର୍ବ ଭୂତରେ ସମଭାବ । ମୋ ପରାଭକ୍ତି କରେ ଲାଭ ॥୧୮।୫୪।୬୭୬॥

ମୁଁ କ'ଣ, କିପରି ତତ୍ତ୍ୱରେ । ଜାଣି ଯେ ମୋତେ ଭକ୍ତିବଳେ ॥
ତତ୍ପଣେ ପଶେ ମୋ ଶରୀର । ଭକ୍ତିରେ ଜାଣି ତତ୍ତ୍ୱ ମୋର ॥୧୮।୫୫।୬୭୭॥

ଥିଲେ ହେଁ ସଦା କର୍ମେ ରତ । ଯେ ଅଟେ ମୋହର ଆଶ୍ରିତ ॥
ମୋର କୃପାରୁ ସେ ଶାଶ୍ୱତ । ଅବ୍ୟୟ ପଦ ହୁଏ ପ୍ରାପ୍ତ ॥୧୮।୫୬।୬୭୮॥

ମୋତେ ଆଶ୍ରି, ତୋ ମନସ୍ତରେ । ସକଳ କର୍ମ ଅର୍ପି ମୋରେ ॥
ବୁଦ୍ଧିଯୋଗକୁ ଆଶ୍ରା କରି । ସର୍ବଦା ରହ ମୋତେ ସ୍ମରି ॥୧୮।୫୭।୬୭୯॥

ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍‌ପ୍ରସାଦାତ୍ତରିଷ୍ୟସି ।
ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ॥୧୮।୫୮।୬୮୦॥

ୟଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।
ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ॥୧୮।୫୯।୬୮୧॥

ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।
କର୍ତ୍ତୁଂ ନେଚ୍ଛସି ୟନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍ ॥୧୮।୬୦।୬୮୨॥

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ୟନ୍ତ୍ରାରୂଢ଼ାନି ମାୟୟା ॥୧୮।୬୧।୬୮୩॥

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ॥୧୮।୬୨।୬୮୪॥

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍‌ଗୁହ୍ୟତରଂ ମୟା ।
ବିମୃଶ୍ୟୈତଦଶେଷେଣ ୟଥେଚ୍ଛସି ତଥା କୁରୁ ॥୧୮।୬୩।୬୮୫॥

ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।
ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତମ୍ ॥୧୮।୬୪।୬୮୬॥

ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥୧୮।୬୫।୬୮୭॥

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥୧୮।୬୬।୬୮୮॥

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।
ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ୟୋଽଭ୍ୟସୂୟତି ॥୧୮।୬୭।୬୮୯॥

ମୋତେ ସ୍ମରିଣ ମୋ ପ୍ରସାଦୁ । ତରିବ ସକଳ ବିପଦୁ ॥
ଗର୍ବରେ ଯଦି ମୋ ବଚନ । ନ ଶୁଣୁ, ହେବ ତୋ ପତନ ॥୧୮।୫୮।୬୮୦॥

ଅହଂକାରରୁ ଯଦି ଭାବ । ଏ ଯୁଦ୍ଧ ତୁମ୍ଭେ ନ କରିବ ॥
ମିଥ୍ୟା ସଂକଳ୍ପ ଏହା ତବ । ତୁମ୍ଭ ପ୍ରକୃତି କରାଇବ ॥୧୮।୫୯।୬୮୧॥

ମୋହ ବଶୁ ଯେ କର୍ମମାନ । କରିବା ପାଇଁ ନୋହେ ମନ ॥
କୃତ କର୍ମର ବନ୍ଧନରେ । ସେ କର୍ମ କରିବ ବାଧରେ ॥୧୮।୬୦।୬୮୨॥

ପ୍ରାଣୀଙ୍କ ହୃଦେ ରହି ସ୍ଥିତ । ଏ ସର୍ବ ପ୍ରାଣୀଙ୍କୁ, ଭାରତ ॥
ଈଶ୍ୱର କରନ୍ତି ଚାଳିତ । ମାୟାରେ, ଯନ୍ତ୍ରାରୂଢ଼ ବତ ॥୧୮।୬୧।୬୮୩॥

ସର୍ବତୋଭାବେ ଧନଞ୍ଜୟ । ତାଙ୍କ ଶରଣାଗତ ହୁଅ ॥
ତାଙ୍କ କୃପାରୁ ଶ୍ରେଷ୍ଠ ଶାନ୍ତି । ଶାଶ୍ୱତପଦ କର ପ୍ରାପ୍ତି ॥୧୮।୬୨।୬୮୪॥

ଗୁଢ଼ରୁ ଗୁଢ଼ତର ଜ୍ଞାନ । ତୁମ୍ଭଙ୍କୁ ଦେଲି ଅରଜୁନ ॥
ଭଲ ଭାବରେ ଚିନ୍ତା କରି । ଯା' ଇଚ୍ଛା ତାହା ଯାଅ କରି ॥୧୮।୬୩।୬୮୫॥

ଗୁଢ଼ତରରୁ ଗୁଢ଼ତମ । ବଚନ ମୋର ପୁଣି ଶୁଣ ॥
ଯେଣୁ ତୁ ମୋର ଅତିପ୍ରିୟ । ତୋ ହିତେ କହେ ଧନଞ୍ଜୟ ॥୧୮।୬୪।୬୮୬॥

ପ୍ରଣମି ଆଉ ମୋତେ ଭଜି । ହୁଅ ମୋ ଭକ୍ତ ମୋତେ ପୂଜି ॥
କରେ ପ୍ରତିଜ୍ଞା, ତୁ ମୋ ପ୍ରିୟ । ମୋ ପାଶେ ଆସିବୁ ନିଶ୍ଚୟ ॥୧୮।୬୫।୬୮୭॥

ସମର୍ପି ମୋତେ ସର୍ବକର୍ମ । କେବଳ ପଶ ମୋ ଶରଣ ॥
ତୁମ୍ଭଙ୍କୁ ସର୍ବପାପୁଁ ମୁକ୍ତ । କରିବି, ନ ହୁଅ ଚିନ୍ତିତ ॥୧୮।୬୬।୬୮୮॥

ଯେ ମୋ ବାକ୍ୟରେ ଶ୍ରଦ୍ଧାହୀନ । ନିର୍ଯୁକ୍ତ, ଭକ୍ତି-ତପୋହୀନ ॥
ଏପରି ଜନେ ମୋ ବଚନ । କହିବ ନାହିଁ କଦାଚନ ॥୧୮।୬୭।୬୮୯॥

ଯ ଇଦଂ ପରମଂ ଗୁହ୍ୟଂ ମଦ୍‌ଭକ୍ତେଷ୍ୱଭିଧାସ୍ୟତି ।
ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ॥୧୮।୬୮।୬୯୦॥

ନ ଚ ତସ୍ମାନ୍‌ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।
ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥୧୮।୬୯।୬୯୧॥

ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ୟଂ ସମ୍ବାଦମାବୟୋଃ ।
ଜ୍ଞାନୟଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ॥୧୮।୭୦।୬୯୨॥

ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ଯୋ ନରଃ ।
ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍ ପ୍ରାପ୍ନୁୟାତ୍‌ପୁଣ୍ୟକର୍ମଣାମ୍ ॥୧୮।୭୧।୬୯୩॥

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।
କଚ୍ଚିଦଜ୍ଞାନସଂମୋହଃ ପ୍ରନଷ୍ଟସ୍ତେ ଧନଞ୍ଜୟ ॥୧୮।୭୨।୬୯୪॥

ଅର୍ଜୁନ ଉବାଚ

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ ।
ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ॥୧୮।୭୩।୬୯୫॥

ସଞ୍ଜୟ ଉବାଚ

ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ ।
ସଂବାଦମିମମଶ୍ରୌଷମଦ୍ଭୁତଂ ରୋମହର୍ଷଣମ୍ ॥୧୮।୭୪।୬୯୬॥

ବ୍ୟାସପ୍ରସାଦାଚ୍ଛ୍ରୁତବାନେତଦ୍‌ଗୁହ୍ୟମହଂ ପରମ୍ ।
ଯୋଗଂ ଯୋଗେଶ୍ୱରାତ୍‌କୃଷ୍ଣାତ୍‌ସାକ୍ଷାତ୍‌କଥୟତଃ ସ୍ୱୟମ୍ ॥୧୮।୭୫।୬୯୭॥

ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ ସମ୍ବାଦମିମମଦ୍ଭୁତମ୍ ।
କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ॥୧୮।୭୬।୬୯୮॥

ପରମ ଗୁଢ଼ ଏ ତତ୍ତ୍ୱକୁ । କହିବ ଯେ ମୋର ଭକ୍ତଙ୍କୁ ॥
ମୋ ପ୍ରତି କରି ପରାଭକ୍ତି । ନିଶ୍ଚୟେ ମୋତେ ହେବ ପ୍ରାପ୍ତି ॥୧୮।୬୮।୬୯୦॥

ମନୁଷ୍ୟେ ମୋର ପ୍ରିୟକାରୀ । ତା ସମ କେହି ନୁହେଁ ସରି ॥
ତାଠାରୁ ପ୍ରିୟତର କେବେ । ଅନ୍ୟ କେ ନ ହେବ ଏ ଭବେ ॥୧୮।୬୯।୬୯୧॥

ଏ ଧର୍ମ ସଂବାଦ ଆମ୍ଭର । ପଠନ କରିବ ଯେ ନର ॥
ସେ ଜ୍ଞାନ ଯଜ୍ଞରେ ପୂଜିତ । ହେବି ମୁଁ, ଏହା ମୋର ମତ ॥୧୮।୭୦।୬୯୨॥

ଶ୍ରଦ୍ଧାଯୁକ୍ତ ଯେ ଈର୍ଷାହୀନ । କରିବ କେବଳ ଶ୍ରବଣ ॥
ପୁଣ୍ୟକର୍ମୀଙ୍କ ଲୋକ ପ୍ରାପ୍ତ । ହେବ, ସେ ହୋଇ ପାପମୁକ୍ତ ॥୧୮।୭୧।୬୯୩॥

ଏକାଗ୍ର ଚିତ୍ତ ହୋଇ ପାର୍ଥ । ଶୁଣିଲ କି ନା ଏହି ତତ୍ତ୍ୱ ॥
ଅଜ୍ଞାନ ଜାତ ତବ ମୋହ । ହେଲାଟି ନଷ୍ଟ ଧନଞ୍ଜୟ ॥୧୮।୭୨।୬୯୪॥

ଅର୍ଜୁନ କହିଲେ

ନଷ୍ଟ ମୋହ ମୋ' ସ୍ମୃତି ପ୍ରାପ୍ତ । ତୁମ୍ଭରି କୃପାରୁ ଅଚ୍ୟୁତ ॥
ସନ୍ଦେହ ମୁକ୍ତ, ସ୍ଥିର ମୁହିଁ । ତୁମ୍ଭରି କଥା ମାନିବି ହିଁ ॥୧୮।୭୩।୬୯୫॥

ସଞ୍ଜୟ କହିଲେ

ମହାତ୍ମା ବାସୁଦେବ, ପାର୍ଥ । ଦୁହିଁଙ୍କ ସଂବାଦ ଅଦ୍‌ଭୁତ ॥
ରୋମହର୍ଷକ ହେ ରାଜନ । ଏପରି କଲି ମୁଁ ଶ୍ରବଣ ॥୧୮।୭୪।୬୯୬॥

ପରମ ଗୁପ୍ତ ଯୋଗ ତତ୍ତ୍ୱ । ବ୍ୟାସଙ୍କ କୃପାରୁ ମୁହିଁ ତ ॥
ସାକ୍ଷାତ ଯୋଗେଶ୍ୱର କୃଷ୍ଣ । ଶ୍ରୀମୁଖୁ କରିଲି ଶ୍ରବଣ ॥୧୮।୭୫।୬୯୭॥

ଅଦ୍ଭୁତ ଏହି ପୁଣ୍ୟପ୍ରଦ । କେଶବ ଅର୍ଜୁନ ସଂବାଦ ॥
ସ୍ମରଣ କରି ବାରମ୍ବାର । ହର୍ଷିତ ହୁଏ ମନ ମୋର ॥୧୮।୭୬।୬୯୮॥

ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍‌ଭୁତଂ ହରେଃ ।
ବିସ୍ମୟୋ ମେ ମହାନ୍‌ରାଜନ୍‌ହୃଷ୍ୟାମି ଚ ପୁନଃ ପୁନଃ ॥୧୮।୭୭।୬୯୩॥

ୟତ୍ର ୟୋଗେଶ୍ୱରଃ କୃଷ୍ଣୋ ୟତ୍ର ପାର୍ଥୋ ଧନୁର୍ଦ୍ଧରଃ ।
ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ॥୧୮।୭୮।୭୦୦॥

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ
ମୋକ୍ଷସନ୍ନ୍ୟାସୟୋଗୋ ନାମ
ଅଷ୍ଟାଦଶୋଽଧ୍ୟାୟଃ ॥

ସ୍ମରଣ କରି ବାରମ୍ବାର । ରୂପ ଅଦ୍‌ଭୁତ ହରିଙ୍କର ॥
ମହା ବିସ୍ମୟେ ହେ ରାଜନ । ହର୍ଷିତ ହୁଏ ପୁନଃ ପୁନଃ ॥୧୮।୭୭।୬୯୩॥

ଯହିଁ ଶ୍ରୀକୃଷ୍ଣ ଯୋଗେଶ୍ୱର । ଯହିଁ ସେ ପାର୍ଥ ଧନୁର୍ଦ୍ଧର ॥
ତହିଁ ଶ୍ରୀ , ବିଜୟ, ବିଭୂତି । ଅଛି ମୋ ମତେ,ଦୃଢ଼ନୀତି ॥୧୮।୭୮।୭୦୦॥

'ଓଁ, ତତ୍, ସତ୍' ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ
ଶ୍ରୀମଦ୍ ଭଗବଦ୍‌ଗୀତା ଉପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ
'ମୋକ୍ଷ ସନ୍ନ୍ୟାସ ଯୋଗ' ନାମକ ଅଷ୍ଟାଦଶ ଅଧ୍ୟାୟ
ପୂର୍ଣ୍ଣହେଲା ॥

ଅଥ ଗୀତାମାହାତ୍ମ୍ୟମ୍

ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ରସଂଗ୍ରହୈଃ ।
ୟା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍‌ବିନିଃସୃତା ॥ ।୧।

ସର୍ବଶାସ୍ତ୍ରମୟୀ ଗୀତା ସର୍ବଦେବମୟୋ ହରିଃ ।
ସର୍ବତୀର୍ଥମୟୀ ଗଙ୍ଗା ସର୍ବବେଦମୟୋ ମନୁଃ ॥ ।୨।

ଗୀତା ଗଙ୍ଗା ଚ ଗାୟତ୍ରୀ ଗୋବିନ୍ଦେତି ହୃଦି ସ୍ଥିତେ ।
ଚତୁର୍ଗକାର ସଂଯୁକ୍ତେ ପୁନର୍ଜନ୍ମ ନ ବିଦ୍ୟତେ ॥ ।୩।

ଭାରତାମୃତସର୍ବସ୍ୱଗୀତାୟା ମଥିତସ୍ୟ ଚ ।
ସାରମୁଦ୍ଧୃତ୍ୟ କୃଷ୍ଣେନ ଅର୍ଜୁନସ୍ୟ ମୁଖେ ହୁତମ୍ ॥ ।୪।

ଓଁ ଇତି ଶ୍ରୀ ମହାଭାରତେ ଭୀଷ୍ମପର୍ବାଣି ତ୍ରିଚତ୍ୱାରିଂଶଦ୍ ଅଧ୍ୟାୟେ ବର୍ଣ୍ଣିତଂ
ଗୀତାମାହାତ୍ମ୍ୟଂ ସମ୍ପୂର୍ଣ୍ଣମ୍ ॥

ସଂକ୍ଷିପ୍ତ ଗୀତା ମହାତ୍ମ୍ୟ

ଗୀତା ହିଁ ସ୍ୱର୍ଗୀୟ ସଂଗୀତ । କୃଷ୍ଣ ଶ୍ରୀମୁଖୁଁ ଯା ନିଃସୃତ ॥
ସାଦରେ କରିବ ଗାୟନ । ଅନ୍ୟ ଶାସ୍ତ୍ରେ କି ପ୍ରୟୋଜନ ॥ ।୧।

ସକଳ ଶାସ୍ତ୍ରେ ଗୀତା ସାର । ହରି ହିଁ ସାର ଦେବଙ୍କର ॥
ସକଳ ତୀର୍ଥେ ଗଙ୍ଗା ଶ୍ରେୟ । ମନୁ ସକଳ ବେଦମୟ ॥ ।୨।

ଗୀତା ଗାୟତ୍ରୀ ଗଙ୍ଗା ପୁଣ । ଗୋବିନ୍ଦ ହୃଦେ ନେଲେ ସ୍ଥାନ॥
ଚତୁର୍ଗକାରେ ହେଲେ ଯୁକ୍ତ । ପୁନର୍ଜନ୍ମର ହୁଏ ଅନ୍ତ ॥ ।୩।

ମହାଭାରତ ସାରାମୃତ । କୃଷ୍ଣଙ୍କ ଦ୍ୱାରା ଯା ଉଦ୍ଧୃତ ॥
ଗୀତା ଶାସ୍ତ୍ରରେ ତା କଥିତ । ଅର୍ଜୁନ ଶୁଣି ମୋହମୁକ୍ତ ॥ ।୪।

ପରିଭାଷା

ଅକ୍ଳେଦ୍ୟ - ଯାହା ଓଦାହୁଏ ନାହିଁ ।
ଅଚ୍ୟୁତ - ଶ୍ରୀକୃଷ୍ଣ ।
ଅଜ - ଜନ୍ମରହିତ ।
ଅଧିଦୈବ - ମନୁଷ୍ୟର ଇଷ୍ଟଦେବତା ।
ଅଧିଭୂତ - ଉତ୍ପତ୍ତି-ବିନାଶଶୀଳ ସବୁ ପଦାର୍ଥ ।
ଅଧିଯଜ୍ଞ - ଯଜ୍ଞର ଅଧିଷ୍ଠାତା ।
ଅଧ୍ୟାତ୍ମ - ସ୍ୱଭାବ ।
ଅନନ୍ତବିଜୟ - ଯୁଧିଷ୍ଠିରଙ୍କ ଶଙ୍ଖର ନାମ ।
ଅନାଦି - ଈଶ୍ୱର, ଆଦିହୀନ ।
ଅନିକେତ - ଗୃହହୀନ ।
ଅନୀଶ୍ୱର - ଈଶ୍ୱର ନଥିବା ।
ଅନୁମୋଦକ - ଅନୁମତି ପ୍ରଦାନକାରୀ ।
ଅପରା - ଜଡ ପ୍ରକୃତି ।
ଅପ୍ରମେୟ - ଯାହାକୁ ମାପି ହେବ ନାହିଁ, ଅସୀମ ।
ଅପାନ - ଅଧୋବାୟୁ ।
ଅବ୍ୟକ୍ତ - ଅପ୍ରକାଶିତ ।
ଅବ୍ୟଭିଚାରୀ - ସ୍ଥିର, ଅଟଳ ।
ଅବ୍ୟୟ - ଅବିନାଶୀ ।
ଅଯୁକ୍ତ - ଯେ ମନ ଓ ଇନ୍ଦ୍ରିୟମାନଙ୍କୁ ଜୟ କରିନାହିଁ ।
ଅର୍ଯ୍ୟମା - ଅର୍ଯ୍ୟମାନାମକ ପିତୃ ।
ଅଶ୍ୱିନୀକୁମାର - ଦେବ ବୈଦ୍ୟ ।
ଅଶୋଷ୍ୟ - ଯାହା ଶୁଖେ ନାହିଁ ।
ଅସଙ୍ଗ ଶସ୍ତ୍ର - ବୈରାଗ୍ୟରୂପକ ଶସ୍ତ୍ର ।
ଅସିତ - ଅସିତ ଋଷି ।
ଅକ୍ଷର - ଚିରସ୍ଥାୟୀ ।

ଆତ୍ମବୁଦ୍ଧି - ପରମାତ୍ମବିଷୟକ ବୁଦ୍ଧି ।
ଆତ୍ମଯୁକ୍ତ - ଆତ୍ମଜ୍ଞାନରେ ଯୁକ୍ତରହିବା ।
ଆଦିତ୍ୟଗଣ - ଅଦିତିଙ୍କ ବାରଜଣ ପୁତ୍ର ।
ଆର୍ଜବ - ସରଳତା ।

ଉଗ୍ରକର୍ମୀ - ଯେ ହିଂସାଜନକ କାର୍ଯ୍ୟ କରେ।
ଉତ୍ତମଲୋକ - ମୃତ୍ୟୁଲୋକର ଉପରକୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ଯେତେଲୋକ ।
ଉଦାସୀନ - ପକ୍ଷପାତ ରହିତ ।
ଉନ୍ମେଷ - ଅକ୍ଷଖୋଲା, ଚକ୍ଷୁଖୋଲିବା ।

କର୍ତ୍ତବ୍ୟକର୍ମ - କରଣୀୟକର୍ମ ।

କଳ୍ପ - ବ୍ରହ୍ମାଙ୍କର ଗୋଟିଏ ଦିନ ।
କ୍ରତୁ - ବୈଦିକ କର୍ମ, ଯଜ୍ଞ ।
କାର୍ପଣ୍ୟ ଦୋଷ - କାପୁରୁଷତାରୂପକ ଦୋଷ ।
କାମ - ବାଞ୍ଛା, ଷଡ୍‌ରିପୁମଧ୍ୟରୁ ଏକ ରିପୁ ।
କାମ୍ୟକର୍ମ - କାମନାସିଦ୍ଧି ପ୍ରତି ଲକ୍ଷ୍ୟରଖି କର୍ମ କରିବା, ସକାମ କର୍ମ ।
କିଲ୍‌ବିଷ - ପାପ, ଅନ୍ୟାୟ ।
କୀର୍ତ୍ତି, ମେଧା, ଧୃତି,
ସ୍ମୃତି ଓ କ୍ଷମା - ପ୍ରଜାପତି ଦକ୍ଷଙ୍କ କନ୍ୟାମାନଙ୍କର ନାମ ।
କୁଟସ୍ଥ - ଅପରିବର୍ତ୍ତନୀୟ, ଆଜ୍ଞାଚକ୍ର ।
କୂର୍ମ - କଇଁଛ ।
କୃତାର୍ଥ - ଧନ୍ୟ।

ଖ - ଆକାଶ ।

ଗଣକ - ଗଣନାକାରୀ ।
ଗନ୍ଧର୍ବ - ଦେବଗାୟକ ।
ଗାଣ୍ଡୀବ - ଅର୍ଜୁନଙ୍କ ଧନୁର ନାମ ।
ଗୁଡାକେଶ - ଅର୍ଜୁନ ।

ଚତୁର୍ବର୍ଣ୍ଣ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ତଦାତ୍ମ - ଯାହାର ମନ ତଦ୍ରୁପ ।
ତପୋଯଜ୍ଞ - ପରମାତ୍ମପ୍ରାପ୍ତି ଉଦ୍ଦେଶ୍ୟରେ ଫଳେଚ୍ଛା ତ୍ୟାଗପୂର୍ବକ ବ୍ରତ-ଉପବାସାଦି କରିବା ।
ତ୍ରିଗୁଣାତୀତ - ଶରୀରଦ୍ୱାରା କରାଯାଉଥିବା ସମସ୍ତ କର୍ମରେ ତଥା ତାହାର ଫଳରୂପ ସମସ୍ତ ଭୋଗରେ ଆସକ୍ତି ଓ କାମନାରୁ ରହିତ ହେବା ।

ଦମ - ଇନ୍ଦ୍ରିୟ ସଂଯମ ।
ଦର୍ପ - ଗର୍ବ ।
ଦଶନ - ଦାନ୍ତ ।
ଦକ୍ଷ - ସମର୍ଥ ।
ଦୀର୍ଘସୂତ୍ରୀ - ଯେ କାଳକ୍ଷେପଣ କରେ ।
ଦେବଦତ୍ତ - ଅର୍ଜୁନଙ୍କ ଶଙ୍ଖର ନାମ ।
ଦେବଳ - ଦେବଳ ଋଷି ।
ଦ୍ୟୋତକ - ପ୍ରକାଶକ ।
ଦ୍ରବ୍ୟଯଜ୍ଞ - ପ୍ରାଣୀଙ୍କୁ ସୁଖ ଦେବାଲାଗି ଦ୍ରବ୍ୟ ବ୍ୟୟ କରିବା ।

ଧନଞ୍ଜୟ - ଅର୍ଜୁନ ।
ଧର୍ମ - କର୍ତ୍ତବ୍ୟକର୍ମ ।
ଧୃତି - ଧାରଣ ଶକ୍ତି, ଧୈର୍ଯ୍ୟ ।
ଧ୍ୟେୟ - ଜ୍ଞେୟ

ନବଦ୍ୱାର - ମନୁଷ୍ୟ ଶରୀରର ଦୁଇ ଆଖି, ଦୁଇ କାନ, ଦୁଇ ନାକପୁଡା, ଏକ ମୁଖ, ଜନନେନ୍ଦ୍ରିୟ ଓ ମଳଦ୍ୱାର ।
ନିତ୍ୟତୃପ୍ତ - ପରମାତ୍ମାଙ୍କୁ ଲାଭକରି ନିରନ୍ତର ଆନନ୍ଦରେ ରହିବା ।
ନିତ୍ୟଯୁକ୍ତ - ନିରନ୍ତର ଲାଗି ରହିବା ।
ନିବୃତ୍ତି - ବିରତି, ବିଷୟ ବୈରାଗ୍ୟ ।
ନିମେଷ - ପଲକ, ଆଖିବୁଜିବା ।
ନିରଗ୍ନି - ହୋମ (ଅଗ୍ନି) ତ୍ୟାଗ କରିଥିବା ଲୋକ ।
ନିରାଶ୍ରୟ - ସାଂସାରିକ ବସ୍ତୁ ବା ମନୁଷ୍ୟର ଆଶ୍ରିତ ନ ହେବା ।
ନିର୍ବାଣ - ମୋକ୍ଷ ।
ନିୟାମକ - ନିୟନ୍ତା, ନିୟମକର୍ତ୍ତା ।
ନୈଷ୍କର୍ମ୍ୟସିଦ୍ଧି - ନିଷ୍କାମ କର୍ମଦ୍ୱାରା ଜ୍ଞାନପ୍ରାପ୍ତି ।
ପରମପଦ - ପରମେଶ୍ୱର, ପରମାତ୍ମା ।
ପରମେଷ୍ଠୀ - ବ୍ରହ୍ମା ।
ପରା - ଚେତନ ପ୍ରକୃତି ।
ପରାଶାନ୍ତି - ପରମଶାନ୍ତି ।
ପୁରାତନ ଋଷିମହର୍ଷି - ସନକ, ସନନ୍ଦନ, ସନାତନ ଓ ସନତ୍‌କୁମାର; ଏଇ ଋଷିଜଣ ପୁରାତନ ମହର୍ଷି ।
ପ୍ରବୃତ୍ତି - ଆଗ୍ରହ, କାମରେ ଲାଗିପଡିବା ।
ପ୍ରବୃଦ୍ଧକାଳ - ବଳଶାଳୀ ମହାକାଳ ।
ପ୍ରମାଦ - ଶାସ୍ତ୍ର ବିହିତ କର୍ତ୍ତବ୍ୟ ପାଳନରେ ଅବହେଳା ।
ପାଞ୍ଚଜନ୍ୟ - ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ ।
ପ୍ରାଣ - ଉର୍ଦ୍ଧ୍ୱବାୟୁ ।
ପ୍ରାଣାୟାମ - ଶ୍ୱାସ ଓ ପ୍ରଶ୍ୱାସର ଗତିରୋଧ କରିବାର ନାମ ।
ପିତୃ - ପିତୃଗଣ ।
ପୌଣ୍ଡ୍ର - ଭୀମଙ୍କ ଶଙ୍ଖର ନାମ ।

ବକ୍ତ୍ର - ମୁଖ ।
ବର୍ଣ୍ଣସଙ୍କର - ଭିନ୍ନଜାତୀୟ ପିତା ଓ ମାତାଙ୍କ ଠାରୁ ଉତ୍ପନ୍ନ ।
ବସୁ - ଅଷ୍ଟବସୁ, ଗଣଦେବତା ବିଶେଷ । ଧର, ଧ୍ରୁବ, ସୋମ, ଅହଃ, ଅନିଳ, ଅନଳ, ପ୍ରତ୍ୟୁଷ ଓ ପ୍ରଭାସ - ଏହି ଆଠ ଜଣଙ୍କୁ ବସୁ କହନ୍ତି ।
ବ୍ରହ୍ମନିର୍ବାଣ - ପରମମୁକ୍ତି ।
ବ୍ରହ୍ମଭୂତ - ବ୍ରହ୍ମରେସ୍ଥିତ, ବ୍ରହ୍ମଲୀନ ।
ବାକ୍ - ବ୍ରହ୍ମାଙ୍କ କନ୍ୟା ।
ବ୍ରାହ୍ମୀସ୍ଥିତି - ବ୍ରହ୍ମପ୍ରାପ୍ତ ପୁରୁଷଙ୍କ ସ୍ଥିତି ।

ବିଜିତାତ୍ମା - ଯାହାର ମନ ନିଜବଶରେ ଥାଏ ।
ବିଭୂତି - ସମୃଦ୍ଧି, ଐଶ୍ୱର୍ଯ୍ୟ ।
ବିଜ୍ଞାନ - ତତ୍ତ୍ୱଜ୍ଞାନ, ଆତ୍ମଜ୍ଞାନ ।
ବିରକ୍ତ - ବୈରାଗ୍ୟଯୁକ୍ତ ।
ବିଶ୍ୱଦେବ - ବିଶ୍ୱେଦେବ, ଗଣଦେବତା ବିଶେଷ ।
ବିଷୟ - ଭୋଗ୍ୟବସ୍ତୁ ।
ବ୍ୟୂହ - ଯୁଦ୍ଧରେ କୌଶଳପୂର୍ଣ୍ଣ ସୈନ୍ୟବିନ୍ୟାସ ।
ବୃକୋଦର - ଭୀମ ।
ବୃଷ୍ଣି- ଯଦୁବଂଶ ।
ବୈନତେୟ - ଗରୁଡ଼ ।
ବୈଶ୍ୱାନର ଅଗ୍ନି - ଜଠରାଗ୍ନି ।
ବ୍ରହ୍ମାଙ୍କ ଦିବସ - ୪୩୨ କୋଟି ମାନବ ବର୍ଷ ହେଉଛି ବ୍ରହ୍ମାଙ୍କର ଗୋଟିଏ ଦିବସ ।

ଭାରତ - ଅର୍ଜୁନ ।
ଭୂତ - ପ୍ରାଣୀ ।
ଭୂତଗ୍ରାମ - ଭୂତସମୁଦାୟ ।

ମଣିପୁଷ୍ପକ - ସହଦେବଙ୍କ ଶଙ୍ଖର ନାମ ।
ମଦ୍‌ଗତପରାଣ - ମୋ ପରାୟଣ ହୋଇ ।
ମଦ୍‌ଗତଚିତ୍ତ - ମୋଠାରେ ମନ ନିବେଶ କରି ।
ମଦଯୁକ୍ତ - ରୂପ, ଗୁଣ, ଧନ ଆଦି ନିଶାରେ ମଜି ରହିବା ।
ମନୁଗଣ - ବର୍ତ୍ତମାନ କଳ୍ପର ମନୁଗଣ ହେଲେ: ସ୍ୱାୟମ୍ଭୁବ, ସ୍ୱାରୋଚିଷ, ଉତ୍ତମ, ତାମସ, ରୈବତ, ଚକ୍ଷୁଷ, ବୈବସ୍ୱତ, ସାବର୍ଣ୍ଣି, ଦକ୍ଷସାବର୍ଣ୍ଣି, ବ୍ରହ୍ମସାବର୍ଣ୍ଣି, ଧର୍ମସାବର୍ଣ୍ଣି, ରୁଦ୍ରସାବର୍ଣ୍ଣି, ଦେବସାବର୍ଣ୍ଣି ଓ ଇନ୍ଦ୍ରସାବର୍ଣ୍ଣି ।
ମରୁତ - ପବନ ଦେବତା ।
ମୁମୁକ୍ଷୁ - ମୋକ୍ଷକାମୀ ।
ମୁହ୍ୟମାନ - ମୋହଗ୍ରସ୍ତ ।
ମେରୁ - ହିମାଳୟ ପର୍ବତ ।
ମୋହ - ଶାସ୍ତ୍ରବିରୁଦ୍ଧ କର୍ମପ୍ରତି ଆଗ୍ରହ ।

ଯତଚିତ୍ତ - ସଂଯତଚିତ୍ତ
ଯମ - ଯମରାଜ, ଆତ୍ମସଂଯମ ।
ଯୋଗଭ୍ରଷ୍ଟ - ସାଧନାରୁ ବିଚ୍ୟୁତ ପୁରୁଷ ।
ଯୋଗମାୟା - ଭଗବାନଙ୍କର ଲୀଳା ବିସ୍ତାରିଣୀ ଶକ୍ତି ।
ଯୋଗଯଜ୍ଞ - ଅଷ୍ଟାଙ୍ଗଯୋଗ ରୂପକ ଯଜ୍ଞ ।
ଯୋଗାରୋହଣ - ଯୋଗ ସାଧନାରେ ମଗ୍ନ ।

ଯୋଗ ଯୁକ୍ତ - କର୍ମଯୋଗୀ ।
ଯୋଗକ୍ଷେମ - ଅପ୍ରାପ୍ତ ବସ୍ତୁର ପ୍ରାପ୍ତି
ଓ ପ୍ରାପ୍ତ ବସ୍ତୁର
ସଂରକ୍ଷଣ ।
ଯଜ୍ଞଶେଷାମୃତ - ଯଜ୍ଞରୁ ବଳିଥିବା
ହବିଷ୍ୟାନ୍ନ ।
ଜ୍ଞାନଯଜ୍ଞ - ସ୍ୱାଧ୍ୟାୟ ରୂପକ କର୍ମ ।

ରୁଦ୍ର - ଏକାଦଶ ଗଣଦେବତା ।

ଶମ - ମନ ସଂଯମ ।
ଶାଶ୍ୱତ - ନିତ୍ୟ, ଚିରସ୍ଥାୟୀ ।
ଶୁଚିବନ୍ତ - ପବିତ୍ର ।
ଶୌର୍ଯ୍ୟ - ବୀରତ୍ୱ ।
ଶ୍ରୀ - ମହର୍ଷି ଭୃଗୁଙ୍କ କନ୍ୟାର ନାମ,
ସୌଭାଗ୍ୟ ।
ସ୍ରୁବାଦି - ସ୍ରୁବଆଦି ଉପକରଣ ।

ସତତାଯୁକ୍ତ - ନିତ୍ୟତାଯୁକ୍ତ ।
ସଙ୍କରତା - ବର୍ଣ୍ଣସଙ୍କର ।
ସଂକଳ୍ପ - ମନୋରଥ ।
ସଂଗ୍ରହ - ସଞ୍ଚୟ ।
ସଂଘାତ - ସ୍ଥୂଳଦେହର ପିଣ୍ଡ ।
ସପ୍ତମହର୍ଷି - ମରୀଚି, ଅଙ୍ଗିରା, ଅତ୍ରି,
ପୁଲସ୍ତ୍ୟ, ପୁଲହ, କ୍ରତୁ
ବଶିଷ୍ଠ; ଏ ସାତଜଣଙ୍କୁ
ସପ୍ତମହର୍ଷି କୁହାଯାଏ ।
ସାଧ୍ୟ - ସାଧ୍ୟଗଣ ।
ସାଂଖ୍ୟଯୋଗ - ଜ୍ଞାନଯୋଗ ।
ସ୍ୱଧା - ପିତୃମାନଙ୍କୁ ଦିଆଯାଉଥିବା
ଅନ୍ନ ।
ସ୍ୱାଧ୍ୟାୟ - ଶାସ୍ତ୍ର ଅଧ୍ୟୟନ,
ଆତ୍ମନିରୀକ୍ଷଣ ।
ସ୍କନ୍ଦ - କାର୍ତ୍ତିକେୟ ।
ସିଦ୍ଧ - ଅଲୌକିକ ଶକ୍ତି ସମ୍ପନ୍ନ
ଦେବଯୋନି ବିଶେଷ ।
ସ୍ଥିତପ୍ରଜ୍ଞ - ସ୍ଥିରବୁଦ୍ଧି ପୁରୁଷ ।
ସୁଘୋଷ - ନକୁଳଙ୍କ ଶଙ୍ଖର ନାମ ।

ହିରଣ୍ୟମୟ ପୁରୁଷ - ପରଂବ୍ରହ୍ମଙ୍କ
ଅଭିବ୍ୟକ୍ତି ।
ହୃଷୀକେଶ - ଶ୍ରୀକୃଷ୍ଣ ।

ଅନୁଗୋଳ ଜିଲ୍ଲାର ତାଳଚେର ସବ୍‌ଡ଼ିଭିଜନସ୍ଥ ତାଳବେଡ଼ା ଗ୍ରାମରେ ଏକ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମ । ପିତା ✓ ଶଙ୍କର ଆଚାର୍ଯ୍ୟ ଓ ମାତା ✓ ଚିତ୍ରକଳା ଦେବୀ । ୧୯୬୬ ମସିହାରେ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ହୋଇ ସେହି ବର୍ଷ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଅଧ୍ୟାପକ ରୂପେ ଯୋଗଦାନ । ୧୯୭୩ ମସିହାରେ ଆଇ. ଆଇ.ଟି., ଖଡ଼ଗପୁରରୁ ଏମ୍ ଟେକ୍ ଡ଼ିଗ୍ରୀ ଲାଭ । ସେହି ସମୟରେ ଦିବ୍ୟଜୀବନ ସଂଘର ତତ୍‌କାଳୀନ ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ । ଦିବ୍ୟଜୀବନ ସଂଘ, ଋଷିକେଶ ଓ ଦିବ୍ୟଜୀବନ ସଂଘ ଭୁବନେଶ୍ୱର କେନ୍ଦ୍ରର ଆଜୀବନ ସଭ୍ୟ । ୧୯୮୮ ମସିହାରେ ଆଇ.ଆଇ.ଟି., ଖଡ଼ଗପୁରରୁ ମେକାନିକାଲ୍ ଇଞ୍ଜିନିୟରିଂରେ ପିଏଚ୍.ଡ଼ି. ଡ଼ିଗ୍ରୀ ଲାଭ । ବୁର୍ଲା ଇଞ୍ଜିନିୟରିଂ କଲେଜରେ ପ୍ରଫେସର୍, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ, କଲେଜର ଡ଼ିନ୍ ଅଫ୍ ଏକାଡ଼େମାକ୍ ଆଫେୟାର୍ସ୍ ଭାବରେ କାର୍ଯ୍ୟକରି ଅବଶେଷରେ ଜାନୁୟାରୀ ୨୦୦୪ ମସିହାରେ ଅବସର ଗ୍ରହଣ ।